

**ଜୟସ୍ୱାଲ୍‌ଙ୍କ ଶତକ**

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-353 ◆BHUBANESWAR ◆SATURDAY ◆21 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୫୩ ◆ଭୁବନେଶ୍ୱର ◆ଶନିବାର ◆୨୧ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଓଡ଼ିଶା ହେବ ପେଟ୍ରୋ କେମିକାଲ ହବ୍: ମୋଦୀ

## ଏକବିଂଶ ଶତାବ୍ଦୀରେ ପୂର୍ବ ଭାରତରୁ ମିଳିବ ଦେଶକୁ ବିକାଶ ଗତି

■ **ଭୁବନେଶ୍ୱର, ୨୦।୬ (ସମିସ):** ଏକବିଂଶ ଶତାବ୍ଦୀରେ ଦେଶର ଅଭିବୃଦ୍ଧି ପୂର୍ବ ଭାରତ ଦ୍ୱାରା ପରିଚାଳିତ ହେବ। ଏହି ମନୋଭାବକୁ ନେଇ ସରକାର ସମଗ୍ର ପୂର୍ବ କ୍ଷେତ୍ର ସହିତ ଓଡ଼ିଶାର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ଆମେ ସମସ୍ତେ ମିଳିତ ଭାବେ ଓଡ଼ିଶାକୁ ବିକାଶର ନୂତନ ଶିଖରରେ ପହଞ୍ଚାଇବା । ଆଗାମୀ ଦିନରେ ଓଡ଼ିଶା ଦେଶର ପେଟ୍ରୋ କେମିକାଲ ହବ୍ ହେବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ସ୍ଥାନୀୟ ଜନତା ମଇଦାନରେ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଜ୍ୟ ସରକାରଙ୍କ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ଓଡ଼ିଶାର ବିକାଶକୁ ନୂଆ ଗତି ପ୍ରଦାନ କରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର। ବର୍ତ୍ତମାନ ସମୟରେ ଯେତେବେଳେ ବିକାଶ ଏବଂ ଐତିହ୍ୟର ମନ୍ତ୍ର ଭାରତର ପ୍ରଗତି ପାଇଁ ମୂଳଦୁଆ ପାଲଟିଛି, ଓଡ଼ିଶାର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଛି। ସ୍ୱାଧୀନତା ପରେ ଅନେକ ଦଶନ୍ଧି ଧରି ଦେଶର ଲୋକମାନେ ପୂର୍ବ ଶାସନ ମଡେଲ ଦେଖିଥିଲେ, ଯେଉଁଥିରେ ସୁଶାସନର ଅଭାବ ଥିଲା ଏବଂ ଏହା ଲୋକଙ୍କ ଜୀବନକୁ ସହଜ କରି ପାରିନଥିଲା। ବିକାଶ ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରିବା, ବାଧା ସୃଷ୍ଟି କରିବା ଓ ଦିଗହରା କରିବା ଏବଂ ବ୍ୟାପକ ଦୁର୍ନୀତି କଂଗ୍ରେସର ବିକାଶ ମଡେଲ ପରିଚୟ ଥିଲା। ସାମ୍ପ୍ରତିକ ବର୍ଷଗୁଡ଼ିକରେ




### ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ର କଲେ ଉନ୍ମୋଚନ

### ୧୮,୬୦୦ କୋଟିର ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ

### ବିକଶିତ ଭାରତରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ: ମୁଖ୍ୟମନ୍ତ୍ରୀ

ଆମ ବିକାଶ ମଡେଲକୁ ଦେଶ ବ୍ୟାପକ ଭାବରେ ଅନୁଭବ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ସମାଜର ଦୁର୍ବଳ ବର୍ଗକୁ ସଶକ୍ତ କରିବା ଆମ ସରକାରର ଅନ୍ୟତମ ବଡ଼ ଉପଲବ୍ଧି । ଓଡ଼ିଶାରେ ବହୁ ସଂଖ୍ୟାରେ ଆଦିବାସୀ ଭାଇଭଉଣୀ ଅଛନ୍ତି। ଯେଉଁ ଦଳ ଦେଶରେ ଦୀର୍ଘ ସମୟ ଧରି ଶାସନ କରି ଆସୁଥିଲା, ସେହି ଦଳ ହିଁ ଆଦିବାସୀଙ୍କୁ ନିଜ ରାଜନୈତିକ ସ୍ୱାର୍ଥ ଚରିତାର୍ଥ ପାଇଁ ବ୍ୟବହାର କରି ଆସୁଥିଲା। ଦେଶର ଏହି ବଡ଼ ସଂଖ୍ୟାର ଜନସଂଖ୍ୟାକୁ ନକ୍ସଲବାଦ ହିଂସା, ଅତ୍ୟାଚାର ଆଡ଼କୁ ସେମାନେ ଠେଲି ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ କଂଗ୍ରେସର ନାମ ଉଲ୍ଲେଖ ନ କରି ସମାଲୋଚନା କରିଛନ୍ତି। ଆମର ସରକାର କେବଳ ଗୋଟିଏ ବର୍ଷର ସଫଳତା କିମ୍ବା ପାଞ୍ଚ ବର୍ଷର ଲକ୍ଷ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ଆଗାମୀ ଦଶନ୍ଧି ପାଇଁ ଏକ ରୋଡମ୍ୟାପ୍ ନିର୍ମାଣ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୮ ୬୫୩ କୋଟି ଟଙ୍କାର ୧୦୫ଟି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ର ଉନ୍ମୋଚନ, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପୁସ୍ତିକା ମଧ୍ୟ ଉନ୍ମୋଚନ କରିଛନ୍ତି କରିଛନ୍ତି । ଏହା ସହିତ ପ୍ରଧାନମନ୍ତ୍ରୀ ବୌଦ୍ଧ-ସମ୍ବଲପୁର ଓ ବୌଦ୍ଧ-ଭୁବନେଶ୍ୱର ନୂଆ ଟ୍ରେନ, କଟକରେ ୧୦୦ଟି ବୈଦ୍ୟୁତିକ ବସର ଶୁଭାରମ୍ଭ କରିଛନ୍ତି । ଅନୁରୂପ ଭାବରେ ୧୦୦ ଲକ୍ଷପତି ଦିଦିଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ୧ ବର୍ଷ ଧରି ଆମେ ଓଡ଼ିଶାବାସୀଙ୍କ ସେବାରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ ମୁହୂର୍ତ୍ତ କାମ କରିଛୁ। "ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଆମେ ଆଗକୁ ବଢୁଛୁ। ଚାରି ବର୍ଗ – ଗରିବ, ଅନ୍ନଦାତା, ମହିଳା ଓ ଯୁବକଙ୍କୁ ନଜରରେ ରଖି ଆମର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଆମେ ଆଜି ଠାରୁ ଯୋଜନା ଆରମ୍ଭ କରି ପ୍ରସ୍ତୁତ କରିବା ସହ ଭିଜନ ଡକୁମେଣ୍ଟ- ୨୦୩୬ ଓ ୨୦୪୭ ଆଜି ଉନ୍ମୋଚିତ ହୋଇଛି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛୁ। ୨୦୩୬ ପାଇଁ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ ▶ପୃଷ୍ଠା-୭



# ଘମାଘୋଟ ଲଢ଼େଇ

### ଇସ୍ରାଏଲ ୪ ସହରରେ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼କଲା ଇରାନ

### ଇରାନର ୩ ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ୍‌ର ପ୍ରଚଣ୍ଡ ପ୍ରହାର

■ **ତେଲ ଆଭିଭ, ୨୦।୬ (ଏଜେନ୍ସି):** ଇସ୍ରାଏଲ-ଇରାନ ସଂଘର୍ଷ ଥମିବାର ନା ଧରୁନି। ଏହି ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ ଜାରି ରଖିଛନ୍ତି। ଘମାଘୋଟ ଲଢ଼େଇ ଜାରି ରହିଥିବାବେଳେ ଆମେରିକା ଯୁଦ୍ଧରେ ଲମ୍ଫ ପ୍ରଦାନ କରିବାକୁ ଚାହିଁ ବସିଛି। ୨ ସପ୍ତାହ ମଧ୍ୟରେ ଏହି ଯୁଦ୍ଧରେ ସାମିଲ ହେବ କି ନାହିଁ ତାହାର ନିଷ୍ପତ୍ତି ନିଆଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ସେହିପରି ଇରାନ ଭାରତୀୟ ନାଗରିକଙ୍କ ପାଇଁ ନିଜ ବାୟୁସୀମା ଖୋଲି ଦେଇଛି।

ଯୁଦ୍ଧ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଥିବାବେଳେ ସନ୍ଧ୍ୟାରେ ଇସ୍ରାଏଲର ତେଲ ଆଭିଭ, ବିର୍ସେବା, ହାଇଫା ସହିତ ଅନେକ ସହ ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ହାଇଫାରେ କ୍ଷେପଣାସ୍ତ୍ର ପଡ଼ିବାରୁ ୧୭ ଜଣ ଆହତ ହୋଇଛନ୍ତି। ଜଣେ ନାବାଳକଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେହିପରି ବର୍ସେବା ସହର ଉପରେ ଇରାନ ପ୍ରଥମ ଥର ପାଇଁ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼ କରିଛି। ଏହାର ଅନେକ ଭିଡିଓ ସାମ୍ନାକୁ ଆସିଛି। ବାଲିଷ୍ଟିକ ମିସାଇଲରେ କ୍ଲଷ୍ଟର ବୋମା ଲଗାଇ ମାଡ଼ କରିଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନର କ୍ଷୁଦ୍ର ବୋମା ପଡୁଥିବା ଦେଖି ଯାଉଛି। ଅସ୍ତ୍ରବିରତିର ସମ୍ଭାବନା କମ୍ ଥିବାବେଳେ ଏହି ଅସ୍ତ୍ର ବ୍ୟବହାର କରି ଇରାନ ସଂଘର୍ଷକୁ ଅଧିକ ଘନୀଭୂତ କରିଦେଇଛି। ଏହି ଆକ୍ରମଣରେ ଇସ୍ରାଏଲ ହସ୍ପିଟାଲ କ୍ଷତିଗ୍ରସ୍ତ ହେଇଛି। ଏଥିରେ ୭୧ ଜଣ ଆହତ ହୋଇଛନ୍ତି। ହସ୍ପିଟାଲ ଉପରେ ଆକ୍ରମଣ ପାଇଁ ଇରାନ ନେତୃତ୍ୱକୁ ବହୁମୂଲ୍ୟ ▶ପୃଷ୍ଠା-୭

### 'ଆୟୁଷ୍ମାନ'ରେ ମିଳୁନି ଔଷଧ

# ରାଜ୍ୟ ବାହାରୁ ଫେରୁଛନ୍ତି ରୋଗୀ

**ଜୟପୁର, ୨୦।୬ (ସମିସ):** ନବୀନ ସରକାର ଅମଳରେ ବିଏସ୍‌କେୱାଇ ଯୋଜନା ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲା। ବିଶେଷକରି ଗରିବ ଶ୍ରେଣୀର ରୋଗୀ ଏଥିରୁ ବହୁ ଉପକୃତ ହୋଇପାରୁଥିଲେ। କିନ୍ତୁ ବିଜେପି ସରକାରଙ୍କ ଦ୍ୱାରା ପ୍ରଚଳିତ ଆୟୁଷ୍ମାନ କାର୍ଡ ଏବେ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ନିରାଶ କରୁଛି। ଏପରିକି, ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ବାହାରର ହସ୍ପିଟାଲକୁ ଯାଉଥିବା ରୋଗୀମାନେ ଏହି କାର୍ଡରେ ସ୍ୱାସ୍ଥ୍ୟସେବା ପାଇ ନପାରି ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ଗୋଟିଏ କି' ଦୁଇଟି ଘଟଣା ନୁହେଁ, ଏମିତି ଗଣ୍ଡାଗଣ୍ଡା ଘଟଣା ଏବେ ପଦାକୁ ଆସିବାରେ ଲାଗିଛି। ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି, ଜୟପୁର ସହରର ପ୍ରସାଦ ରାଓ ପେଟାର ବାସିନ୍ଦା ଏମ୍. ରମେଶଙ୍କୁ ଉଦାହରଣସ୍ୱରୂପ ନିଆଯାଇପାରେ।

୨୦୨୧ ମସିହାରୁ ବିଏସକେୱାଇ ଯୋଜନାରେ ସାମିଲ ହୋଇ ଶ୍ରୀ ରମେଶ ନିଜର ଫୁସ୍‌ଫୁସ୍ କର୍କଟ ରୋଗର ଚିକିତ୍ସା କରାଉଥିଲେ। ସେ ପଡ଼ୋଶୀ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଏହି ଯୋଜାନାରେ ତାଙ୍କୁ



ସମସ୍ତ ଚିକିତ୍ସା କାର୍ଡ ମାଧ୍ୟମରେ ମିଳୁଥିଲା। ଔଷଧ ମଧ୍ୟ ମାଗଣାରେ ମିଳୁଥିଲା। କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ପ୍ରଦାନ କେବଳ କେମୋ ଏବଂ ଅସ୍ତ୍ରୋପଚାର ପାଇଁ ବ୍ୟବହୃତ ହେଉଥିବା ବେଳେ ମାଗଣା ଔଷଧ ପ୍ରଦାନ କରାଯାଉନାହିଁ। ଶ୍ରୀ ରମେଶଙ୍କୁ ଦୈନିକ ୩ଟି ଔଷଧ ଖାଇବାକୁ ଡାକ୍ତର ପରମର୍ଶ ଦେଇଥିଲେ। ଏକ ଷ୍ଟ୍ରିପ୍‌ରେ ଥିବା ୧୦ଟି ଔଷଧ ପାଇଁ ଦାମ ୫ ହଜାର ଟଙ୍କା ରହିଥିବା ବେଳେ ମାସିକ ୪୫ରୁ ୫୦ ହଜାର ଟଙ୍କା କେବଳ ଔଷଧ ବାବଦକୁ ତାଙ୍କର ଖର୍ଚ୍ଚ ହେଉଛି। ରମେଶ ଜଣେ ଗରିବ ଶ୍ରେଣୀର ଲୋକ ▶ପୃଷ୍ଠା-୭

# ୨.୯୨ଟଙ୍କା ବଢ଼ିଲା ମଧ୍ୟାହ୍ନ ଭୋଜନ

■**ଭୁବନେଶ୍ୱର, ୨୦।୬ (ସମିସ):** ମଧ୍ୟାହ୍ନ ଭୋଜନ ଦର ବଢ଼ାଇଛନ୍ତି ସରକାର। ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୨ଟଙ୍କା ୯୨ ପଇସା ଲେଖାଏଁ ବୃଦ୍ଧି ହୋଇଛି। ପୂର୍ବରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର ଯଥାକ୍ରମେ ୬.୭୮ ଟଙ୍କା ଓ ୧୦.୧୭ ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ଯଥାକ୍ରମେ ୧.୪୫ ଟଙ୍କା ଓ ୧.୬୫ ଟଙ୍କା ପ୍ରଦାନ କରୁଥିଲେ। ସମ୍ପ୍ରତି ଏହା ବୃଦ୍ଧି ପାଇ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୧.୧୫ ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୪.୭୪ ଟଙ୍କା ହୋଇଛି। ଏହି ନୂତନ ଦର ପିଛିଲା ଭାବେ ମେ' ମାସ ପହିଲାରୁ ଲାଗୁ ହେବ।

ସୂଚନାଯୋଗ୍ୟ, ଉଭୟ କେନ୍ଦ୍ର-ରାଜ୍ୟ ଭାଗୀଦାରିରେ ଏହି ପିଏମ୍-ପୋଷଣ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଭାବେ ସପ୍ତାହକୁ ୩ଟି ଲଡ୍ଡୁ ଏବଂ ଗୋଟିଏ ଅଧିକ ଅଣ୍ଡା ଦିଆଯାଉଥିବାରୁ ଦର ବଢ଼ାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଚିକିତ୍ସା ପାଇଁ ମୁମ୍ବାଇ ଗଲେ ନବୀନ

### ନବୀନ ନିବାସରୁ ବିମାନବନ୍ଦର ଲୋକାରଣ୍ୟ

■ **ଭୁବନେଶ୍ୱର, ୨୦।୬ (ସମିସ):** ହଜାର ହଜାର ଲୋକଙ୍କ ଶୁଭେଚ୍ଛା ଓ ମଙ୍ଗଳକାମନା ସାଥୀରେ ନେଇ ଚିକିତ୍ସା ନିମନ୍ତେ ମୁମ୍ବାଇ ଯାଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୨୨ ତାରିଖରେ ମୁମ୍ବାଇର କୋକାଲବେନ୍ ହସ୍ପିଟାଲରେ ତାଙ୍କର ସର୍ଭିକାଲ ଆର୍ଥ୍ରାଇଟିସ ଅପରେସନ ହେବ। ଆଜି ମୁମ୍ବାଇ ଗସ୍ତ ପୂର୍ବରୁ ନବୀନ ନିବାସଠାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ହଜାର ହଜାର ଲୋକ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ହଜାର ହଜାର ବରିଷ୍ଠ ନାଗରିକ, ମହିଳାମାନେ ନବୀନଙ୍କ ଶୁଭ ମନାସିଛନ୍ତି। ହରିବୋଲ ଓ ହୁଳହୁଳି ଦେଇ ନବୀନଙ୍କ ଉତ୍ତମ ଚିକିତ୍ସା ସହ ଶୀଘ୍ର ସୁସ୍ଥ ହେବାକୁ ପ୍ରାର୍ଥନା କରିଛନ୍ତି ।

ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ଓ ତାଙ୍କର ସୁସ୍ଥତା କାମନା ନିମନ୍ତେ ଶୁକ୍ରବାର ସକାଳୁ ନବୀନ ନିବାସ ସମ୍ମୁଖରେ ଗହଳି ଆରମ୍ଭ ହୋଇ ଯାଇଥିଲା। ଦଳର ବିଧାୟକ, ସାଂସଦ ଓ କର୍ମୀଙ୍କ ସହ ବହୁ ସାଧାରଣ ଜନତା


### ମା' ମାନେ ଅଜାଡ଼ିଲେ ଆଶିଷ, କଲେ ମଙ୍ଗଳକାମନା

ପହଞ୍ଚିଥିଲେ। ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନବୀନ ନିବାସ ସମ୍ମୁଖରେ ମହିଳା ବିଜେଡି କର୍ମୀ ଓ ସାଧାରଣ ଲୋକେ ପୂଜାର୍ଚ୍ଚନା କରିଥିଲେ। ନବୀନ ନିବାସରୁ ବିମାନ ବନ୍ଦର ଅଭିମୁଖେ ନବୀନ ବାହାରିବା ପରେ ରାସ୍ତାରେ ଉଭୟ ପାର୍ଶ୍ୱରେ ଲୋକେ ଛିଡ଼ା ହୋଇ ନବୀନଙ୍କ ପାଇଁ ହରିବୋଲ୍ ହୁଳହୁଳି ପକାଇଥିଲେ। ଏହି ▶ପୃଷ୍ଠା-୭



### ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟାଜଳ; ଉତ୍ତର ବାଲେଶ୍ୱର ପ୍ରଭାବିତ

# ୫୦ରୁ ଊର୍ଦ୍ଧ୍ୱ ଗାଁ ଜଳମଗ୍ନ



■ **ବାଲେଶ୍ୱର(ଉତ୍ତର), ୨୦।୬ (ସମିସ):** ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷର ପ୍ରଥମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମ୍‌ରୁ ଆଜି ସକାଳଠାରୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୭ହଜାର କ୍ୟୁସେକ୍ ବନ୍ୟା ପାଣି ସୁବର୍ଣ୍ଣରେଖାକୁ ଛଡ଼ା ଯାଉଥିବାରୁ ତଳିଆ ଅଞ୍ଚଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସନ୍ଧ୍ୟା ୭ଟା ସୁଦ୍ଧା ରାଜଘାଟଠାରେ ନଦୀର ଜଳସ୍ତର ବିପଦ ସଂକେତ (୧୦.୩୬ ମିଟର) ଟପି (୧୦.୮୮ ମିଟର)ରେ ପ୍ରବାହିତ ହେଉଥିବାରୁ ଉତ୍ତର

### ୧୫ ହଜାର ହେକ୍ଟର ଚାଷଜମି ଜଳମଗ୍ନ

### ସବୁ ବିଭାଗୀୟ ଅଧିକାରୀଙ୍କ ଛୁଟି ବାତିଲ୍

ବାଲେଶ୍ୱରର ଜଳେଶ୍ୱର ବ୍ଲକ୍‌ର ୧୦ଗାଁ, ବାଲିଆପାଳ ବ୍ଲକ୍‌ର ୧୫ଗାଁ ଓ ଭୋଗରାଇ ବ୍ଲକ୍‌ର ୩୦ରୁ ଅଧିକ ଗାଁରେ ବନ୍ୟାଜଳ ପ୍ରବେଶ କରିଛି। ଏହି ସ୍ଥିତି ଜାରି ରହିଲେ, ସୁବର୍ଣ୍ଣରେଖା ନଦୀର ଜଳସ୍ତର ଅଧିକ ବୃଦ୍ଧି ପାଇ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ରହିଛି। ▶ପୃଷ୍ଠା-୭

### ସ୍ୱିସ୍ ବ୍ୟାଙ୍କରେ ହୁ ହୁ ହୋଇ ବଢୁଛି ଭାରତୀୟଙ୍କ ଧନ

# ୨୦୨୪ରେ ଜମାରାଶି ବଢ଼ିଛି ୩ ଗୁଣ

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ସ୍ୱିସ୍ ବ୍ୟାଙ୍କରେ ବଢ଼ିବାରେ ଲାଗିଛି ଭାରତୀୟଙ୍କ ସମ୍ପତ୍ତି। ୨୦୨୩ ତୁଳନାରେ ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ ପରିମାଣରେ ତିନି ଗୁଣ ବୃଦ୍ଧି ଘଟି ଏହା ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କ ହୋଇଛି। ଏହି ପରିମାଣ ଭାରତୀୟ ଟଙ୍କାରେ ପ୍ରାୟ ୩୭,୬୦୦ କୋଟି ଟଙ୍କା। ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ (ଏସ୍‌ଏନ୍‌ବି) ଗତକାଲି ଅର୍ଥାତ୍ ଜୁନ୍ ୧୯ ତାରିଖରେ ଏହି ତଥ୍ୟ ପ୍ରକାଶ କରିଛି। କେବଳ ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଟଙ୍କା ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କକୁ ବୃଦ୍ଧି ପାଇଛି। ଏହା ୨୦୨୩ ତୁଳନାରେ ତିନି ଗୁଣ ଅଧିକ। ସେତେବେଳେ ଏହି ପରିମାଣ ମାତ୍ର ୧.୦୪ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ ୧୧,୦୦୦ କୋଟି ଟଙ୍କା) ଥିଲା। ୨୦୨୧ ପରେ ଏହା ସର୍ବାଧିକ ପରିମାଣ, ଯେତେବେଳେ ଏହା ୨.୮୩ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ



୪୧ ହଜାର କୋଟି) ଥିଲା। ଏହି ଟଙ୍କା ଭାରତୀୟ ବ୍ୟକ୍ତି ଏବଂ କମ୍ପାନୀଗୁଡ଼ିକର, ଯାହା ସ୍ୱିସ୍ ବ୍ୟାଙ୍କରେ ଜମା ହୋଇଛି। କିନ୍ତୁ ଜମା ରାଶିରେ ଅଧିକାଂଶ ବୃଦ୍ଧି ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ମାଧ୍ୟମରେ ଆସୁଥିବା ପାଣ୍ଠି ଯୋଗୁଁ ହୋଇଛି।

ବ୍ୟକ୍ତିଗତ ଗ୍ରାହକଙ୍କ ଆକାଉଣ୍ଟରେ ଜମା ହୋଇଥିବା ପରିମାଣ କେବଳ ୧୧% ବୃଦ୍ଧି ପାଇଛି, ଯାହା ପ୍ରାୟ ୩୪୬ ନିୟୁତ ସ୍ୱିସ୍ ଫ୍ରାଙ୍କ, ଅର୍ଥାତ୍ ପ୍ରାୟ ୩୬୭୫ କୋଟି ଟଙ୍କା। ଅର୍ଥାତ୍, ମୋଟ ପରିମାଣର କେବଳ

### କେବଳ ବର୍ଷକରେ ୩୭,୬୦୦ କୋଟି ଜମା

୧୦ ଭାଗ ବ୍ୟକ୍ତିଗତ ଆକାଉଣ୍ଟରୁ ଆସିଛି। ବାକି ଟଙ୍କା ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ, ବଣ୍ଡ ଏବଂ ସିକ୍ୟୁରିଟି ଭଳି ରୁଟ୍‌ରୁ ଆସିଛି। ସ୍ୱିସ୍ କର୍ତ୍ତୃପକ୍ଷ ଏବଂ ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ସ୍ୱିସ୍ ବ୍ୟାଙ୍କରେ ଜମା ହୋଇଥିବା ସମସ୍ତ ଟଙ୍କାକୁ କଳାଧନ ଭାବରେ ବିବେଚନା କରାଯାଇପାରିବନାହିଁ।

ଏହି ସଂଖ୍ୟାଗୁଡ଼ିକ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କର ସରକାରୀ ରେକର୍ଡରୁ ଆସିଛି। ଏଥିରେ ଭାରତୀୟ ଏନ୍‌ଆର୍‌ଆଇ କିମ୍ବା ଅନ୍ୟ ଲୋକମାନେ ତୃତୀୟ ଦେଶର କମ୍ପାନୀ ନାମରେ ଜମା କରିଥିବା ଟଙ୍କା ଅନ୍ତର୍ଭୁକ୍ତ ହୋଇନାହିଁ। ସ୍ୱିସ୍ କର୍ତ୍ତୃପକ୍ଷ କୁହନ୍ତି ଯେ ସେମାନେ ଟିକସ ଫାଙ୍କି ଏବଂ ଠକେଇ ବିରୁଦ୍ଧରେ ଲଢ଼େଇରେ ଭାରତକୁ ସହଯୋଗ କରୁଛନ୍ତି। ଭାରତ ଏବଂ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ୨୦୧୮ ମସିହାରୁ ଆର୍ଥିକ ସୂଚନା ବାଣ୍ଟିବା ପାଇଁ ଏକ ଚୁକ୍ତି ହୋଇଛି। ଏହା ଅଧୀନରେ, ପ୍ରତିବର୍ଷ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଆକାଉଣ୍ଟ ବିଷୟରେ ସୂଚନା ଭାରତକୁ ପ୍ରଦାନ କରାଯାଏ। ୨୦୧୯ ଏବଂ ୨୦୨୦ ମସିହାରେ ମଧ୍ୟ ବ୍ୟାଙ୍କ ଭାରତକୁ ଏପରି ସୂଚନା ଦେଇଥିଲା।





## ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ ରାଜନାଥ

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ। ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଏହି ବୈଠକରେ ମିଳିତ ହେବେ। ଏହି ସମ୍ମିଳନୀ ଚୀନ୍‌ର କିଙ୍ଗଡ଼ାଓରେ ଜୁନ୍ ୨୫ରୁ ୨୭ ତାରିଖ ମଧ୍ୟରେ ଆୟୋଜନ ହେବ। ଅପରେସନ ସିନ୍ଦୁର ପରେ ରାଜନାଥ ପ୍ରଥମଥର ପାଇଁ ଏହି ସମ୍ମିଳନୀରେ ଯୋଗ ଦେବେ। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ମଧ୍ୟ ଏଥିରେ ଯୋଗ ଦେବେ। ଦୀର୍ଘ ୭ ବର୍ଷ ପରେ କୌଣସି ଭରାତୀୟ ମନ୍ତ୍ରୀ ଚୀନ୍ ଯାତ୍ରା କରିବେ। ରାଜନାଥ ଚୀନ୍ ପ୍ରତିରକ୍ଷା ମନ୍ତ୍ରୀ ଆଡମିରାଲ ହଙ୍ଗ ଜୁନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। କୈଳାଶ ମାନସରୋବର ଯାତ୍ରା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି। ସୀମାରେ ଉତ୍ତେଜନା ପ୍ରଶମିତ କରିବାକୁ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ଼ କରିବାକୁ ଭାରତ ଓ ଚୀନ୍ ବିଭିନ୍ନ ବୈଠକରେ ମିଳିତ ହେଉଛନ୍ତି। ଏହି ସମ୍ମିଳନୀ ଦୁଇ ଦେଶ ମଧ୍ୟରେ କୁଟନୈତିକ ସମ୍ପର୍କକୁ ଆହୁରି ଉନ୍ନତ କରିବ ବୋଲି ଆଶା କରାଯାଉଛି।

● ମଣିପୁରରେ ପୁଣି ହିଂସା

## ଚୁରାଚାନ୍ଦପୁରରେ ଗୁଳିମାଡ଼ରେ ମହିଳା ମୃତ

ଇମ୍ଫାଲ, ୨୦ା୬(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ପୁଣି ହିଂସା ସୃଷ୍ଟି ହୋଇଛି। ଚୁରାଚାନ୍ଦପୁର ଜିଲ୍ଲାରେ ଗୁରୁବାର ସୁରକ୍ଷାକର୍ମୀ ଓ ଅଜ୍ଞାତ ଦୁର୍ବୃତଙ୍କ ମଧ୍ୟରେ ଗୁଳି ବିନିମୟ ହେବା ଫଳରେ ଜଣେ ବୟସ୍କ କୁକି ମହିଳା ମୃତ୍ୟୁବରଣ କରିଛନ୍ତି। ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ ଆରମ୍ଭ କରିବା ପରେ ଏହି ଏନ୍‌କାଉଣ୍ଟର ଘଟିଥିଲା। ସେହିପରି ବିଷ୍ଣୁପୁର ଜିଲ୍ଲାରେ ବିଲ୍‌ରେ କାମ କରୁଥିବା ବେଳେ ଜଣେ ମେଡେଇ କୃଷକଙ୍କ ଦେହରେ ଗୁଳି ବାଜିଛି। ନିକଟସ୍ଥ ପାହାଡ ଉପରେ ଏହି ଗୁଳି ଚଳାଯାଇଥିଲା ବୋଲି କୁହାଯାଇଛି। ଗତ ୭ ତାରିଖରେ ମେଡେଇ ନେତା ଅଶୋମ କନନ୍ ସିଂ ସିବିଆଇ ଦ୍ୱାରା ଗିରଫ ହେବା ପରେ ରାଜ୍ୟରେ ପୁଣି ହିଂସା ସୃଷ୍ଟି ହୋଇଛି।

## ୨୦୨୪ ନିର୍ବାଚନରେ ୧, ୪୯୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବିଜେପି

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ଗତ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସର୍ବାଧିକ ୧, ୪୯୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବୋଲି ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ମୋଟ ନିର୍ବାଚନ ଖର୍ଚ୍ଚର ଏହା ୪୪.୫୬ ପ୍ରତିଶତ ବୋଲି କୁହାଯାଇଛି। ଏହିକ୍ରମରେ ଦେଖିବାକୁ ଗଲେ ବିରୋଧୀ ଦଳ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିବ। ନିର୍ବାଚନରେ କଂଗ୍ରେସ ୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି ଓ ଏହା ଦେଶର ମୋଟ୍ ନିର୍ବାଚନ ଖର୍ଚ୍ଚର ୧୮.୫ ପ୍ରତିଶତ। ଦେଶରୁ ୩୨ଟି ଜାତୀୟ ତଥା ଆଞ୍ଚଳିକ ଦଳଗୁଡିକ ନିର୍ବାଚନରେ ଖର୍ଚ୍ଚ କରିଥିବା ଅର୍ଥର ପରିମାଣକୁ ନେଇ ତାଲିକା ପ୍ରକାଶ କରିଛି। ରାଜନୈତିକ ଦଳଗୁଡିକ ଲୋକସଭା ସହିତ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକିମ ବିଧାନସଭା ନିର୍ବାଚନରେ ମୋଟ୍ ୩, ୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୧୪ ମାର୍ଚ୍ଚ ୧୬ରୁ ଜୁନ୍ ୬ ମଧ୍ୟରେ ଏହି ନିର୍ବାଚନଗୁଡିକ ଅନୁଷ୍ଠିତ ହୋଇଥିଲା। ଜାତୀୟ ଦଳଗୁଡିକ ମୋଟ୍ ଉପରେ ନିର୍ବାଚନରେ ୨, ୨୦୪ କୋଟି ଟଙ୍କା ଖର୍ଚ୍ଚର୍ କରିଛନ୍ତି। ଏହା ମୋଟ ନିର୍ବାଚନ ଖର୍ଚ୍ଚର ୬୫.୭୫ ପ୍ରତିଶତ। ଜାତୀୟ ଦଳଗୁଡିକ ନିର୍ବାଚନ ପାଇଁ ୬, ୯୩୦. ୨୪୬ କୋଟି ଟଙ୍କା ପାଣ୍ଠି ସଂଗ୍ରହ କରିଥିଲେ ଓ ଏହା ମୋଟ୍ ପାଣ୍ଠି ସଂଗ୍ରହର ୯୩.୦୮ ପ୍ରତିଶତ। ସେହିପରି ଆଞ୍ଚଳିକ ଦଳଗୁଡିକ ୫୧୫.୩୨ କୋଟି ଟଙ୍କା (୬.୯୨ ପ୍ରତିଶତ) ପାଣ୍ଠି ସଂଗ୍ରହ କରିଥିଲେ।

## ଶୁଭାଂଶୁଙ୍କ ମହାକାଶ ଯାତ୍ରା ପୁଣି ଘୁଞ୍ଚିଲା

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କ ମହାକାଶ ଯାତ୍ରା ପୁଣି ଘୁଞ୍ଚିଛି। ଶୁଭାଂଶୁ ଓ ତାଙ୍କ ସାଥିମାନେ ଅକ୍ସିଅମ-୪ ମିସନ୍‌ରେ ଇଣ୍ଟର ନ୍ୟାସନାଲ ସ୍ପେସ୍ ଷ୍ଟେସନ (ଆଇଏସ୍‌ଏସ୍)କୁ ୨୨ ତାରିଖରେ ଯାତ୍ରା ଆରମ୍ଭ କରିବାର କାର୍ଯ୍ୟକ୍ରମ ଥିଲା। ଆଇଏସ୍‌ଏସ୍‌ର ସୁରକ୍ଷା ଯାଞ୍ଚ୍ କରାଯିବାକୁ ଦୃଷ୍ଟିରେ ରଖି ଏହି ମିସନ ତଥା ଯାତ୍ରାକୁ ୫ମଥର ପାଇଁ ଘୁଞ୍ଚାଇଯାଇଛି। ପୂର୍ବରୁ ଏହାକୁ ଜୁନ୍ ୧୧ ତାରିଖରେ ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଲଞ୍ଚ୍ କରାଯିବାର କାର୍ଯ୍ୟକ୍ରମ ଥିଲା। ଏହି ମିସନରେ ୪ଟି ଦେଶର ମହାକାଶଚାରୀ ୧୪ ଦିନ ପାଇଁ ସ୍ପେସ୍ ଷ୍ଟେସନ ଯିବାର କାର୍ଯ୍ୟକ୍ରମ ରହିଛି। ଶୁଭାଂଶୁ ଏହିକ୍ରମରେ ପ୍ରଥମ ଭରାତୀୟ ଭାବେ ଆଇଏସ୍‌ଏସ୍‌କୁ ଓ ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯିବେ। ପୂର୍ବରୁ ୧୯୮୪ରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ଅନ୍ତରୀକ୍ଷ ଯାତ୍ରା କରି ଇତିହାସ ସୃଷ୍ଟି କରିଥିଲେ।

## 'ପ୍ରତିଭା ସେତୁ' ଲଞ୍ଚ୍ କଲା ୟୁପିଏସ୍‌ସି

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) 'ପ୍ରତିଭା ସେତୁ' ନାମକ ଏକ ନୂଆ ସ୍କିମ୍ ତଥା ଯୋଜନା ଆରମ୍ଭ କରିଛି। ଅବଶ୍ୟ ଏହା ପୂର୍ବରୁ ପବ୍ଲିକ ଡିସ୍‌କ୍ଲୋଜର ସ୍କିମ (ପିଡିଏସ୍) ନାମରେ ପରିଚିତ ଥିଲା। ଦେଶର ଶ୍ରେଷ୍ଠ ପ୍ରତିଭାସମ୍ପର୍ଣ୍ଣର ଛାତ୍ରଛାତ୍ରୀଙ୍କୁ ଚାକିର ଦେବାରେ ଏହା ସହାୟ ହେବ ବୋଲି କୁହାଯାଉଛି। ଯେଉଁ ପ୍ରାର୍ଥୀମାନେ ୟୁପିଏସ୍‌ସି ଫାଇନାଲ ରାଉଣ୍ଡର ପହଞ୍ଚି ମଧ୍ୟ ପରୀକ୍ଷା କ୍ଲିୟର କରିପାରୁ ନାହାନ୍ତି କିମ୍ବା ବିଫଳ ହେଉଛନ୍ତି ସେମାନେ ଏହି ଯୋଜନା ଦ୍ୱାରା ସେମାନଙ୍କୁ ବିଭିନ୍ନ ଘରୋଇ ଓ ସରକାରୀ ସଂସ୍ଥାଗୁଡିକରେ ଚାକିରି ମିଳିପାରିବ ଓ ସେମାନେ ଚାକିରିର ସୁଯୋଗ ପାଇ ପାରିବେ।

### ବଢ଼ୁଛି ବିମାନ ସୁରକ୍ଷା ଚିନ୍ତା

# ବଜେଟ କମ୍; ସୁରକ୍ଷା ପାଇଁ ମିଳୁଛି ମାତ୍ର ୩୫ କୋଟି



ନୂଆଦିଲ୍ଲୀ, ୨୦ା୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରଠାରୁ ସୁରକ୍ଷା ନେଇ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ଏହି ଅବଧି ମଧ୍ୟରେ ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଜନିତ କାରଣରୁ କେବଳ ଏୟାର ଇଣ୍ଡିଆର ୮୫ରୁ ଅଧିକ ଉଡ଼ାଣ ବାତିଲ କରାଗଲାଣି। ଏହା ମଧ୍ୟରେ ସଂସଦୀୟ କମିଟି ପକ୍ଷରୁ ଉପସ୍ଥାପିତ ରିପୋର୍ଟକୁ ନେଇ ଭୟ ବଢ଼ି ଚାଲିଛି। ମାର୍ଚ୍ଚରେ ରାଜ୍ୟସଭାରେ ଉପସ୍ଥାପିତ ଏହି ରିପୋର୍ଟରେ ଚିନ୍ତାଜନକ ତଥ୍ୟ ଦିଆଯାଇଥିଲା। ବିମାନ ଦୁର୍ଘଟଣାର ଯାଞ୍ଚ ଏବଂ ଆଭିଏସନ ସୁରକ୍ଷା ପାଇଁ ପାଣ୍ଠିରେ ଅନିୟମିତତା ଥିବା କୁହାଯାଇଥିଲା। ପର୍ଯ୍ୟଟନ, ପରିବହନ ଏବଂ ସଂସ୍କୃତି ମନ୍ତ୍ରାଳୟର ସଂସଦୀୟ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଥିଲା ଯେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଆଭିଏସନ ବଜାର। କିନ୍ତୁ ସୁରକ୍ଷା ଭିତ୍ତିଭୂମି ଏବଂ ବିମାନ ଦୁର୍ଘଟଣାର ଯାଞ୍ଚ ପାଇଁ କେବଳ ୩୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହା ଯଥେଷ୍ଟ ନୁହେଁ। ପାଣ୍ଠି ନ ମିଳିଲେ ସୁରକ୍ଷା ଏବଂ ଯାଞ୍ଚ କେମିତି ହେବ ବୋଲି ପ୍ରଶ୍ନ ଉଠୁଛି।

ରିପୋର୍ଟରେ କୁହାଯାଇଛି ଯେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ), ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏବଂ ବ୍ୟୁରୋ ଅଫ୍ ସିଭିଲ ଆଭିଏସନ ସିକ୍ୟୁରିଟି (ବିସିଏଏସ)କୁ ଯେଉଁ ବଜେଟ ମିଳୁଛି ତାହା ବହୁତ କମ୍। ଏହି ପାଣ୍ଠି ଆବଣ୍ଟନରେ ବି ସମସ୍ୟା ରହିଛି। ରିପୋର୍ଟ ଅନୁଯାୟୀ ୨୦୨୫-୨୬ ପାଇଁ ଡିଜିସିଏକୁ ୩୦ କୋଟି ଟଙ୍କା ଦିଆଯାଇଛି। ସେହିପରି ଏଏଆଇବିକୁ କେବଳ ୨୦ କୋଟି ଏବଂ ବିସିଏଏସ୍‌କୁ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭାରତରେ ବିମାନବନ୍ଦର ଏବଂ ଯାତ୍ରୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ଏଏଆଇବି ଏବଂ ବିସିଏଏସକୁ ଅଧିକ ବଜେଟ ଦେବାକୁ କମିଟି ପରାମର୍ଶ ଦେଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫-୨୬ର ବଜେଟ ଖର୍ଚ୍ଚରେ ପ୍ରମୁଖ ଆଭିଏସନ ଏଜେନ୍ସି ମଧ୍ୟରେ ପାଣ୍ଠି ବଣ୍ଟନକୁ ଯଥେଷ୍ଟ ତଫାତ ରହିଛି। ଆଭିଏସନ ନିୟମ ପାଳନ କରୁଥିବା ଏବଂ ଏୟାରଲାଇନ୍ସ ଉପରେ ନଜର ରଖୁଥିବା ଡିଜିସିଏକୁ ମୋଟ ବଜେଟର ପ୍ରାୟ ଅଧା ଅର୍ଥାତ୍ ୩୦ କୋଟି ଟଙ୍କା ଦିଆଯାଇଛି। ଏହି ପାଣ୍ଠିର ସମୀକ୍ଷା କରିବାକୁ କମିଟି ପରାମର୍ଶ ଦେଇଛି। ନିୟମର ସଠିକ୍ ଅନୁପାଳନ ପାଇଁ ଅଧିକ ପାଣ୍ଠି ଦେବା ଜରୁରୀ। ଏହା ମଧ୍ୟ ଧ୍ୟାନ ରଖିବା ଜରୁରୀ ଯେ ବେସାମରିକ ବିମାନ ପରିଚାଳନା ଭିତ୍ତିଭୂମି ଦ୍ରୁତଗତିରେ ସମ୍ପ୍ରସାରିତ ହେଉଛି। ୨୦୧୪ରେ ୭୪ ବିମାନବନ୍ଦର ଥିବାବେଳେ ୨୦୨୨ରେ ଏହା ୧୪୭ରେ ପହଞ୍ଚି ଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ୨୨୦ରେ ପହଞ୍ଚିଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଭଳି ସ୍ଥିତିରେ ସୁରକ୍ଷା ଏବଂ ଯାଞ୍ଚ ଜନିତ ସମ୍ବଳକୁ ବୃଦ୍ଧି କରିବା ଜରୁରୀ।

## ପୁଣି ଏୟାର ଇଣ୍ଡିଆର ୯ ବିମାନ ରଦ୍ଦ

**୯ ଦିନରେ ୮୫ ବିମାନର ଉଡ଼ାଣ ବାତିଲ**

ନୂଆଦିଲ୍ଲୀ, ୨୦ା୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି। କ୍ରମାଗତ ଭାବେ ବିମାନ ଉଡ଼ାଣ ରଦ୍ଦ ହେବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ଏୟାର ଇଣ୍ଡିଆର ୯ଟି ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଏଥିରେ ୪ଟି ଅନ୍ତର୍ଜାତୀୟ ଏବଂ ୫ଟି ଘରୋଇ ଉଡ଼ାଣ ସାମିଲ ରହିଛି। ବିମାନବନ୍ଦରରେ ରକ୍ଷଣାବେକ୍ଷଣ ଏବଂ ଅପରେସନାଲ କାର୍ଯ୍ୟ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଘରୋଇ ବିମାନଗୁଡିକ ମଧ୍ୟରେ ପୁନେରୁ ଦିଲ୍ଲୀ ଯାଉଥିବା ଏଆଇ୮୭୪, ଅହମଦାବାଦରୁ ଦିଲ୍ଲୀ ଯାଉଥିବା ଏଆଇ୪୫୬, ହାଇଦରାବାଦରୁ ମୁମ୍ବାଇ ଯାଉଥିବା ଏଆଇ୨୮୭୨ ଏବଂ ଚେନ୍ନଇରୁ ମୁମ୍ବାଇ ବିମାନ ଏଆଇ୫୭୧ ସାମିଲ ରହିଛି। ସେହିପରି ଅନ୍ତର୍ଜାତୀୟ ଉଡ଼ାଣରେ ଦୁବାଇରୁ ଚେନ୍ନଇ ଆସୁଥିବା ଏଆଇ୯୦୬, ଦିଲ୍ଲୀରୁ ମେଲବର୍ଣ୍ଣ ଯିବାକୁ ଥିବା ଏଆଇ୩୦୮, ମେଲବର୍ଣ୍ଣରୁ ଦିଲ୍ଲୀ ଆସୁଥିବା ଏଆଇ୩୦୯ ଏବଂ ଦୁବାଇରୁ ହାଇଦରାବାଦ ଆସୁଥିବା ଏଆଇ୨୨୦୪ ବିମାନକୁ ବାତିଲ କରିଦିଆଯାଇଛି। ଏଭଳି ଭାବେ ଅହମଦାବାଦ ବିମାନ ଦୁର୍ଘଟଣା ପରଠାରୁ ଏ ପର୍ଯ୍ୟନ୍ତ ୯ ଦିନରେ ଅଲଗା ଅଲଗା କାରଣ ପାଇଁ ୮୫ ଉଡ଼ାଣ ରଦ୍ଦ କରାଗଲାଣି।

ଗତ ୧୨ ତାରିଖରେ ହୋଇଥିବା ବିମାନ ଦୁର୍ଘଟଣାରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ପ୍ରତ୍ୟେକ ବିମାନବନ୍ଦରରେ ବିମାନର ଅପରେସନାଲ ଚେକିଂକୁ କଡ଼ାକଡ଼ି କରିଦିଆଯାଇଥିଲା। ତେବେ ଗତ ୧୨ ତାରିଖରେ ୫ଟି, ୧୩ରେ ୧୧ଟି, ୧୪ରେ ୧୨ଟି, ୧୫ରେ ୧୪ଟି, ୧୬ରେ ୧୧ଟି, ୧୭ରେ ୧୬ଟି, ୧୮ରେ ୩ଟି ଏବଂ ୧୯ରେ ୯ଟି ବିମାନ ବାତିଲ କରାଯାଇଛି।

## ବ୍ଲାକ ବକ୍ସ ବିଦେଶ ପଠାଇବାକୁ କୌଣସି ନିଷ୍ପତ୍ତି ହୋଇନି: କେନ୍ଦ୍ର

ନୂଆଦିଲ୍ଲୀ, ୨୦ା୬ (ଏଜେନ୍ସି): ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନର ବ୍ଲାକ୍ ବକ୍ସକୁ ଯାଞ୍ଚ ପାଇଁ ବିଦେଶ ପଠାଇବାକୁ ଏବେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏବେ ମାମଲାର ତଦନ୍ତ ଜାରି ରହିଛି। କେନ୍ଦ୍ର ପକ୍ଷରୁ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି।



କୁହାଯାଇଛି ଯେ ବିମାନର ବ୍ଲାକ ବକ୍ସ କେଉଁଠିକୁ ପଠାଯିବ ତାହାର ନିଷ୍ପତ୍ତି ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସ ବ୍ୟୁରୋ (ଏଏଆଇବି) ନେବ। ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଗୋପନୀୟ ଦୃଷ୍ଟିକୋଣକୁ ଧ୍ୟାନରେ ରଖି ଏ ନେଇ ନିଷ୍ପତ୍ତି ନିଆଯିବ। ଏବେ ଏଏଆଇବି ଏହି ମାମଲାର ଯାଞ୍ଚ କରୁଛି। ଏହା ବ୍ୟତୀତ ସ୍ୱରାଷ୍ଟ୍ର ସଚିବଙ୍କ ନେତୃତ୍ୱାଧୀନ ଉଚ୍ଚସ୍ତରୀୟ କମିଟି ମଧ୍ୟ ଦୁର୍ଘଟଣାର କାରଣ ଜାଣିବା ପାଇଁ ଯାଞ୍ଚ ଜାରି ରଖିଛି। ଏହି କମିଟି ତିନି ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବିମାନର ଦୁଇଟି ବ୍ଲାକ ବକ୍ସ ସିଭିଆର ଏବଂ ଡିଏଫଡିଆର ମିଳିଛି। ପ୍ରଥମଟି ଗତ ୧୩ ତାରିଖରେ ଏବଂ ଦ୍ୱିତୀୟଟି ୧୬ ତାରିଖରେ ଉଦ୍ଧାର କରାଯାଇଥିଲା।

## ଯୁଦ୍ଧରେ ଦିନକୁ ୬ ହଜାର କୋଟି ଖର୍ଚ୍ଚ କରୁଛି ଇସ୍ରାଏଲ


ତେଲ ଆଭିଭ, ୨୦ା୬ (ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଘମାଘୋଟ ସଂଘର୍ଷ ଜାରି ରହିଛି। ଉଭୟ ଦେଶ ପରସ୍ପର ବିରୋଧରେ ଆକ୍ରମଣ ଜାରି ରଖିଥିବାବେଳେ ସଂଘର୍ଷ ଥମିବାର ନା ଧରୁନାହିଁ। ଏଣେ ଆମେରିକା ଏହି ଯୁଦ୍ଧକୁ ଲମ୍ଫ ପ୍ରଦାନ କରିବାକୁ ଚାହିଁ ବସିଛି। ତେବେ ଏହି ଯୁଦ୍ଧ ଆର୍ଥିକ ସଙ୍କଟରେ ବଦଳିବାରେ ଲାଗିଛି। ଏଥିପାଇଁ ଇସ୍ରାଏଲର ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି। ଏହି ଯୁଦ୍ଧ ପାଇଁ ଇସ୍ରାଏଲର ଦିନକୁ ୭୨୫ ମିଲିୟନ ଡଲାର (ପ୍ରାୟ ୬ ହଜାର କୋଟି ଟଙ୍କା) ଖର୍ଚ୍ଚ ହେଉଛି। ଏଥିରେ କେବଳ କ୍ଷେପଣାସ୍ତ୍ର, ଜେଟ୍ ଇନ୍ଧନ, ବୋମାମାଡ଼ ଏବଂ ସୈନିକ ମୁତୟନ ଭଳି ପ୍ରତ୍ୟକ୍ଷ ଖର୍ଚ୍ଚ ସାମିଲ ରହିଛି। ଯଦି ସାର୍ବଜନୀନ ଭିତ୍ତିଭୂମିରେ ହୋଇଥିବା କ୍ଷତି ଏବଂ ଉତ୍ପାଦନ ହ୍ରାସକୁ ଯୋଡ଼ି ଦିଆଯାଏ ତେବେ ଖର୍ଚ୍ଚ ଢେର ଅଧିକ ହେବ ବୋଲି ଇସ୍ରାଏଲର ପୂର୍ବତନ ପ୍ରତିରକ୍ଷା ପରାମର୍ଶଦାତା ବ୍ରିଗେଡିୟର ଜେନେରାଲ ରିମ ଏମିନାକ କହିଛନ୍ତି।

**ପ୍ରଥମ ଦୁଇ ଦିନରେ ୧୨, ୫୦୦ କୋଟି**

ଏହା ମଧ୍ୟରେ ଇସ୍ରାଏଲ ଅର୍ଥ ମନ୍ତ୍ରାଳୟ ୨୦୨୫ ପାଇଁ ଜିଡିପି ଅଭିବୃଦ୍ଧି ଅନୁମାନକୁ ୪.୩%ରୁ ହ୍ରାସ କରି ୩.୬ ପ୍ରତିଶତ କରିଦେଇଛି। ସେହିପରି ୨୦୨୫ରେ ପୂର୍ବରୁ ଧାର୍ଯ୍ୟ ବଜେଟ କ୍ଷତି ସୀମା ମଧ୍ୟ ୪.୯%ରୁ ଅଧିକ ବୃଦ୍ଧି ପାଇପାରେ। ସେହିପରି ଇରାନରେ ଆକ୍ରମଣର ପ୍ରଥମ ଦୁଇ ଦିନରେ ଇସ୍ରାଏଲର ୧.୪୫ ବିଲିୟନ ଡଲାର (ପ୍ରାୟ ୧୨, ୫୦୦ କୋଟି ଟଙ୍କା) ଖର୍ଚ୍ଚ ହୋଇଥିଲା। ଏଥିରେ ୫୯୩ ମିଲିୟନ ଡଲାର (ପ୍ରାୟ ୫ ହଜାର କୋଟି ଟଙ୍କା)ର ବୋମା, ଜେଟ୍ ଇନ୍ଧନ ଖର୍ଚ୍ଚ ସାମିଲ ରହିଛି।

## ଇସ୍ରାଏଲ୍ ଉପରେ ଇରାନ୍‌ର କ୍ଲଷ୍ଟର ବୋମା ମାଡ଼

ତେହେରାନ୍, ୨୦ା୬(ଏଜେନ୍ସି): ମଧ୍ୟପ୍ରାଚ୍ୟର ଦୁଇ ଦେଶ ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ୮ମ ଦିନରେ ପହଞ୍ଚିଛି। ଯୁଦ୍ଧର ଭୟାଭୟତା ବଢ଼ିବାରେ ଲାଗିଛି ଓ ଏହା ଏବେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଦୁଇ ଦେଶ ପରସ୍ପର ଉପରେ ମିସାଇଲ ଓ ଡ୍ରୋନ୍ ମାଡ କରିବା ପ୍ରକ୍ରିୟା ଜାରି ରଖିଛନ୍ତି। ଇସ୍ରାଏଲ୍ ଇରାନ୍‌ର ଆଣବିକ ଭିତ୍ତିଭୂମି ଉପରେ ମିସାଇଲ ମାଡ଼ କରିଛି। ଇରାନ ମଧ୍ୟ କଡ଼ା ଜବାବ ଦେବାକୁ ପ୍ରୟାସ ଜାରି ରଖିଛି। ଇସ୍ରାଏଲ ଉପରେ ଇରାନ ନିଷିଦ୍ଧ ହୋଇଥିବା କ୍ଲଷ୍ଟର ବମ୍ ମାଡ଼ କରିଛି। ପ୍ରଥମଥର ପାଇଁ ଏହି ଯୁଦ୍ଧରେ କ୍ଲଷ୍ଟର ବମ୍‌ର ବ୍ୟବହାର ହୋଇଛି। ଇସ୍ରାଏଲର ଏକ ହସ୍ପିଟାଲ ଉପରେ ମଧ୍ୟ ଇରାନ ଆକ୍ରମଣ କରିଛି। ଏହାର ଦୃଢ଼ ଜବାବ ଦିଆଯିବ ଓ ଇରାନ୍‌କୁ



ଏହାର ସୁଧମୂଳ ସହ ମୂଲ୍ୟ ଦେବାକୁ ହେବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।

ସେପଟେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧରେ ଆମେରିକା ପ୍ରତ୍ୟକ୍ଷ ଭାବେ ସାମିଲ ହେବା ନେଇ ସୂଚନା ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଆମେରିକା ଇସ୍ରାଏଲ ସପକ୍ଷରେ ଏହି ଯୁଦ୍ଧରେ ସାମିଲ ହେବ କି ନା, ସେ ନେଇ ନିଷ୍ପତ୍ତି ନେବ ବୋଲି ଟ୍ରମ୍ପ କହିଛନ୍ତି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇ ନିର୍ଦ୍ଦେଶ ଦେବା ମାତ୍ରେ ହିଁ ଇରାନ ମାତ୍ର କେତୋଟି ସପ୍ତାହ ମଧ୍ୟରେ ପରମାଣୁ ଅସ୍ତ୍ର ସୃଷ୍ଟି କରିବାରେ ସକ୍ଷମ ବୋଲି ଟ୍ରମ୍ପ କହିଛନ୍ତି। ଅର୍ଥାତ ଇରାନ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ଟ୍ରମ୍ପ ପରୋକ୍ଷରେ ଚେତାଇଛନ୍ତି ବୋଲି କୁହାଯାଇପାରେ। ଇତିମଧ୍ୟରେ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟିକୋଫ୍ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରକଚିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି।

## ୭.୪ କୋଟି ଠକେଇ; ଆଇପିଏସ୍‌ଙ୍କ ସ୍ୱାମୀ ଗିରଫ



ମୁମ୍ବାଇ, ୨୦ା୬ (ଏଜେନ୍ସି): ପତ୍ନୀ ଆଇପିଏସ ଅଧିକାରୀ। ଆଉ ତାଙ୍କ ସ୍ୱାମୀ ଜଣେ ବ୍ୟବସାୟୀ। ପତ୍ନୀଙ୍କ କ୍ଷମତା ଆଡୁଆଳରେ ରହି ପତି ଚଳାଇ ଥିଲେ କଳାକାରନାମା। କାହାକୁ ଫ୍ଲାଟ ଦେବାକୁ କହି ଠକୁଥିଲେ ତ ଆଉ କାହାକୁ ପୁଲିସ ଏକାଡେମୀକୁ ଟି-ସାର୍ଟ ଯୋଗାଣ କରିବାର ଠିକା କରାଇଦେବାକୁ କହି କୋଟି କୋଟି ଟଙ୍କା ହଡ଼ପ କରୁଥିଲେ। ଏହି ମାମଲାରେ ମୁମ୍ବାଇ ପୁଲିସର ଆର୍ଥିକ ଶାଖା (ଇଓଡବ୍ଲ୍ୟୁ) ବୁଧବାର ସୁରଟ ବ୍ୟବସାୟୀ ପୁରୁଷୋତ୍ତମ ଚଭନଙ୍କୁ ଗିରଫ କରିଛି। ୭.୪୨ କୋଟି ଟଙ୍କାର ଠକେଇ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚଭନଙ୍କ ପତ୍ନୀ ରଶ୍ମି କରନ୍ଦିକର ଜଣେ ଆଇପିଏସ ଅଧିକାରୀ। ପୁରୁଷୋତ୍ତମ ପତ୍ନୀଙ୍କ ପଦବୀର ଲାଭ ଉଠାଇ ଚାଲିଥିଲେ। ପୂର୍ବରୁ ମଧ୍ୟ ତାଙ୍କୁ ଆଉ ଏକ ମାମଲାର ଗିରଫ କରାଯାଇଥିଲା। ଏବେ ତାଙ୍କୁ ହେପାଜତକୁ ପଠାଇ ଦିଆଯାଇଛି।

ପୁରୁଷୋତ୍ତମ ସରକାରୀ କୋଟାରେ ରିଆତି ଫ୍ଲାଟ ଯୋଗାଇ ଦେବାକୁ କହି ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ନେଇଥିଲେ। ସେ ମଧ୍ୟ ମହାରାଷ୍ଟ୍ର ପୁଲିସ ଏକାଡେମି ପାଇଁ ଟି-ସାର୍ଟ ଯୋଗାଣ ନିମନ୍ତେ ଠିକା କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁମ୍ବାଇ, ଥାନେ ଏବଂ ପୁନରେ ରିଆତି ଦରରେ ଫ୍ଲାଟ ଯୋଗାଇ ଦେବାକୁ କହି ଅନେକ ଲୋକଙ୍କଠାରୁ ୨୪.୭୮ କୋଟି ଟଙ୍କା ନେଇଥିଲେ। ଏହି ମାମଲାରେ ଇଓଡବ୍ଲ୍ୟୁ ଗତ ମାସରେ ତାଙ୍କୁ ଗିରଫ କରିଥିଲା।

## ଆତଙ୍କବାଦୀ ଠିକଣାର ମରାମତି କରୁଛି ପାକିସ୍ତାନ

ଇସଲାମାବାଦ, ୨୦ା୬ (ଏଜେନ୍ସି): 'ଅପରେସନ ସିନ୍ଦୂର' ଅଧିନରେ ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ କରି ଭାରତ ଅନେକ ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରି ଦେଇଥିଲା। ଏଥିରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଏବଂ ଜୈସ-ଇ-ମହମ୍ମଦ (ଜେଇଏମ) ଠିକଣା ସାମିଲ ଥିଲା। ଜାତିସଂଘରେ ଆତଙ୍କବାଦୀ ବିରୋଧୀ ଆକ୍ସନ କମିଟିର ଉପାଧ୍ୟକ୍ଷ ହୋଇଥିବା ପାକିସ୍ତାନ ଏବେ ପୁଣି ସେହି ଆତଙ୍କବାଦୀ ଠିକଣାକୁ ମରାମତି ଆରମ୍ଭ କରିଦେଇଛି। ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ନିଜେ ଏହି ମାମଲାରେ ଦଖଲ ଦେଇଛନ୍ତି। ଆତଙ୍କବାଦୀ ଠିକଣାକୁ ପୁଣିଥରେ ସଜାଡିବା ପାଇଁ ସରକାରୀ ପାଣ୍ଠିରୁ ୪୦ କୋଟି ଟଙ୍କା ଦେଇଛନ୍ତି। ଲସ୍କର ଏବଂ ଜୈସ ଭଳି ଆତଙ୍କବାଦୀ ସଂଗଠନ ସହ ସମ୍ବନ୍ଧ ଥିବା ମଦ୍ରାସା ଏବଂ ମସ୍‌ଜିଦକୁ ମଧ୍ୟ ଏହି ପାଣ୍ଠି ପହଞ୍ଚୁଛି। ମରକଜ ସୁବାନ ଅଲ୍ଲାହ ପରିସର, ବିଲାଲ ମସ୍‌ଜିଦ, ଉମୁଲ କୁର୍ରା, ଜାମିଆ ଦାୱା ଇସଲାମି ମଦ୍ରାସା ସହିତ ଭାରତ ଆକ୍ରମଣରେ ଧ୍ୱଂସ ହୋଇଥିବା ଅନ୍ୟ ଆତଙ୍କବାଦୀ ଠିକଣାକୁ ପୁଣିଥରେ ଛିଡ଼ା କରିବା ପାଇଁ ମୁନିର ୩୧ ତାରିଖ ପର୍ଯ୍ୟନ୍ତ କଣ୍ଟ ଦେଇଛନ୍ତି।

## ବୁର୍ଖା ପିନ୍ଧି ହଜାର କିମି ଯାତ୍ରା କରିଥିଲା ସୋନମ

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ସ୍ୱାମୀ ରାଜା ରଘୁବଂଶୀ ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମକୁ ନେଇ ଏକ ନୂଆ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ସ୍ୱାମୀଙ୍କୁ ହତ୍ୟା କରିବା ପରେ ସେ ଛଦ୍ମ ବେଶ ଅପଣାଇ ବୁର୍ଖା ପିନ୍ଧି ୧୦୦୦ କିମି ଯାତ୍ରା କରି ଉତ୍ତରପ୍ରଦେଶ ଯାଇଥିଲା ବୋଲି ପୁଲିସ୍ କହିଛି। ଜଣେ ଡ୍ରାଇଭରଙ୍କୁ ପ୍ରଶ୍ନ କରିବା ପରେ ପୁଲିସ ଏହି କଥା ଜାଣିବାକୁ ପାଇଛି। ପ୍ରେମିକ ତଥା ଅନ୍ୟତମ ଅଭିଯୁକ୍ତ ରାଜ କୁଶୱାହ ସହ ସୋନମ ଏବେ ଶିଲଂ ପୁଲିସ ହେପାଜତ୍‌ରେ ଅଛି। ବୁର୍ଖା ବିନ୍ଧିଥିବା ସୋନମ ରାସ୍ତାର କୌଣସି ସ୍ଥାନରେ ରହିବାକୁ ମନା କରୁଥିଲା ବୋଲି ଗାଡିର ଡ୍ରାଇଭର କହିଛନ୍ତି।

ସୋନମକୁ ନେଇ ଆଉ ଏକ ରୋଚକ ତଥ୍ୟ ଦେଇଛନ୍ତି ସ୍ୱାମୀ ରାଜାଙ୍କ ଜ୍ୟୋତିଷ ଅଜୟ ଦୁବେ। ଜ୍ୟୋତିଷଙ୍କ କହିବା ଅନୁଯାୟୀ ସୋନମ ସମଲିଙ୍ଗୀ ଥିଲା ଓ ତାର କାହା ସହିତ ସମଲିଙ୍ଗୀ ସମ୍ପର୍କ ରହିଥିବ। ବିବାହ ପୂର୍ବରୁ ସୋନମ ଓ ରାଜାର ଜାତକ ମିଳାଇଥିଲେ ଅଜୟ। ଅଜୟଙ୍କ ଭବିଷ୍ୟବାଣୀ କେତେକାଂଶରେ ସତ ହୋଇଥାଏ। ତେଣୁ ତାଙ୍କର ଏହି କଥାକୁ ଅଣଦେଖା କରିହେବ ନାହିଁ ବୋଲି ରାଜାଙ୍କ ପରିବାର ତରଫରୁ କୁହାଯାଇଛି।

**ଭାରତର ଚିନ୍ତା ବଢ଼ିଲା**

# ପାକିସ୍ତାନକୁ ୪୦ଟି ଜେ-୩୫ ଲଢୁଆ ଜେଟ୍ ଦେବ ଚୀନ

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ଖୁବଶୀଘ୍ର ଚୀନ୍ ୪୦ଟି ଶେନୟାଙ୍ଗ୍ ଜେ-୩୫ ଫିଫ୍ଥ ଜେନେରେସନ ଷ୍ଟିଲ୍‌ଥ ଲଢୁଆ ବିମାନ ପାକିସ୍ତାନକୁ ଦେବାକୁ ଯାଉଛି। ଏଥିସହ ପାକିସ୍ତାନର ବାୟୁ ସେନା ଆହୁରି ଶକ୍ତିଶାଳୀ ହେବ। ଏହି ଷ୍ଟିଲ୍‌ଥ ଟେକ୍ନୋଲୋଜି ସହ ପାକିସ୍ତାନ ଅଳ୍ପ କେତୋଟି ଦେଶଗୁଡିକ ସହ ଏକ ନୂଆ କ୍ଲବରେ ସାମିଲ ହେବ। କେବଳ ସେତିକି ନୁହଁ ଚୀନ୍ ପାକିସ୍ତାନକୁ ୫୦୦-କେଜେ ଆୱାକ୍ସ ଓ ଏଚ୍‌କ୍ୟୁ-୧୯ ଲଙ୍ଗ-ରେଞ୍ଜ ଆଣ୍ଟି ବାଲାଷ୍ଟିକ୍ ଏୟାର ଡିଫେନ୍ସ ପ୍ରଣାଳୀ ମଧ୍ୟ ଦେବ। ଏଥର ପାକିସ୍ତାନର ତା'ର ରକ୍ଷା ବଜେଟରେ ୨୦ ପ୍ରତିଶତ ଅର୍ଥାତ ୯ ବିଲିଅନ ଡଲାରକୁ ବୃଦ୍ଧି କରିଛି। ଏହା ନିଶ୍ଚିତ ଭାବେ ଭାରତ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିବ। ପୁଣି ପାକିସ୍ତାନ ତୁର୍କୀଠାରୁ ମଧ୍ୟ ପଞ୍ଚମ ପୀଢ଼ିର ଷ୍ଟିଲ୍‌ଥ ଲଢୁଆ ବିମାନ କ୍ରୟ କରିବାକୁ ଇଚ୍ଛା ପ୍ରକାଶ କରିଛି। ଏବେ ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହେବାକୁ ଯାଉଛି କହିଲେ ଭୁଲ ହେବନାହିଁ।



ବର୍ତ୍ତମାନ ଭାରତୀୟ ବାୟୁସେନା ପାଖରେ ଷ୍ଟିଲ୍‌ଥ ଫାଇଟର ଜେଟ୍‌ର ଅଭାବ ରହିଛି। ନିଜସ୍ୱ ଜ୍ଞାନ କୌଶଳରେ ପଞ୍ଚମ ପୀଢ଼ିର ଷ୍ଟିଲଥ ଲଢୁଆ ବିମାନ ବା ଆଡଭାନ୍ସଡ ମିଡିଅମ କମ୍ବାକ୍ଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ତିଆରି କରିବାକୁ ଭାରତକୁ ଏବେ ଆହୁରି ଗୋଟିଏ ଦଶନ୍ଧି ଲାଗିବ। ୨୦୩୫ରେ ଭାରତ ବାୟୁସେନାରେ ଏଏମ୍‌ସିଏ ସାମିଲ ହେବ ବୋଲି ଅନୁମାନ କରାଯାଉଛି। ଭାରତ ଏବେ କେବଳ ଏଫ୍-୩୫ ଓ ଏସ୍‌ୟୁ-୫୭ ବିମାନ ଉପରେ ନିର୍ଭରଶୀଳ। ଗତ ୬ ମାସ ହେବ ପାକିସ୍ତାନର ଫାଇଟର ପାଇଲଟମାନେ ଚୀନ୍ ଗତ ୬ ମାସ ରହି ପ୍ରଶିକ୍ଷଣ ନେଉଛନ୍ତି। ତେଣୁ ପାକିସ୍ତାନକୁ ଚୀନ୍ ଏହି ଲଢୁଆ ବିମାନ ଦେବା ଆଦୌ ଆଶ୍ଚର୍ଯ୍ୟଜନକ ମନେ ହେଉ ନାହିଁ ବୋଲି ଗ୍ରୁପ୍ କ୍ୟାପଟେନ ଅଜୟ ଅହ୍ଲାୱତ କହିଛନ୍ତି। ପୂର୍ବରୁ ଭାରତୀୟ ବାୟୁସେନା ପାକିସ୍ତାନଠାରୁ ଯଥେଷ୍ଟ ଉନ୍ନତ ବୋଲି ସମସ୍ତେ ସ୍ୱୀକାର କରନ୍ତି। ତେବେ ଏହି ଲଢୁଆ ବିମାନ ପାକିସ୍ତାନ ହାସଲ କରିବା ପରେ ଭାରତୀୟ ବାୟୁସେନାର ଆଧିପତ୍ୟ ନିଶ୍ଚିତ ଭାବେ କମ୍ ହେବ ବୋଲି ବିଶେଷଜ୍ଞମାନେ କୁହନ୍ତି। ପାକିସ୍ତାନକୁ ଏହି ଲଢୁଆ ବିମାନ ମିଳିବା ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି ବୋଲି ସେ କହିଛନ୍ତି।

# ଘରୁ ଡାକିନେଇ ସାଙ୍ଗକୁ ହତ୍ୟା

କବିସୂର୍ଯ୍ୟନଗର, ୨୦।୬(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାଅଞ୍ଚଳ ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ଗୁରୁବାର ରାତିରେ ଆଠଗଡ଼ପାଟଣାରେ ବାପ-ପୁଅଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ୨୪ଘଣ୍ଟା ନ ପୂରୁଣୁ ଶୁକ୍ରବାର ତାଲିଆମାପଲ୍ଲୀରେ ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ମୃତକ ହେଲେ, କବିସୂର୍ଯ୍ୟନଗର ଆଠଗଡ଼ପାଟଣା ବାଉରୀ ସାହିର ସାଗର ନାହାକ (୨୨)। ସାଙ୍ଗର ଜନ୍ମଦିନ ପାଳିବାକୁ ଡାକି ନେଇ ତାଙ୍କୁ ହତ୍ୟା କରାଯାଇଥିବା ଜଣାଯାଇଛି।

ସୂଚନାନୁସାରେ, ଜଣେ ସାଙ୍ଗର ଜନ୍ମଦିନ ପାଳିବାକୁ ସାଗରକୁ ତା' ୨ ସାଙ୍ଗ ଚନ୍ଦନ ନାହାକ ଓ କାହ୍ନା ନାହାକ ଗୁରୁବାର ଅପରାହ୍ଣରେ ଘରୁ ଡାକି ନେଇଥିଲେ। ରାତିରେ ତାଲିଆମାପଲ୍ଲୀଠାରେ ଜନ୍ମଦିନ ଉତ୍ସବ ପାଳନ ହୋଇଥିଲା। ତେବେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ସାଙ୍ଗମାନେ ତାଙ୍କୁ ହତ୍ୟା କରିଥିବା କୁହାଯାଉଛି। ସାଗର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜରଡ଼ ଛକ ବରଗଛ ମୂଳେ ପଡ଼ିଥିବା ନେଇ ରାତି ପ୍ରାୟ ସାଢ଼େ ୧୨ଟାରେ କେହି ଯୁବକ ତାଙ୍କ ଘରଲୋକଙ୍କୁ ଫୋନ୍ କରି ଜଣାଇଥିଲେ। ପରିବାରଲୋକେ ସାଗରଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ମେଡିକାଲକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାଗରଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବା ବେଳେ ମୁଣ୍ଡକୁ ପଥରରେ ଛେଚା ଯାଇଥିଲା। ପୁଲିସ୍ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ମୃତକଙ୍କ ବାପା ଉପେନ୍ଦ୍ର ନାହାକଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଚାରି ଭଉଣୀରେ ଏକମାତ୍ର ଭାଇ ଥିଲେ ସାଗର। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପରିବାର ଓ ଗାଁରେ ଶୋକର ଛାୟା ଖେଳିଯାଇଛି।

# +୩ ପଢ଼ିବାକୁ ଅମଙ୍ଗ ଛାତ୍ରଛାତ୍ରୀ

**ପ୍ରଥମ ରାଉଣ୍ଡରେ ସାମିଲ୍ ହେଲେନି ୪୦ ହଜାର ଛାତ୍ରଛାତ୍ରୀ**

**୨ ଦିନ ବଢ଼ିଲା ନାମଲେଖା ଅବଧି; ୫୦ହଜାର ସିଟ୍ ଫାଙ୍କା ପଡ଼ିବା ଆଶଙ୍କା**

ଭୁବନେଶ୍ୱର, ୨୦।୬(ସମିସ): ଆରମ୍ଭରୁ ବାଟବଣା ହୋଇଛି +୩ ନାମଲେଖା। ପ୍ରଥମ ରାଉଣ୍ଡ ନାମଲେଖା ଗତ ୧୭ ତାରିଖରେ ସରିଥିଲେ ମଧ୍ୟ ଆଶାଜନକ ନାମଲେଖା ହୋଇନାହିଁ। ପ୍ରାୟ ୪୦ହଜାରରୁ ଅଧିକ ଛାତ୍ରଛାତ୍ରୀ ଫ୍ରିଜ୍ ବା ସ୍ଲାଇଡ୍ ଅପସନ୍ ନ ଦେବା ସହ ନାମଲେଖା ପାଇଁ ଫି' ମଧ୍ୟ ଦାଖଲ କରିନାହାନ୍ତି। ଅର୍ଥାତ୍ ନାମଲେଖା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି। ତେଣୁ, ନାମଲେଖା ଅବଧିକୁ ଆଉ ୨ ଦିନ ବଢ଼ାଇ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅର୍ଥାତ୍ ୨୧ ତାରିଖ ଅପରାହ୍ଣ ୩ଟା ମଧ୍ୟରେ ଯୋଗ୍ୟବିବେଚିତ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

ଅପରପକ୍ଷେ, ପ୍ରାୟ ୪୦ ହଜାରରୁ ଅଧିକ ପିଲା ନାମଲେଖା ପ୍ରକ୍ରିୟାରେ ସାମିଲ ନହେବା ପରେ ଉଚ୍ଚଶିକ୍ଷା ବିଭାଗର ନିଦ ହଜିଛି। ସ୍ନାତକ ପଢ଼ିବାକୁ ଛାତ୍ରଛାତ୍ରୀମାନେ କାହିଁକି ଆଗ୍ରହ ଦେଖାଉନାହାନ୍ତି, ସେନେଇ ବିଭାଗୀୟସ୍ତରରେ ମାନସମନ୍ଥନ ଆରମ୍ଭ ହୋଇଯାଇଛି। ଏପରିକି, ପ୍ରତି ପିଲାଙ୍କୁ ଫୋନ୍ ଓ ଏସ୍ଏମ୍ଏସ୍ ମାଧ୍ୟମରେ ଏକାଧିକବାର ଅବଗତ କରିବାକୁ ବିଭାଗୀୟ ସଚିବ ଅଧିକାରୀମାନଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି। ତତ୍କ୍ଷଣାତ୍ କିଛି ପିଲାଙ୍କୁ ଫୋନ୍ କରି କାରଣ ସମ୍ପର୍କରେ ମଧ୍ୟ ପଚରାଯାଇଥିଲା। ହେଲେ ପିଲାଙ୍କ ଉତ୍ତର ଅଧିକାରୀଙ୍କୁ ଅଧିକ ବିବ୍ରତ କରିଛି। ଜଣେ ପିଲା ଫୋନ୍ ଉଠାଇ ସେ ପଢ଼ିବାକୁ ଅନାଗ୍ରହୀ ବୋଲି କହିଥିବା ବେଳେ ଆଉ ଜଣେ ଡିପ୍ଲୋମା ପଢ଼ିବେ ବୋଲି କହିଥିଲେ। ଏହା ସତ୍ତ୍ୱେ ଆଉ ୨ଦିନ ଆବେଦନ ଅବଧି ବଢ଼ାଇବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ତେବେ ଏପରି ହେଲେ ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟା ବିଳମ୍ବ ହେବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୨ଲକ୍ଷ ୭୪ହଜାର ୫୦୯ଟି ସିଟ୍ ଉପଲବ୍ଧ ରହିଥିବା ବେଳେ ମୋଟ୍ ୨ଲକ୍ଷ ୬୫ ହଜାର ୫୯୦ ପିଲା ଆବେଦନ କରିଛନ୍ତି। ଅର୍ଥାତ୍ ପ୍ରାୟ ୯ହଜାର ସିଟ୍ ଖାଲି ପଡ଼ିବ। ସେହିପରି ପ୍ରଥମ ରାଉଣ୍ଡ ପାଇଁ ମୋଟ୍ ୧ଲକ୍ଷ ୭୫ହଜାର ୭୨୨ ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ପ୍ରାୟ ୪୦ହଜାର ପିଲା ନାମଲେଖାରେ ଅଂଶଗ୍ରହଣ କରିନାହାନ୍ତି। ଅର୍ଥାତ୍ ପ୍ରାୟ ୫୦ହଜାରରୁ ଅଧିକ ସିଟ୍ ଫାଙ୍କା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

# ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

ପୁରୀ୨୦।୬(ସମିସ): ଅଣସର ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତ ସେବା। ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି। ଶନିବାର ଏକାଦଶୀରେ ମହାପ୍ରଭୁ ଲାଗି ହେବେ ଦଶମୂଳ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥା'ନ୍ତି। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଶୁକ୍ରବାର ମନ୍ଦିର ଗାରଦରେ ଦାଖଲ କରିଛନ୍ତି।



**ଆଜି ଲାଗି ହେବେ ମହାପ୍ରଭୁ**

ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ବୈଦ୍ୟ ସେବକଙ୍କ ସୂଚନା ମୁତାବକ, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧି। ଏକ ମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡିଥାଏ। ସ୍ନାନ ପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି, ଅଗବଧୁ, ଲବଙ୍ଗ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରାକୁ ଶୁଖାଯାଇଥାଏ। ଭଲ ଭାବେ ଶୁଖିଗଲା ପରେ ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂଆ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ ଓ ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଦଳୀପତ୍ର ଉପରେ ରଖି ଥଣ୍ଡା କରାଯାଏ। ଥଣ୍ଡା ହେଲା ପରେ ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ତିନୋଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୁର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଇଥାଏ। ଏହିସବୁ କାମ ଶୁଦ୍ଧପୂତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି କରାଯାଏ।

ଦଇତାପତି ସେବକଙ୍କ ମତରେ, ମହାପ୍ରଭୁ ମାନବୀୟ ଲୀଳା କରିଥା'ନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ୧୦୮ ଗଡୁ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି। ଏହା ପରଠାରୁ ଆଷାଢ଼ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳା ବସ୍ତ୍ର ପରିଧାନ କରିଥାନ୍ତି। ଠାକୁରଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ। ଆଷାଢ଼ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ। ଏହାପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ।

# ଏନ୍କାଉଣ୍ଟର୍‌ରେ ୨ ମାଓବାଦୀ ନିହତ

ମାଲକାନଗିରି, ୨୦।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ



ଏନ୍କାଉଣ୍ଟରରେ ୨ ମାଓବାଦୀ ନିହତ ହୋଇଛନ୍ତି।

କାଙ୍କେର ଜିଲ୍ଲାର ଅମାଟୋଲା ଓ କଲପାର ମଧ୍ୟରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ଛୋଟେବେଟିୟା ଥାନାରୁ ଡିଆରଜି ଓ ବିଏସ୍ଏଫ ଜବାନଙ୍କ ମିଳିତ ଦଳ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇଥିଲେ ସୁରକ୍ଷା କର୍ମୀ। ଉଭୟ ପକ୍ଷରୁ ଗୁଳି ବିନିମୟରେ ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ପରେ ତଲାସି ଅଭିଯାନ ସମୟରେ ଜଣେ ୟୁନିଫର୍ମ ପିନ୍ଧା ମହିଳା ମାଓବାଦୀଙ୍କ ମୃତଦେହ ଠାବ ହୋଇଛି। ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଏହି ଏନ୍କାଉଣ୍ଟର୍‌ରେ ଅନେକ ମାଓବାଦୀ ମୃତାହାତ ହୋଇଥିବା ଅନୁମାନ କରାଯାଉଛି। ତେବେ ଯବାନମାନେ ଫେରିବା ପରେ ସଂପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମୋଦୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ

# ଦିନତମାମ ଅନଶନରେ କଂଗ୍ରେସ ନେତା

ଭୁବନେଶ୍ୱର, ୨୦।୬(ସମିସ): ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ସରକାରକୁ ଆସିବାର ୧ବର୍ଷ ଭିତରେ ମହିଳା ଓ ଶିଶୁମାନଙ୍କ ଉପରେ ହିଂସା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ଚରମ ସୀମାରେ ପହଞ୍ଚିଛି। ବର୍ତ୍ତମାନ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଆଗମନ ଓ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ମୋହନ ମାଝୀଙ୍କ ସରକାରକୁ



ଜାଲି ସାର୍ଟିଫିକେଟ ଦେଇ ତୁଚ୍ଛା ବାହାବା ନେବାକୁ ପ୍ରୟାସ କରାଯାଉଥିବା କହି ରାଜ୍ୟ କଂଗ୍ରେସ ଏହାକୁ ବିରୋଧ କରିଛି। ଏହାର ପ୍ରତିବାଦ ସ୍ୱରୂପ, ଶୁକ୍ରବାର କଂଗ୍ରେସର ବରିଷ୍ଠ ନେତାମାନେ ଦିନ ତମାମ ଶାନ୍ତିପୂର୍ଣ୍ଣ ଅନଶନ କରିଛନ୍ତି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ହେଇଥିବା ଶାନ୍ତିପୂର୍ଣ୍ଣ ଅନଶନରେ ପ୍ରଦେଶ କଂଗ୍ରେସର ତମାମ ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ପିସିସି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସକାଳ ୯ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଅନଶନ ଧର୍ମଘଟରେ ବସିଥିଲେ।

ଏହି ଅବସରରେ ପିସିସି ସଭାପତି କହଛନ୍ତି ଯେ ରାଜ୍ୟରେ ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ଘଟିଥିବା ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର-ହରିଚନ୍ଦନପୁର ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରିବା ସାଧାରଣ ଜନତାଙ୍କ ମନରେ ସରକାରଙ୍କ ପ୍ରତି ଗଭୀର ଅସନ୍ତୋଷ ଓ ଅବିଶ୍ୱାସ ସୃଷ୍ଟି କରିଛି। ସମାନ ଭାବେ ବାରିପଦାଠାରେ ରାତିରେ ନିଜ ଘରେ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କୁ ଉଠାଇନେଇ ଦୁଷ୍କର୍ମ କରିବା ଭଳି ଘଟଣା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ପରିଲକ୍ଷିତ ହୋଇଛି। ଗତକାଲି କେନ୍ଦ୍ରାପଡ଼ାଠାରେ ଜଣେ ଯୋଗ ଶିକ୍ଷକଙ୍କୁ ଦୁଷ୍କର୍ମ କରାଯିବା ଘଟଣା ଆମ ସମସ୍ତଙ୍କୁ ଲଜ୍ଜିତ କରିଛି। ସମଗ୍ର ରାଜ୍ୟରେ ପୁରୀ, ଅନୁଗୁଳ, କନ୍ଧମାଳ ଏବଂ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ଏଭଳି ଭୟଙ୍କର

**ଶବ ଉପରେ ଉତ୍ସବ ପାଳନ କରୁଛନ୍ତି ସରକାର: ଭକ୍ତ**

ଘଟଣା ସାମନାକୁ ଆସିବା ସତ୍ତ୍ୱେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଗୃହ ବିଭାଗ ଏହାକୁ ନିୟନ୍ତ୍ରଣକୁ ଆଣିବାରେ ସଂପୂର୍ଣ୍ଣ ଭାବରେ ବିଫଳ ହୋଇଛନ୍ତି। ଏହା ମୁଖ୍ୟମନ୍ତ୍ରୀ ଓ ବିଜେପି ସରକାରର ପ୍ରଶାସନିକ ଅପାରଗତା ଓ ସ୍ଥାଣୁତାକୁ ପଦାରେ ପକାଇଛି ବୋଲି ଶ୍ରୀ ଦାସ କହିଛନ୍ତି। ୨୦୨୫ ମସିହାରେ ଓଡ଼ିଶାର ଯାଜପୁର ସମେତ ୪ଟି ଜିଲ୍ଲାରେ ହଇଜା ମହାମାରୀ ବ୍ୟାପି ୨୪ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି ଏବଂ ୫ ହଜାରରୁ ଅଧିକ ଲୋକ ଏ ମହାମାରୀର ଶିକାର ହୋଇଛନ୍ତି। ହେଲେ ବିଜେପି ସରକାର ବର୍ଷ ପୂର୍ତ୍ତି ପାଇଁ ଏତେ ପାଗଳ ଯେ ମା' ମାନଙ୍କର ସୁରକ୍ଷା ଏବଂ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଶବ ଉପରେ ଉତ୍ସବ ପାଳନ କରୁଛି ବୋଲି ଶ୍ରୀ ଦାସ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ସେଠୀଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ



ଭୁବନେଶ୍ୱର, ୨୦।୬ (ସମିସ): ବିଜେପି ସରକାରର ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତକୁ ଯୁବ କଂଗ୍ରେସ ଜୋରଦାର୍ ବିରୋଧ କରିଛି। ଶୁକ୍ରବାର ଦିନ ୧୧ଟାରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ଶାନ୍ତିପୂର୍ଣ୍ଣ ଅନଶନରେ ଯୋଗଦେବା ପାଇଁ ରାମ ମନ୍ଦିର ଛକରୁ ବାହାରିବା ସମୟରେ ପୁଲିସ୍ ସମସ୍ତଙ୍କୁ ଗିରଫ କରିଛି। ଏହା ପୂର୍ବରୁ ଅର୍ଥାତ୍ ଗୁରୁବାର ରାତିରୁ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ଯୁବନେତା ନୀହାର ବେହେରା, ମହମ୍ମଦ ଗୁଲଫାମ ପ୍ରମୁଖଙ୍କୁ ସେମାନଙ୍କ ଘରୁ ପୁଲିସ ଗିରଫ କରିଛି। ପୁଲିସ୍‌ର ଏପରି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ବିରୋଧ କରିଛନ୍ତି।

ସେ କହିଛନ୍ତି, ବିଜେପି ସରକାରର ଏକ ବର୍ଷରେ ମହିଳାମାନେ ସବୁଠୁ ଅଧିକ ନିର୍ଯାତିତ ହୋଇଛନ୍ତି। ଗୋପାଳପୁର ବେଳାଭୂମିରେ ନିରୀହ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ନାବାଳିକା ଆଦିବାସୀ ଝିଅକୁ ବଳାତ୍କାର କରି ମାରି ଦିଆଯାଇଛି ଏବଂ ଓଡ଼ିଶାରେ ହତ୍ୟା, ଡକାୟତି, ଚୋରା ବନ୍ଧୁକ କାରବାର ବହୁମାତ୍ରାରେ ବଢ଼ିଚାଲିଛି। କହିବାକୁ ଗଲେ, ଓଡ଼ିଶାର ଆଇନଶୃଙ୍ଖଳା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସବୁଠୁ ଦୁଃଖ ଏବଂ ପରିତାପର ବିଷୟ, ଓଡ଼ିଶାରେ ୧୧ଟି ଜିଲ୍ଲାରେ ହଇଜା ବ୍ୟାପି ହଜାର ହଜାର ରୋଗୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇସାରିଲେଣି। କିନ୍ତୁ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟ ରାଜସ୍ୱରୁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି ନିଜର ପ୍ରଚାରପ୍ରସାର କରିବା ପାଇଁ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିଛନ୍ତି। ଏ ଓଡ଼ିଶା ଗସ୍ତକୁ ଯୁବ କଂଗ୍ରେସ କଳା ଦିବ ରୂପେ ପାଳନ କରିଛି ଓ ବିଜେପିର ଡବଲ ଇଞ୍ଜିନ ସରକାରର ଓଡ଼ିଶାବାସୀଙ୍କ ପ୍ରତି ମାନସିକତା କ'ଣ, ତାହା ମଧ୍ୟ ଲୋକଲୋଚନକୁ ଆଣିଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମକୁ ଯିବା ସମୟରେ ପୁଲିସ୍ ଶ୍ରୀ ପାତ୍ରଙ୍କ ସହ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, କିରଣ ସାହୁ, ସୁଦୀପ ସାମଲଙ୍କ ସମେତ ବହୁ ନେତାଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

# ଗାଲୁଡିହି ପାଣି ପାଇଁ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି



ବାରିପଦା, ୨୦।୬ (ସମିସ): ଉପରମୁଣ୍ଡରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖାର ତଳମୁଣ୍ଡରେ ବନ୍ୟା ସ୍ଥିତି ଦେଖାଦେଇଛି। ଶୁକ୍ରବାର ଏହି ନଦୀର ଜଳସ୍ତର ବିପଦ ସଙ୍କେତ (୧୦. ୩୬ ମିଟର) ଟପିଯାଇ (୧୦.୪୩ ମିଟର)ରେ ପହଞ୍ଚିଥିଲା। ତେଣୁ, ଲୋକଙ୍କ ମଧ୍ୟରେ ଭୟ ବଢ଼ିଥିଲା। ତେବେ ଅପରାହ୍ଣରେ ଜଳସ୍ତର କମୁଥିବାରୁ ବିଶେଷକରି ନଦୀକୂଳିଆ ୩ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି। ଅପରପକ୍ଷରେ, ଗୁରୁବାର ସନ୍ଧ୍ୟାରୁ ବନ୍ୟା ପାଣି ଘେରରେ ଥିବା ଯୁବକର କୌଣସି ଖବର ମିଳି ନଥିବା ବେଳେ ଓଡ୍ରାଫ୍ ଟିମ୍ ତାଙ୍କ ସନ୍ଧାନ ଜାରି ରଖିଛି।

ସୂଚନାନୁଯାୟୀ, ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଓ କେନ୍ଦୁଝର ସମେତ ପଡ଼ୋଶୀ ଝାଡଖଣ୍ଡରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍‌ରୁ ପାଣି ଛଡ଼ାଯାଇଥିଲା। ତେଣୁ, ସୁବର୍ଣ୍ଣରେଖା ନଦୀରେ ଜଳପତ୍ତନ ହଠାତ ବୃଦ୍ଧି ପାଇଥିଲା। ପ୍ରତି ସେକେଣ୍ଡରେ ୨ ଲକ୍ଷ ୪୨ କ୍ୟୁସେକ ପାଣି ପ୍ରବାହିତ ହେଉଥିବାରୁ ତଳମୁଣ୍ଡରେ ଥିବା ସାରସକଣା ବ୍ଲକର ୨ଟି ଓ ରାସଗୋବିନ୍ଦପୁର ବ୍ଲକର ଗୋଟିଏ ଗ୍ରାମରେ ବନ୍ୟା ପରିସ୍ଥିତି ଆଶଙ୍କା ଦେଖାଦେଇଥିଲା। କିନ୍ତୁ ଡ୍ୟାମ୍‌ରୁ ପାଣି ଛଡ଼ାଯିବା ନେଇ ପ୍ରଭାବିତ ଗ୍ରାମଗୁଡ଼ିକରେ ଆଗୁଆ କୌଣସି ସୂଚନା ଦିଆଯାଇନଥିବାରୁ ନଦୀ ତଟବର୍ତ୍ତୀ ଗ୍ରାମର ଲୋକେ ଭୟଭୀତ ହୋଇପଡ଼ିଥିଲେ। କେତେକ ସ୍ଥାନରେ ଗୃହପାଳିତ ପଶୁ ଭାସି ଯାଇଥିଲେ। ସେହିପରି ସାରସକଣାର ମେରୁମଠ ନିକଟ ନଦୀ ଗର୍ଭରେ ଥିବା ପଥର ଟାପୁରେ ଜଣେ ଯୁବକ ପାଣି ଘେରରେ ଫସି ରହିଥିଲେ। ଗୁରୁବାର ରାତିତମାମ ଦମକଳ ବାହିନୀ ଓ ଓଡ୍ରାଫ୍ ଟମ୍ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ପାଇନଥିଲେ। ଶୁକ୍ରବାର ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି

**ରାତିସାରା ଟାପୁରେ ଥିବା ଯୁବକ ନିଖୋଜ**

**ଅପରାହ୍ଣରୁ କମୁଛି ପାଣି; ନଦୀକୂଳିଆ ଗ୍ରାମବାସୀ ଆଶ୍ୱସ୍ତ**

ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନିଖୋଜ ଯୁବକଙ୍କୁ ନ ପାଇ ନଦୀର ତଳମୁଣ୍ଡରେ ଖୋଜାଯାଇଥିଲେ ମଧ୍ୟ ସନ୍ଧାନ ମିଳିପାରିନାହିଁ।

ଯୁବକଜଣଙ୍କ ଝାଡ଼ଖଣ୍ଡର ବୋଲି ଜଣାପଡ଼ିଛି। ସେ ମାନସିକ ବିକାରଗସ୍ତ ହୋଇଥିବା ବେଳେ ୧୫ ଦିନ ଧରି ଉକ୍ତ ଅଞ୍ଚଳରେ ବୁଲାବୁଲି କରି ନଦୀପଥର ଟାପୁରେ ରହୁଥିଲା। ରାତିରେ ବନ୍ୟା ଜଳ ସ୍ରୋତରେ ଭାସି ଯାଇଥିବା ନେଇ ଉଦ୍ଧାରକାରୀ ଦଳ ସନ୍ଦେହ କରୁଛନ୍ତି। ଅପରପକ୍ଷରେ ସୁବର୍ଣ୍ଣରେଖାର ଜଳପତ୍ତନ ଅପରାହ୍ଣରେ କମୁଥିବା ନେଇ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି। ଏପରିକି, ବନ୍ୟା ପରିସ୍ଥିତି ଉପୁଜିବା ନେଇ କୌଣସି ଆଶଙ୍କା ନାହିଁ ବୋଲି ସେ କହିଛନ୍ତି।

# ଭାଗ ଚାଷୀଙ୍କ ଭାଗ୍ୟ ଫିଟୁନି

**ଜମି ମାଲିକ ନେଉଛି ଇନ୍‌ପୁଟ ସହାୟତା ● ଭାଗ ଚାଷୀ ପାଉଛି ଧାନ ମୂଲ୍ୟର ଅଧା**

ଭୁବନେଶ୍ୱର, ୨୦।୬(ସମିସ): ରାଜ୍ୟରେ ୭୦ ପ୍ରତିଶତ ଚାଷ ଜମିକୁ ଭାଗଚାଷୀମାନେ ଚାଷ କରୁଛନ୍ତି। ଯେତେବେଳେ ପାଗ ଭଲ ରହୁଛି ଓ ଚାଷ ଭଲ ହେଉଛି, ସେମାନେ କିଛି ପାରିଶ୍ରମିକ ପାଉଛନ୍ତି; କିନ୍ତୁ ପ୍ରାକୃତିକ ଦୁର୍ବିପାକ ହେଲେ ତାଙ୍କ ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭୁଶୁଡ଼ି ପଡୁଛି। ପ୍ରାକୃତିକ ବିପର୍ଯ୍ୟୟରେ ମିଳୁଥିବା ସହାୟତା ଜମି ମାଲିକ ନେଇ ଯାଉଥିବାବେଳେ ଭାଗଚାଷୀମାନେ ଟଙ୍କାଟିଏ ବି ପାଉନାହାନ୍ତି। ସେହିଭଳି ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ୍ ପିଛା ୨୩୬୯ ଟଙ୍କା ମିଳୁଥିବାବେଳେ ରାଜ୍ୟ ସରକାର ଅତିରିକ୍ତ ଭାବେ ୮୦୦ ଟଙ୍କା ସହାୟତା ପ୍ରଦାନ କରୁଛନ୍ତି। ହେଲେ ଭାଗଚାଷୀ କୁଇଣ୍ଟାଲ୍ ପିଛା ୨୩୬୯ ଟଙ୍କାରୁ ନିଜ ଭାଗ ଅଧେ ବା ୧୧୮୪ ଟଙ୍କାରେ ସନ୍ତୁଷ୍ଟ ରହୁଛି। ପୁନଶ୍ଚ ଏହି ଚାଷୀମାନଙ୍କୁ କୌଣସି ବ୍ୟାଙ୍କ୍ ଋଣ ଦେଉନି। ଏମାନେ ଧାର, କରଜ କରି ଚାଷ କରି ବଡ଼ ହୀନସ୍ତା ହେଉଥିଲେ ସୁଦ୍ଧା ସରକାର ଏମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି। ତେଣୁ ଧୀରେ ଧୀରେ ଏହି ଚାଷୀମାନେ ଚାଷରୁ ମୁହଁ ଫେରାଉଛନ୍ତି।

ଭାଗଚାଷୀଙ୍କୁ ସ୍ୱୀକୃତି ଦେବା ପାଇଁ ବହୁ ବର୍ଷ ହେଲା ନୂଆ ଆଇନ ଆଣିବାକୁ ଦାବି ହେଉଛି। ଏହା ଉପରେ ସରକାର ବିଚାର କରି



ଭାଗ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରୀ କରିବା ପାଇଁ କୁହାଯାଉଛି। ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟରେ ସଂଶୋଧନ କରାଯାଇ ଭାଗ ଚାଷୀଙ୍କୁ ସ୍ୱୀକୃତି ଦିଆଯାଉ ବୋଲି ଚାଷୀ ସଂଗଠନମାନେ ଦାବି କରୁଛନ୍ତି। ପୂର୍ବରୁ ବି ଏହା ଉପରେ ବହୁ ଆଲୋଚନା ହୋଇଛି। ହେଲେ ସେଭଳି କିଛି ନିଷ୍କର୍ଷ ବାହାରିପାରିନି। ତେଣୁ ସରକାର ଏବେ ଭାଗଚାଷୀଙ୍କ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ବ୍ୟବସ୍ଥା ଆଣିବା ଜରୁରୀ ବୋଲି କୁହାଯାଉଛି। ସେହି ଆଇନରେ ଜମି ମାଲିକ ଓ ଭାଗ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯୋଜନା କରାଯିବାକୁ କୃଷକ ସଂଗଠନମାନେ କହୁଛନ୍ତି। ପାରମ୍ପରିକ ଭାବେ ଜମିରୁ ଯେଉଁ ଫସଲ ଉତ୍ପାଦନ ହେଉଛି ଗୋଟିଏ ଭାଗ ଜମି ମାଲିକ ନେଉଥିଲା ବେଳେ ଅନ୍ୟ ଏକ ଭାଗ ଚାଷୀଙ୍କୁ ଦିଆଯାଉଛି। କିଛି ସ୍ଥାନରେ ମୋଟ ଉତ୍ପାଦନକୁ ତିନି ଭାଗରେ ବିଭକ୍ତ କରାଯାଉଥିବାବେଳେ ଜମି ମାଲିକ ଗୋଟିଏ ଭାଗ ପାଉଥିବାବେଳେ ଭାଗ ଚାଷୀ ଦୁଇଟି ଭାଗ ପାଉଛନ୍ତି। ତେଣୁ ଏସବୁ ବିଚାରବିମର୍ଶ କରି ଆଇନ ପ୍ରଣୟନ କରାଯାଇ ଆଇନଗତ ସ୍ୱୀକୃତି ଦେବା ପାଇଁ ଏକ ତ୍ରିପାକ୍ଷିକ ଚୁକ୍ତି କରାଯାଉ ବୋଲି ଦାବି ହୋଇଛି।

ଚାଷୀ ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ପୂର୍ବରୁ 'ଓଡ଼ିଶା ଏଗ୍ରିକଲ୍‌ଚରାଲ୍ ଲ୍ୟାଣ୍ଡ ଲିଜିଂ ଆକ୍ଟ' ପ୍ରସ୍ତୁତ ହୋଇଥିଲା। ୨୦୨୦ ମାର୍ଚ୍ଚ ମାସରେ ଏହି ଚିଠା ଆଇନ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇ ସର୍ବସାଧାରଣଙ୍କ ମତାମତ ଲୋଡ଼ା ଯାଇଥିଲା। ଭାଗଚାଷୀମାନେ ହଇରାଣ ହେଉଛନ୍ତି ବୋଲି ଦୀର୍ଘ ଦିନ ଧରି ଦାବି ହୋଇ ଆସୁଛି। ରାଜ୍ୟର ଅର୍ଦ୍ଧାଧିକ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ନୂଆ ଆଇନ ପ୍ରଣୟନ କରିବାର ଆବଶ୍ୟକତା ରହିଛି। ତେଣୁ ସରକାର ଏବେ ଏହା ଉପରେ ତର୍ଜମା କରି ତୁରନ୍ତ କାର୍ଯ୍ୟନ୍ୱୟନ କରନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ପ୍ରସଙ୍ଗରେ ଆଲୋଚନା ଓ ବିଚାରବିମର୍ଶ ଚାଲିଛି। ଖୁବ୍‌ଶୀଘ୍ର ମନ୍ତ୍ରୀସ୍ତରୀୟ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ବେଆଇନ ଭାବେ ଚାଲିଛି ବାଚିଙ୍ଗ ପ୍ଲାଣ୍ଟ

# ପ୍ରଦୂଷଣ ବିଭାଗର କାରଣ ଦର୍ଶାଅ ନୋଟିସ୍

**ଯଖପୁରା,୨୦।୬(ସମିସ)**

କଳିଙ୍ଗନଗର ଶିଳ୍ପାଞ୍ଚଳ ଦାନଗଦି ତହସିଲ ଅନ୍ତର୍ଗତ ମାନତିରା ଛକ ନିକଟରେ ଥିବା ଏକ ବାଚିଙ୍ଗ ପ୍ଲାଣ୍ଟକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନୋଟିସ୍ ଜାରି କରିଛି। ଦୀର୍ଘ ବର୍ଷ ହେଲା ମେସର୍ସ ଆପେକ୍ସ ବିଲ୍ଡକନ ନାମକ ରେଡିମିକ୍ସ କଂକ୍ରିଟ ୟୁନିଟ୍ (ବାଚିଙ୍ଗ ପ୍ଲାଣ୍ଟ) ବିନା କୌଣସି ସରକାରୀ ଅନୁମୋଦିତ କାଗଜପତ୍ରରେଚାଲି ଆସୁଥିଲା। ମାତ୍ର ଏବେ (ଓଏସପିସିବି) ଜାଲରେ ଛନ୍ଦି ହୋଇପଡିଛି। କାରଣ ଦୀର୍ଘ ବର୍ଷ ହେଲା ବେଆଇନ ଭାବେ ଉକ୍ତ ରେଡିମିକ୍ସ କଂକ୍ରିଟ ୟୁନିଟ୍‌ଟି ଅବାଧରେ ଚାଲିଥିଲା। ହେଲେ ବିନା ଅନୁମତିରେ ଆପେକ୍ସ ବିଲ୍ଡକନ ବାଚିଙ୍ଗ ପ୍ଲାଣ୍ଟ ଚାଲୁଥିବା ସମ୍ପର୍କରେ ଅଭିଯୋଗ ହେବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ଗତ ୬ ତାରିଖରେ ପ୍ଲାଣ୍ଟ ଉପରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବିନା କାଗଜପତ୍ରରେ ତଥା ବେଆଇନ ଭାବେ ଏହି ୟୁନିଟ୍ ଚାଲୁଥିବା ତଦନ୍ତକାରୀ ଟି଼ ଜାଣିବାକୁ ପାଇଥିଲେ। କିଛି ଦଲାଲ ଓ ଅସାଧୁ ପ୍ରଶାସନିକ ଅଧିକାରୀଙ୍କୁ ମୋଟା ଅଙ୍କର ବଟି ଦେଇ ଅବାଧରେ ଏହି ରେଡିମିକ୍ସ କଂକ୍ରିଟ ୟୁନିଟ ଚଳାଇଥିବା ଚର୍ଚ୍ଚା ଜୋର ଧରିଛି। ଯାହାକି ଏହା ଜଳ ଓ ବାୟୁ ପ୍ରଦୂଷଣ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରୁଛି।



ଏଥିନେଇ ମେସର୍ସ ଆପେକ୍ସ ବିଲ୍ଡକନକୁ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ତେଣୁ ନୋଟିସ ପାଇବାର ୧୪ ଦିନ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିକଟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହାକୁ ଖିଲାପ କରନ୍ତି ତେବେ ଆପେକ୍ସ ବିଲ୍ଡକନର ରେଡିମିକ୍ସ କଂକ୍ରିଟ ୟୁନିଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ନୋଟିସ୍‌ର କପି ଯାଜପୁର ଜିଲ୍ଲାପାଳ ଏବଂ ଓଏସ୍‌ପିସିବି ସଦସ୍ୟ ସଚିବଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

## ବାଇକ୍ ଧକ୍କାରେ ୫ ଆହତ



**ବ୍ରହ୍ମବରଦା,୨୦।୬(ସମିସ):** ବ୍ରହ୍ମବରଦା ଥାନା ଅର୍ନ୍ତଗତ ସାନପୋଖରୀ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇ ୫ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଆହତମାନଙ୍କୁ ଧର୍ମଶାଳା ପରେ କଟକ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ସୂଚନା ଥାଉକି ଗତକାଲି ବିଳମ୍ବିତ ରାତିରେ ବରୁଆ-ବାଲିଚନ୍ଦ୍ରପୁର ରାସ୍ତାରେ ବ୍ରହ୍ମବରଦା ମିଶନଶକ୍ତି ଗୃହ ନିକଟରେ ବ୍ରହ୍ମବରଦା ପଟୁ ବାଲିଚନ୍ଦ୍ରପୁର ଅଭିମୁଖେ ଯାଉଥିବା ଏକ ହିରେ ଏଚଏଫ ଡିଲକ୍ସ ଗାଡ଼ିକୁ ବିପରୀତ ଦିଗରୁ ଆସୁଥିବା ଅନ୍ୟଏକ ବାଇକ୍ ଜାୱା ଗାଡ଼ି ନଂ. ଓଡି ୩୪ୟୁ ୨୬୫୬କୁ ଧକ୍କା ଦେଇଥିଲା ଫଳରେ ଘଟଣାସ୍ଥଳରେ ୫ଜଣ ଆହତ ହୋଇଥିବା ବେଳେ ୩ଜଣ ଗୁରୁତ୍ୱର ଆହତ ହୋଇଥିଲେ। ନିକଟସ୍ଥ ଗ୍ରାମବାସୀ ମାନେ ଓ ବ୍ରହ୍ମବରଦା ପୋଲିସ ଖବର ପାଇ ଆହତ ମାନଙ୍କୁ ଧର୍ମଶାଳା ଚିକିତ୍ସାଳୟକୁ ପଠାଇଥିଲେ ସେଠାରେ ୩ତିନିଜଣ ଅବସ୍ଥା ଗୁରୁତ୍ୱର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ଥାଉକୁ ବ୍ରହ୍ମବରଦା ମାଛ ର୍ମାକେଟ ଠାରୁ ନାଳକୂଳ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତାଟି ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଏହି ରାସ୍ତାରେ ହମ୍ପସ ତିଆରୀ କରିବା ହେଉ କିମ୍ବା ସ୍ପିଡ୍ ବ୍ରେକର ନିର୍ମାଣ ପାଇଁ ସର୍ବସାଧାରଣରେ ଦାବି ହେଉଛି।

## ବାଲି ହାଇୱା ଚାଳକ ଗିରଫ



**ପାଣିକୋଇଲି,୨୦।୬(ସମିସ):** ଯାଜପୁର ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଧିକାରୀ ସିତେଶ କୁମାର ନାୟକ ପାଣିକୋଇଲି ବଜାର ଉପରେ ଚଢଉ କରି ଦୁଇ ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିଥିଲେ। ଜବତ ବାଲି ଗାଡି ବେଆଇନ ଭାବେ ଚାଲାଣ ହେଉଥିବାରୁ ଖଣି ବିଭାଗ ଏନେଇ ମାମଲା କରିବାକୁ ଥାନାରେ ଦେଇଥିଲେ। ଏନେଇ ମାମାଲା ୧୭୪/୨୫ରେ ଚାଳକ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ରାଧାବଲ୍ଲଭପୁର ଗ୍ରାମର ସେକ୍ ମହମ୍ମଦଙ୍କ ପୁଅ ସେକ ସବିର (୨୭) ଓ ଅନ୍ୟ ମାମଲା ୧୭୫/୨୫ରେ ଚାଳକ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଭାଟକରୁଆ ଗ୍ରାମର ଅର୍ଜ୍ଜୁନ ସେଠୀଙ୍କ ପୁଅ ଘନଶ୍ୟାମ ସେଠୀ (୪୭)କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଥାନାର ଏଏସଆଇ ସୁମିତ କୁମାର କୁଜୁର ଜଣାଇଛନ୍ତି।

## ଟାଟାଷ୍ଟିଲ୍ ପକ୍ଷରୁ ଡାଇରିଆ ସଚେତନତା



**ଦାନଗଦି,୨୦।୬(ସମିସ):** ଯାଜପୁର ଜିଲ୍ଲାର ଦାନଗଦି ବ୍ଲକରେ ଡାଇରିଆ ରୋଗ ବ୍ୟାପିବା ପରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ) ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସହ ମିଶି ତ୍ୱରିତ ପଦକ୍ଷେପ ନେଇଛି। ସଂସ୍ଥା ପକ୍ଷରୁ ଆମ୍ବୁଲାନ୍ସ ସେବା, ଔଷଧ ବଣ୍ଟନ ଓ ସଚେତନତା ଅଭିଯାନକୁ ସକ୍ରିୟ ଭାବେ ହାତକୁ ନିଆଯାଇଛି। ଟିଏସ୍‌ଏଫ ପ୍ରଭାବିତ ଅଞ୍ଚଳରୁ ରୋଗୀମାନଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଓ ଯାଜପୁର ଜିଲ୍ଲା ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଇଛି। ଏଥିସହ ସରକାରୀ ମେଡିକାଲ ଟିମକୁ ଔଷଧ ସହିତ ପ୍ରଭାବିତ ଗ୍ରାମମାନଙ୍କରେ ପହଞ୍ଚାଇବା ପାଇଁ ଅତିରିକ୍ତ ଯାନବାହନର ବ୍ୟବସ୍ଥା କରିଛି। ଏହା ବ୍ୟତୀତ, ଟିଏସ୍‌ଏଫ ଏକ ଅନ୍ୟ ଯାନ ଯୋଗାଇ ଦେଇଛି। ଯାହାକି ସରକାରୀ ଡାକ୍ତରୀ ଦଳ, ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀକୁ ପ୍ରଭାବିତ ଅଞ୍ଚଳକୁ ପଠାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଥିସହ, ଟିଏସ୍‌ଏଫ ନିୟମିତ ଭାବେ ସ୍ଥାନୀୟ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଡାଇରିଆ ଏବଂ କଲେରା ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇ ଲୋକଙ୍କୁ ସଚେତନ କରିବାରେ ସହାୟକ ହେଉଛି। ଏହି ସଚେତନତା ଉପକ୍ରମଗୁଡ଼ିକ ଟିଏସ୍‌ଏଫ କର୍ମଚାରୀ, ସ୍ୱେଚ୍ଛାସେବୀଙ୍କ ପ୍ରୟାସରେ ଆୟୋଜିତ ହେଉଥିବା ବେଳେ ରିସ୍ତା ଏବଂ ପୋଷଣ ପ୍ରୋଜେକ୍ଟର ମଧ୍ୟ ଏଥିରେ ସକ୍ରିୟ ଯୋଗଦାନ ରହିଛି।

## ସ୍କୁଲକୁ ବିଶୋଧନ ସାମଗ୍ରୀ ଯୋଗାଣ ଦାବି

**ଯାଜପୁର,୨୦।୬(ସମିସ):** ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍ ଅଞ୍ଚଳରେ କଲେରା ବ୍ୟାପିଅଛି। ଏହି ପରିପ୍ରେକ୍ଷୀରେ ସରକାର ସ୍କୁଲ ଖୋଲିବା ପାଇଁ ସମୟ ଗଡ଼ାଇ ଚାଲିଛନ୍ତି। କିନ୍ତୁ ପ୍ରତ୍ୟେକ ସ୍କୁଲର ଛାତ୍ରଛାତ୍ରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ସୁରକ୍ଷା ପାଇଁ କିଛି ବିହୀତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟମାନଙ୍କୁ ବ୍ଲିଚିଂ ପାଉଡ଼ର ଫିନାଇଲ, ହେଲୋଜିନ୍ ବଟିକା ଏବଂ ଓଆର୍‌ଏସ୍ ପାଉଚ ତୁରନ୍ତ ଯୋଗାଇ ଦେବାକୁ ଜିଲ୍ଲା ଉପଭୋକ୍ତା ସମିତିର ସଭାପତି ଦିଗମ୍ବର କର ଜିଲ୍ଲା ଶିକ୍ଷାଧିକାରୀ ଏବଂ ଯାଜପୁର ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି।

## କୁଢ଼ କୁଢ଼ ଅଳିଆ ଆବର୍ଜ୍ଜନାମୟ ସିଂହପୁର ବଜାର



**ସିଂହପୁର,୨୦।୬(ସମିସ):** ବିଞ୍ଝାରପୁର ତହସିଲ ଅନ୍ତର୍ଗତ ସିଂହପୁର ବଜାର ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟୀ କେନ୍ଦ୍ର। ଆଖ ପାଖ ପ୍ରାୟ ବିଞ୍ଝାରପୁର, ଦଶରଥପୁର, ପଡୋଶୀ କେନ୍ଦ୍ରାପଡା ଜିଲ୍ଲାର ଆଳି, ରାଜକନିକା ବ୍ଲକର ପ୍ରାୟ ୧୦୦ଟି ଗ୍ରାମର ଲୋକେ ବଜାରକୁ ପ୍ରତିଦିନ ଆସିଥାନ୍ତି। ଏଠାରେ ସପ୍ତାହରେ ଦୁଇ ଥର ସାପ୍ତାହିକ ହାଟ ବସେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜିନିଷ କିଣା ବିକା ପାଇଁ ଲୋକମାନଙ୍କ ଭିଡ ହୁଏ। ବଜାରର ମୁଖ୍ୟପ୍ରବେଶ ପଥ ବସ୍‌ରହଣି ସ୍ଥାନରେ କୁଢ଼ କୁଢ଼ ଅଳିଆ, ଆବର୍ଜ୍ଜନାମୟ ଏହା ପଚି ଦୁର୍ଗନ୍ଧ ହେଉଛି। କେବଳ ଏହି ସ୍ଥାନରେ ନୁହେଁ ବଜାରର ଅଧିକାଂଶ ସ୍ଥାନରେ ଅବସ୍ଥା ଶୋଚନୀୟ। ସାପ୍ତାହିକ ହାଟ ଅବସ୍ଥା ଦୟନୀୟ। ଏବେ ଯାଜପୁର ଜିଲ୍ଲାର ବିଞ୍ଝାରପୁର ବ୍ଲକ ସମେତ ସମଗ୍ର ଜିଲ୍ଲାରେ ମହାମାରୀ ବ୍ୟାପି ଝାଡ଼ାବାନ୍ତି ପରିସ୍ଥିତି ଅଣାୟତ୍ତ ଥିବା ବେଳେ ସିଂହପୁର ବଜାରର ଅବସ୍ଥା ଶୋଚନୀୟ ଥିବାରୁ ସଂକ୍ରମଣ ଅଧିକ ହେବାର ସମ୍ଭାବନା ରହିଛି। ଏ ପରିସ୍ଥିତିରେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ବଜାରରେ ଓ ସାପ୍ତାହିକ ହାଟ ରେ ପଚା, ଶଢ଼ା, ଅଳିଆ ଆବର୍ଜ୍ଜନା ଏମିତି ହୋଇଛି। ବର୍ଷାରେ ଏହା ପଚି ଦୁର୍ଗନ୍ଧ ହେଉଛି। କେତକ ସ୍ଥାନରେ ଲୋକେ ନାକରେ ହାତ ଦେଇ ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ, ଜିଲ୍ଲା ଚିକିତ୍ସା ଅଧିକାରୀ, ତହସିଲ ଠାରେ ଲୋକେ ଦାବି କରିଛନ୍ତି।

## ମୃଦୁ୍ୟପାନୀୟ ବୋତଲରେ ଅପମିଶ୍ରଣ ସାମଗ୍ରୀ

ବିଞ୍ଝାରପୁର,୨୦।୬(ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅଞ୍ଚଳରୁ କୋକାକୋଲା କମ୍ପାନୀ ଦ୍ୱାରା ପ୍ରସ୍ତୁତ ଥମ୍ସ ଅପ୍ ଚାର୍ଜ ମୃଦୁପାନୀୟ ଜଳ ବୋତଲ ମଧ୍ୟରେ ଅପମିଶ୍ରଣ ସାମଗ୍ରୀ ରହିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ବିଞ୍ଝାରପୁର ବ୍ଲକ ବରୁଣେଶ୍ୱର ଛକ ଟୁଲୁ ବିଟିଲ୍ ସପରୁ ଏକ ଅପମିଶ୍ରିତ ଥଣ୍ଡା ଗ୍ରାହକ ମାନେ ଜବତ କରିଛନ୍ତି। ଥଣ୍ଡା ପିଇବା ପାଇଁ ୫ ଜଣ ଗ୍ରାହକ ଆସିଥିବା ବେଳେ ଦୋକାନୀ ଟୁଲୁ ବିଶ୍ୱାସକୁ ସେ ଥମ୍ସଅପ୍ ଥଣ୍ଡା ମାଗିଥିଲେ। ଶ୍ରୀ ବିଶ୍ୱାଳ ଥଣ୍ଡା ଦେବା ବେଳେ ବୋତଲରେ ଏକ ଅପମିଶ୍ରିତ ପ୍ରାଷ୍ଟିକ ସାମଗ୍ରୀ ଥିବା ଦେଖି ଲୁଚାଇଦେବାକୁ ଚେଷ୍ଟା କରିଥିବା ବେଳେ ଗ୍ରାହକମାନେ ସେ ବୋତଲଟିକୁ ଠାବ କରିଥିଲେ। ବୋତଲରେ ଏପରି ଅପମିଶ୍ରଣ ସାମଗ୍ରୀ ଦେଖି ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଦେକାନି ଟୁଲୁ ବିଶ୍ୱାଳକୁ ପଚରା ଯିବାରୁ ସେ କହିଛି ଯେ ସେ ଯାଜପୁର ଖଣ୍ଡରା ଠାରେ ଥିବା ଡିଲରଠାରୁ ଏହି ଥଣ୍ଡା କିଣିଥିଲେ। ଏହା ସହ ଲୋକଙ୍କ ଅଭିଯୋଗ ଏବଂ ଅସନ୍ତୋଷକୁ ଆଧାର କରି ଥଣ୍ଡା ବୋତଲେକୁ ଠିପି ନ ଖୋଲି ସୁରକ୍ଷିତ ରଖିଛି। ଆବଶ୍ୟକ ସ୍ଥଳରେ ଏହା ଲ୍ୟାବ ଟେଷ୍ଟ ପାଇଁ ଯଦି ଦରକାର ପଡେ ତାହା ମୁଁ ପ୍ରଦାନ କରିବି। ଏହା ସହ ଯାଜପୁର ଅଞ୍ଚଳରେ ଝାଡ଼ା ବାନ୍ତି ରୋଗରେ ଆକ୍ରାନ୍ତ ବୃଦ୍ଧି ବେଳେ ଏପରି ଥଣ୍ଡା ବୋତଲ ଠାବ ହେବା ନେଇ ଗ୍ରାହକ ମହଲରେ ଅସନ୍ତୋଷ ବଢୁଛି। ଏଥି ପ୍ରତି ପ୍ରଶାସନିକ ଅଧିକାରୀ ମାନେ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।



## ପୁଲିସ୍ ବିରୋଧରେ ପାତରଅନ୍ତର ଅଭିଯୋଗ
## ପୀଡ଼ିତଙ୍କ ସମ୍ପର୍କୀୟଙ୍କୁ ଗିରଫର ପ୍ରତିବାଦ

**ପ୍ରୀତିପୁର,୨୦।୬(ସମିସ):** ଅଳକୁଣ୍ଡ ଥାନା ଆଇଆଇସି ଅଭିଯୁକ୍ତକୁ ଗିରଫ ନକରି ପୀଡ଼ିତଙ୍କ ସମ୍ପର୍କୀୟଙ୍କୁ ଗିରଫ କରିବାକୁ ବିରୋଧ କରି ଏକାଠି ହୋଇଛନ୍ତି ଗ୍ରାମବାସୀ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଅଭିଯୋଗ ଅନୁଯାୟୀ ଗତ ୪ ତାରିଖରେ ଅଳକୁଣ୍ଡ ଥାନା କପିଳା ପଞ୍ଚାୟତର ଗୁହାଳି ଗ୍ରାମର କୈଳାସ ସାମଲ ଏବଂ ରାଜେନ୍ଦ୍ର ସାମଲଙ୍କ ମଧ୍ୟରେ ରାସ୍ତାରେ ବାଇକ୍ ନେବା ଆଣିବା ସମସ୍ୟାକୁ ନେଇ ଯୁକ୍ତି ତର୍କ ଏବଂ ଠେଲା ପେଲା ହୋଇଥିଲା। ପରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଉଭୟ ଘରକୁ ଫେରିଥିଲେ। କିନ୍ତୁ ପରଦିନ ସନ୍ଧ୍ୟା ବେଳେ ଗାଁର ରାଜେନ୍ଦ୍ର ସାମଲ ଜଣେ ବ୍ୟକ୍ତିଙ୍କ ଗାଡ଼ିର ଚାଳକଥିବାରୁ ଗାଡ଼ି ମାଲିକଙ୍କ ଘରେ ରଖି ନିଜ ଘରକୁ ଫେରୁଥିବା ସମୟରେ କୈଳାଶ ସାମଲଙ୍କ ପୁଅ ସିଦ୍ଧାର୍ଥ ଶଙ୍କର ସାମଲ ରାଜେନ୍ଦ୍ରଙ୍କ ପିଛା କରିଥିଲା ଏବଂ ଗ୍ରାମର ଶ୍ୟାମସୁନ୍ଦର ନାୟକଙ୍କ ଘର ପାଖରେ କୈଳାସ ଏବଂ ତାଙ୍କ ପୁଅ ସିଦ୍ଧାର୍ଥ ରାଜେନ୍ଦ୍ରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ଚେଷ୍ଟା କରିବାରୁ ରାଜେନ୍ଦ୍ର ତାଙ୍କୁ ବାଧା ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କୈଳାସଙ୍କ ପୁଅ ସିଦ୍ଧାର୍ଥ ତାଙ୍କ ଉପରେ ନିଜ ଟ୍ରାକ୍ଟର ଚଢ଼ଇ ଦେଇଥିଲେ। ତେବେ ରାଜେନ୍ଦ୍ର ଚିତ୍କାର କରିବାରୁ ଗ୍ରାମବାସୀ ଦୌଡ଼ି ଆସିଥିଲେ ଏବଂ ରାଜେନ୍ଦ୍ରଙ୍କୁ ନିକଟସ୍ଥ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲା। ଟ୍ରାକ୍ଟର ଚଢ଼ିଯିବା ଦ୍ୱାରା ରାଜେନ୍ଦ୍ର ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ପୁଲିସ କେବଳ ରାଜେନ୍ଦ୍ରଙ୍କ ପୁଅକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ରାଜେନ୍ଦ୍ରଙ୍କୁ ଗାଡ଼ି ଚଢ଼ଇ ମାରିଦେବାକୁ ଉଦ୍ୟମ କରିଥିବା କୈଳାଶ ସାମଲଙ୍କ ପୁଅ ସିଦ୍ଧାର୍ଥ ସାମଲଙ୍କୁ ଗିରଫ କରିନାହିଁ। ତେବେ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେବା ସହିତ ତୁରନ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାକୁ ଦାବି ଜୋର ଧରିଛି।

## ବୃଦ୍ଧାଶ୍ରମକୁ ଆକ୍ୱାଗାର୍ଡ ପ୍ରଦାନ

**ପାଣିକୋଇଲି,୨୦।୬(ସମିସ):** ପାଣିକୋଇଲିସ୍ଥିତ ଶେଷ ପରିଚୟ ବୃଦ୍ଧାଶ୍ରମକୁ ନବଉତ୍କଳ ମହିଳା ସମିତି ପକ୍ଷରୁ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଯାଜପୁର ଜିଲ୍ଲାରୁ ସୃଷ୍ଟି ହୋଇଥିବା ଝାଡ଼ାବାନ୍ତି ରୋଗ ଏବେ ବିଭିନ୍ନ ଜିଲ୍ଲାକୁ ବ୍ୟାପିଥିବାରୁ ଏବେ ଏହା ଏକ ବଡ଼ ଚିନ୍ତାର କାରଣ କାରଣ ପାଲଟିଛି। ଏମିତିକି ଏହି ରୋଗରେ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ଏପରିସ୍ଥଳେ ବୃଦ୍ଧାଶ୍ରମର ଅନ୍ତେବାସୀ ବିଶୁଦ୍ଧ ପାନୀୟ ଜଳରୁ ବଂଚିତ ନହେବା ପାଇଁ ନବ ଉତ୍କଳ ମହିଳା ସମିତି ପ୍ରୟାସ କରିଛି। ଆଜି ସମିତିର କର୍ମକର୍ତ୍ତା ମନେ ପହଞ୍ଚି ବୃଦ୍ଧାଶ୍ରମରେ ଆକ୍ୱାଗାର୍ଡ ଲଗାଇବା ସହ ଅନ୍ତେବାସୀଙ୍କ ଭଲମନ୍ଦ ବୁଝିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଶାନ୍ତିଲତା ମାଝୀ, ସଭାପତି ଅମୂଲି ପହୀ, ସମ୍ପାଦକ ଜୟନ୍ତୀ ଜେନା ପ୍ରମୁଖ ସାମିଲ ଥିଲେ।



## ସନ୍ଦିଗ୍ଧ ବ୍ୟାଗରୁ ଗଞ୍ଜେଇ ଜବତ

**ଧର୍ମଶାଳା,୨୦।୬(ସମିସ):** ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ଲକ୍ଷ୍ମୀମଣ୍ଡପ ଠାରେ ଗୁରୁବାର ସକାଳେ ଜଣେ ସନ୍ଦିଗ୍ଧ ମହିଳା ଦୁଇଗୋଟି ଏୟାର ବ୍ୟାଗ ଜଣଙ୍କ ଘର ପଛପଟ ବାରଣ୍ଡାରେ ଥୋଇ କେଉଁଆଡେ ଫେରାର ହୋଇଯାଇଛି। ଏହି ବ୍ୟାଗ ଗତକାଲି ଦିନ ଦୁଇଟାକୁ ରାତି ପର୍ଯ୍ୟନ୍ତ ଜଣକ ଘର ପଛ ବାରଣ୍ଡାରେ ରହିଥିବା ବେଳେ ସ୍ଥାନୀୟ ପୁଲିସ ବ୍ୟାଗ ନିକଟକୁ ଯିବା ପାଇଁ ଭୟ କରିଥିଲା। ଫଳରେ ପୁଲିସ କିଛି ଦୂରରେ ରହି ବ୍ୟାଗକୁ ଜଗିରହିଥିଲା। ବିଳମ୍ବିତ ରାତିରେ ଏକ୍ସପର୍ଟ ପୁଲିସ ଆସି ବ୍ୟାଗକୁ ଖୋଲିବା ପରେ ସେଥିରେ ଗଞ୍ଜେଇ ରହିଥିବା ଜଣାପଡିଥିଲା। ପରେ ପୁଲିସ ଗଞ୍ଜେଇ ଭର୍ତ୍ତି ଉକ୍ତ ବ୍ୟାଗ ଦୁଇଟିକୁ ଜବତ କରି ଥାନାକୁ ନେଇ ଥିଲା। ଆଜି ଏହାକୁ ଓଜନ କରିବା ପରେ ଉଭୟ ବ୍ୟାଗରେ ୯ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ରହିଥିବା ଜଣାପଡିଥିଲା। ତେବେ କିଏ କେଉଁ ପରିସ୍ଥିତିରେ ଏଠାରେ ଗଞ୍ଜେଇ ଭର୍ତ୍ତି ବ୍ୟାଗ ରଖି ଫେରାର ହୋଇଗଲା ତାହାକୁ ନେଇ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।



## ଶାଳିଜଙ୍ଗା ପଞ୍ଚାୟତରେ ବିକାଶ ବାହନ ଯାତ୍ରା



**ଦାନଗଦି,୨୦।୬(ସମିସ):** ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଶାସନ ପକ୍ଷରୁ ବିକାଶ ବାହନ ଯାତ୍ରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଦାନଗଦି ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକର ସଂପର୍କରେ ଏହି ବାହନ ସଚେତନ କରୁଛି ବୋଲି ଏବିଡିଓ ଦିବ୍ୟକାନ୍ତି ମିଶ୍ର କହିଛନ୍ତି। ଏଥିରେ ଅନ୍ତୋଦୟ ଗୃହ ଯୋଜନାରେ ୧ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ, ଖାଦ୍ୟ ସୁରକ୍ଷା ଯୋଜନାରେ ୧୭ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ସାମାଜିକ ସୁରକ୍ଷା ଯୋଜନାରେ ୧୦ଜଣଙ୍କୁ ଚିହ୍ନଟ କରି ଭତ୍ତା ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର ବିଭାଗ ପକ୍ଷରୁ ୫୦ଜଣ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଛି। ମନରେଗାରେ ନୂତନ ଜବ୍‌କାର୍ଡ ୨ଜଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଦୁଇ ଜଣଙ୍କୁ ପଟ୍ଟା ଦିଆଯାଇଥିଲା। ଟମକା ବନାଞ୍ଚଳର ତରଫରୁ ୫୦୦ଚାରା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ଟମକା ବନାଞ୍ଚଳ ଅଧିକାରୀ ମାଣିକ ମୁଣ୍ଡା, ସମାଜ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ମଗୁଲି ପ୍ରଧାନ, ଗ୍ରାମପଞ୍ଚାୟତର ବିକାଶ ଅଧିକାରୀ ହଳଧର ମହାନ୍ତି, ଦିଗାମ୍ବର ସାହୁ, ଦୁଷ୍ମନ୍ତ ରଣା, ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷ, ସରପଞ୍ଚ ବିଜୟ ଲକ୍ଷ୍ମୀ ଦାସ, ବନରକ୍ଷୀ ସୁଶାନ୍ତ ନାୟକ, ଆମାତୁଲ ସୁକୁର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଏମ୍‌ବିକେ, ସିଆର୍‌ପି ଓ ଜନସାଧାରଣ ଉପସ୍ଥିତ ଥିଲେ। ପଞ୍ଚାୟତର ନିର୍ବାହୀ ଅଧିକାରୀ ବିଧୁପ୍ରସାଦ ଧୀର ସଭା ପରିଚାଳନା କରିଥିଲେ।

## ପୁଣି ଫେରୁଛି କରୋନା
# କୋଭିଡ୍ ସରଞ୍ଜାମ ଗାଏବ୍

**ବରୀ,୨୦।୬(ସମିସ):** ରାଜ୍ୟରେ ୨୦୨୦-୨୧ ଓ ୨୦୨୧-୨୨ ମସିହାରେ ବ୍ୟାପିଥିବା ମହାମାରୀ କରୋନା ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ପାଇଁ ରାଜ୍ୟବ୍ୟାପି ପଞ୍ଚାୟତ ଓ ବ୍ଲକସ୍ତରରେ ଆସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରମାନ (ଟିଏମ୍‌ସି) ଖୋଲା ଯାଇଥିଲା। ଏହି ଅବସରରେ ଯାଜପୁର ଜିଲ୍ଲା ବରୀ ବ୍ଲକରେ ମଧ୍ୟ ଶତାଧିକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରମାନ ଖୋଲାଯାଇ କରୋନା ରୋଗୀଙ୍କୁ ରଖାଯାଉଥିଲା। ଏହି କେନ୍ଦ୍ରମାନଙ୍କରେ କରୋନା ରୋଗୀଙ୍କ ବ୍ୟବହାର ପାଇଁ କୋଟି କୋଟି ଟଙ୍କାର ସରଞ୍ଜାମ ଅଧିକାରୀ ମାନଙ୍କ ଦାୟିତ୍ୱରେ ଦିଆଯାଇଥଲା। ଅଧିକାରୀଙ୍କ ଖାସଲୋକ ଦାୟିତ୍ୱ ନେଇ ନିଜେ ନିମ୍ନମାନର କ୍ରୟ କରି ଉଚ୍ଚମାନର ବିଲ୍ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସାମଗ୍ରୀକୁ ସରକାରୀ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନା ଗୁଡିକୁ ହସ୍ତାନ୍ତର କରିବାକୁ ତତ୍କାଳୀନ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସେତେବେଳେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶକୁ ବରୀ ବ୍ଲକର ଅଧିକାରୀମାନେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଛି କି ନା ତାହା ସଠିକ ସୂଚନା ଦେଉନାହାଁନ୍ତି। ଯଦି କୌଣସି ଅନୁଷ୍ଠାନକୁ ଦିଆଯାଇଛି ତାହା କେବେ ଦିଆଗଲା, କ'ଣ କ'ଣ ଦିଆଗଲା ସେତେବେଳେ ସରଞ୍ଜାମର ସ୍ଥିତି କ'ଣ ଥିଲା ଏସବୁର ତର୍ଜମା କରିବା ସମୟ ଆସିଛି। ଯଦି ତାହା କାର୍ଯ୍ୟକାରୀ ହୋଇନାହିଁ ତେବେ କୋଟି କୋଟି ଟଙ୍କାର ବେଡ୍, କୁଲର, ଇନଭେଟର, ପଙ୍ଖା, ଫିଲଟର ଆଦି ଗଲା କୁଆଡେ। ଏପରିକି ଭଙ୍ଗା ସାମଗ୍ରୀ, ବଦଳରେ ନୂଆ ଦାମୀ ସାମଗ୍ରୀ ଲୁଟ୍ କରାଯାଇଛି ବୋଲି ଅଭିଯୋଗ ହେଉଛି। କିନ୍ତୁ ସରକାରଙ୍କ ଆଦେଶ ପ୍ରକାରେ ପଞ୍ଚାୟତ ଅଧିକାରୀମାନେ ସମସ୍ତ ଜିନିଷର ତାଲିକା କରି ସମ୍ପୃକ୍ତ ଅନୁଷ୍ଠାନମାନଙ୍କୁ ହସ୍ତାନ୍ତର କରିବା କଥା। ହେଲେ ପଞ୍ଚାୟତ ଅଧିକାରୀ ମାନେ କାହାକୁ ଖାତିର ନକରି କରୋନା ଅର୍ଥକୁ ମିଳିମିଶି ଲୁଟି ଚାଲିଲେ। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏହି ସରଞ୍ଜାମ ଓ ସାମଗ୍ରୀ ଗୁଡିକ ଟିଏମ୍‌ସି ଦାୟୀତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏଥିରେ ହୋଇଥିବା ବଡ଼ ଧରଣର କେଳେଙ୍କାରୀ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।



# ସରୁନି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ

**କୟାଁଗୋଲା,୨୦।୬(ସମିସ)**

ବନ୍ୟା ବାତ୍ୟା ଦୁର୍ବିପାକରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହେଉଛି ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରକଳ୍ପ। ୪ବର୍ଷ ପୂରିଲା ପରେ ମଧ୍ୟ ଶେଷ ହୋଇ ପାରିଲା ନାହିଁ କାର୍ଯ୍ୟ। ଏପଟେ ନିର୍ମାଣ କାର୍ଯ୍ୟ ଦକ୍ଷତା ଓ ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ କରିଛନ୍ତି ପଞ୍ଚାୟତବାସୀ। ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତରେ ନିର୍ମାଣ ହେଉଥିବା ବାତ୍ୟା ଆଶ୍ରୟସ୍ଥଳୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତୁରାରେ ହେଉଛି ନିମ୍ନମାନର କାର୍ଯ୍ୟ। ୪ ବର୍ଷ ପୂରିଲା ଏହାରି ଭିତରେ ବାତ୍ୟା, ବନ୍ୟା ଯାଇଥିଲେ ମଧ୍ୟ କାର୍ଯ୍ୟ ନ ସରିବା ଯୋଗୁଁ ଆଶ୍ରୟ ସ୍ଥଳୀ ଲୋକମାନଙ୍କ କାମରେ ଲାଗୁନି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ଠିକାଦାର ମନମାନିର ଚାଲିଛି ନିର୍ମାଣ କାର୍ଯ୍ୟ। ତେବେ କାନ୍ଥ ଫାଟିଯିବା ଯୋଗୁଁ ଠିକାଦାର ତରବରିଆ ଭାବେ ଦେଇ ତାକୁ ଲୁଚେଇବାକୁ ଚେଷ୍ଟା କରୁଥିବା ନଜରକୁ ଆସିଛି। ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ହେଉଥିବାରୁ ବାତ୍ୟା ଆଶ୍ରୟସ୍ଥଳକୁ ଯିବା ଆସିବା ପାଇଁ ଥିବା ବାଟ ମଧ୍ୟରେ ପରିପୂର୍ଣ୍ଣ ହୋଇନାହିଁ। ବିଭାଗୀୟ ଅଧିକାରୀ କେବେ କାର୍ଯ୍ୟ ଦେଖିବାକୁ ଆସୁନଥିବା ନେଇ ସ୍ଥାନୀୟ ଲୋକେ କୁହନ୍ତି କି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତରେ କାମ ହେଉଥିବାରୁ ନିର୍ମାଣରେ ଦୁର୍ନୀତି ଚାଲିଛି। ଆଗକୁ ବର୍ଷା ଦିନ ଆସୁଛି। ଯେହେତୁ ଉକ୍ତ ପଞ୍ଚାୟତ ବନ୍ୟା ଅଞ୍ଚଳ ସବୁବେଳେ ଏଠି ବନ୍ୟାର ଭୟ ରହିଛି। ସାଧାରଣ ଲୋକମାନଙ୍କ ସୁରକ୍ଷା ନେଇ ଆଶଙ୍କାରେ ପଞ୍ଚାୟତବାସୀ।



ଡାଇରିଆ ନିୟନ୍ତ୍ରଣ ନିମନ୍ତେ ତ୍ୱରିତ ପଦକ୍ଷେପ

# ୧୪୮ ନୂଆ ରୋଗୀ; ୭ କଟକ ସ୍ଥାନାନ୍ତର

ଯାଜପୁର, ୨୦।୬(ସମିସ)



ଯାଜପୁର ଜିଲ୍ଲାରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ଜିଲ୍ଲାର ସରକାରୀ ବେସରକାରୀ ଟ୍ୟୁବ୍‌ୱେଲ୍, କୂପ, ଓଭରହେଡ୍ ଟ୍ୟାଙ୍କ ଗୁଡ଼ିକୁ ବିଶୋଧନ କରାଯାଉଛି । କ୍ଲୋରିନେସନ ହେବା ପରେ ଯେଉଁଠାରେ ପଜିଟିଭ କେସ୍ ଦେଖିବାକୁ ମିଳୁଛି ତାହାକୁ ଚିହ୍ନଟ କରାଯାଇ ସେଠାରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆଜି ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୧୮, ୮୫୧ଟି ସରକାରୀ ଟ୍ୟୁବ୍‌ୱେଲ୍, ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୧୦, ୭୨୫ଟି ସରକାରୀ ଟ୍ୟୁବ୍‌ୱେଲ୍ ବିଶୋଧନ କରାଯାଇଛି । ସେହିପରି ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୩୭, ୦୪୩ଟି ବେସରକାରୀ ଟ୍ୟୁବ୍‌ୱେଲ୍, ଦ୍ୱିତୀୟ ପର୍ଯ୍ୟାୟରେ ୬୮୧ଟି ବେସରକାରୀ ଟ୍ୟୁବ୍‌ୱେଲ୍ ବିଶୋଧନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୨୪୯ଟି ଓଭରହେଡ୍ ଟାଙ୍କି ଓ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୨୪୯ଟି ଓଭରହେଡ ଟାଙ୍କି ବିଶୋଧନ କରାଯାଇଛି । ଅନ୍ୟାନ୍ୟ ଜଳଉତ୍ସ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୫୫୯ଟି ଜଳଉତ୍ସ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୫୫୯ଟି ଅନ୍ୟାନ୍ୟ ଜଳଉତ୍ସଗୁଡ଼ିକୁ ବିଶୋଧନ କରାଯାଇଛି । ସେହିପରି ପ୍ରଥମ ପର୍ଯ୍ୟାୟରେ ୬, ୭୩୩ଟି କୂଅ ବିଶୋଧନ କରାଯାଇଛି । ଜିଲ୍ଲାରେ ଆଜି ସୁଦ୍ଧା ସମୁଦାୟ ୫୫ଟି ଟ୍ୟାଙ୍କର ନିୟୋଜିତ ହୋଇଛି । ଆଜି ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୪୮ ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୭ ଜଣଙ୍କୁ କଟକ ରେଫର କରାଯାଇଛି । ୧୦୦ ଜଣଙ୍କୁ ଡିସଚାର୍ଜ କରାଯାଇଛି । ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟାନ୍ୟ ଚିକିତ୍ସାଳୟରେ ମୋଟ ୧୮୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି । ଆଜିର ସମୀକ୍ଷା ବୈଠକରେ ଜିଲ୍ଲାପାଳ ସୁସ୍ଥ ହୋଇଘରକୁ ଫେରୁଥିବା ବ୍ୟକ୍ତିଙ୍କୁ ଜିଲ୍ଲା ନିୟନ୍ତ୍ରଣ କକ୍ଷରୁ ଫୋନ ଯୋଗେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ସେମାନେ ପ୍ରୋଟୋକୋଲ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦିଆଯାଉଛି । ରୋଗୀଙ୍କ ପରିଚାରକ ସମସ୍ତଙ୍କୁ ଡକ୍ସି ସାଇ କ୍ଲିନ ଡୋଜ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରମାନେ ରୋଗୀଙ୍କୁ ଶୀଘ୍ର ଡିସଚାର୍ଜ ନକରି ବିହିତ ପ୍ରୋଟୋକଲ ଅନୁଯାୟୀ ଡିସ୍‌ଚାର୍ଜ କରିବେ । ଲୋକମାନଙ୍କୁ ସରକାରୀ ନଳକୂପ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି । ଆସନ୍ତାକାଲି ଠାରୁ ବିଦ୍ୟାଳୟମାନଙ୍କର ଜଳଉତ୍ସ ଗୁଡିକ ବିଶୋଧନ କରାଯିବ । ପ୍ରତ୍ୟେକ ଘରେ ସାବୁନ ବଣ୍ଟନ ଚାଲୁରହିଛି । କୌଣସି ପରିସ୍ଥିତିରେ ନଦୀ ଜଳ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି ।

## ଧର୍ମଶାଳାରେ ଝାଡ଼ାବାନ୍ତି ସ୍ଥିର

**ଧର୍ମଶାଳା:** ଧର୍ମଶାଳା ବ୍ଲକରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ପୂର୍ବପେକ୍ଷା କମୁଥିବା ଦେଖିବାକୁ ମିଳିଛି । ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୮ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ ରସୁଲପୁର ବ୍ଲକର ହୋଇଥିବା ଜଣେ ଢେଙ୍କାନାଳ ଜିଲ୍ଲା ନିହଲ ପ୍ରସାଦର ହୋଇଥିବା ଜଣାପଡ଼ିଛି । ତେବେ ଧର୍ମଶାଳା ବ୍ଲକ ଅଞ୍ଚଳର ୩୬ ଜଣ ଆକ୍ରାନ୍ତ ଏବେ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ପାଣି ପାଇଁ ଡାଇରିଆ ରୋଗ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯିବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ ଜଳଖିଆ ଦୋକାନରୁ ପାଣି ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଲ୍ୟାବକୁ ପଠାଯାଇଥିଲା । ସେଥି ମଧ୍ୟରୁ ଆସିଥିବା ରିପୋର୍ଟରେ ଭୂତାଣୁ ଥିବା ଦୋକାନ ଗୁଡିକୁ ପ୍ରଶାସନ ପକ୍ଷରୁ ସିଲ କରି ଦିଆଯାଇଛି । ତେବେ ସ୍ଥିତିରେ ସୁଧାର ଆସୁଥିବା ବେଳେ ଗୁଜବ ପ୍ରତି ସଚେତନ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମସ୍ତ ଆକ୍ରାନ୍ତଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି ।

## ପାଣିପାଉଚ୍ ପ୍ଲାଣ୍ଟ ସହ ଜଳଖିଆ ଦୋକାନ ସିଲ୍

**ବରୀ:** ଯାଜପୁର ଜିଲ୍ଲାରେ ଦିନକୁ ଦିନ ବଢୁଥିବା ହଇଜା ରୋଗରେ ବ୍ରେକ୍ ଲଗାଇବା ପାଇଁ ପ୍ରଶାସନ ଯେତେ ତତ୍ପର ହେଉଥିଲେ ବି ବ୍ୟବସାୟୀମାନେ ନିୟମକୁ ଅଣଦେଖା କରୁଛନ୍ତି । ଯାହା ଫଳରେ ଶୁକ୍ରବାର ଦିନ ବରୀ ତହସିଲ ପକ୍ଷରୁ ବାଲିଆପାଳସ୍ଥିତ ଗୋଟିଏ ପାଣି ପାଉଚ ତିଆରୀ କାରଖାନା ଓ ଅରୁଆଳଠାରେ ଥିବା ଗଲଫ୍ ଏଣ୍ଟରପ୍ରାଇଜସ୍ ନାମକ ବଟ୍‌ଲିଙ୍ଗ ପ୍ଲାଣ୍ଟ ଉପରେ ଚଢ଼ଉ କରି ଉପଯୁକ୍ତ ମାନର ପାନୀୟ ଜଳ ପ୍ରସ୍ତୁତି ହେଉନଥିବା ପରୀକ୍ଷାରୁ ଜଣାପଡ଼ିବା ପରେ ଉକ୍ତ ଦୁଇଟି ପ୍ଲାଣ୍ଟକୁ ସିଲ୍ କରିଛନ୍ତି । ସେହିପରି ବାରମ୍ବାର ତାଗିଦ୍ କରିବା ସତ୍ତ୍ୱେ ବେପରୁଆ ଭାବେ ଜଳଖିଆ ଦୋକାନ ଖୋଲି ବ୍ୟବସାୟ କରୁଥିବା ସନ୍ଥନ ଛକର ଏକ ଜଳଖିଆ ଦୋକାନକୁ ମଧ୍ୟ ସିଲ୍ କରାଯାଇଛି । ଅନ୍ୟପକ୍ଷରେ ଅଳିପୁର ପଞ୍ଚାୟତରେ ଥିବା ଅନ୍ୟ ଏକ ପାନୀୟ ଜଳ ପ୍ରସ୍ତୁତି କରୁଥିବା କାରଖାନାର ପାଣି ନମୁନା ସଂଗ୍ରହ କରି ମାନ ପରୀକ୍ଷଣ ନିମନ୍ତେ ପଠାଯାଇଥିବା ଅତିରିକ୍ତ ତହସିଲଦାର କଲ୍ଲୋଳ ମିଶ୍ର ସୂଚନା ଦେଇଛନ୍ତି ।

## ତଥ୍ୟ ଲୁଚାଉଛି ସ୍ୱାସ୍ଥ୍ୟ ବିଭାଗ

**ଦଶରଥପୁର:** ଝାଡାବାନ୍ତି ଓ ହଇଜା ରୋଗର ତଥ୍ୟ ଲୁଚାଇ ଚାଲିଛି ସ୍ୱାସ୍ଥ୍ୟ ବିଭାଗ । ସୂଚନା ଅନୁସାରେ ଆଜି ୬ ଜଣ ନୂତନ ଆକ୍ରାନ୍ତ ମଙ୍ଗଳପୁର ଗୋଷ୍ଠୀ କେନ୍ଦ୍ରରେ ଆଡ଼୍‌ମିସନ ହୋଇ ଚିକିତ୍ସା ହେଉଥିବାବେଳେ ବ୍ଲକରେ ମୋଟ ୩୦୯ ଜଣ ଆକ୍ରାନ୍ତ ହୋଇ ସାରିଲେଣି । ଜଣଙ୍କର ମୃତ୍ୟୁ ହୋଇସାରିଛି । ମାତ୍ର କିଛି ଦିନ ପୂର୍ବରୁ ଲଗାତାର ୨୦ରୁ ୪୦ ଜଣ ଲେଖାଏ ଆକ୍ରାନ୍ତ ଚିକିତ୍ସା ପାଇଁ ଆସୁଥିବା ସୂଚନା ମିଳିଛି । ହେଲେ ୩ ଦିନ ହେବ ଆହୁରି ଅଧିକ ଆକ୍ରାନ୍ତ ହେଉଥିବା ବେଳେ ଏହାକୁ ଦର୍ଶାଯାଉନାହିଁ । ବାସ୍ତବ ତଥ୍ୟ ପ୍ରଦାନ କଲେ ସରକାର ଲଜ୍ଜିତ ହେବାକୁ ପଡୁଛି । ଏଣୁ ଏଥିରୁ ବର୍ତ୍ତିଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରକୃତ ତଥ୍ୟ ଲୁଚାଉଥିବା ଦେଖାଯାଇଛି । ସୂଚନାଅନୁସାରେ ଅତି ଗୁରୁତର ହେଉଥିବା ରୋଗୀ ମାନଙ୍କୁ ଚିକିତ୍ସାଳୟ ଆସିବାକୁ ପରାମର୍ଶ ଦିଆଯାଉଛି ଗାଁ ମାନଙ୍କରେ । ପ୍ରାଥମିକ ସ୍ତରରେ ଝାଡାବାନ୍ତି ହୋଇଥିଲେ ସେମାନଙ୍କୁ ପଞ୍ଚାୟତ ସ୍ତରରେ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ଆଶା କର୍ମଚାରୀମାନଙ୍କ ଦ୍ୱାରା ସେଡିକାଲ ତରଫରୁ ଯୋଗାଇ ଦିଆଯାଇଥିବା ଆବଶ୍ୟକ ଔଷଧ ଦିଆଯାଇ ଘରେ ରହିବାକୁ ମରାମର୍ଶ ଦିଆଯାଉଛି । ଏହାକୁ ହିସାବକୁ ନିଆଗଲେ ଦଶରଥପୁର ବ୍ଲକରେ ପ୍ରତି ଦିନ ୫୦ରୁ ୬୦ ଜଣ ଆକ୍ରାନ୍ତ ହେଉଛନ୍ତି । ଏ ବିଷୟରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅମ୍ରିତା ପ୍ରିତମ ମଲଙ୍କୁ ପଚାରିବାରେ ଆବଶ୍ୟକ ବେଡ୍ ନଥିବା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସିଏଚ୍‌ଓମାନେ ଗାଁ ଗାଁ ବୁଲି ଚିକିତ୍ସା କରୁଛନ୍ତି ବୋଲି କହିଛନ୍ତି ।

ଜିଲ୍ଲା ପ୍ରଶାସନର ମିଳିତ ଚଢ଼ଉ

## ଜରିମାନା ଗଣିଲେ ଜଳଖିଆ ଦୋକାନୀ



**ଭଦ୍ରକ/ଆରଡ଼ି:** ଭଦ୍ରକ ଜିଲ୍ଲା ଆରଡ଼ି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି । ଗତ ୩ଦିନ ହେବ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ତାହାକୁ କିପରି ଆୟତ କରାଯିବ ସେଥିପାଇଁ ଶୁକ୍ରବାର ପ୍ରଶାସନ ମିଳିତ ଚଢ଼ଉ କରିଛି । ଚାନ୍ଦବାଲି ତହସିଲଦାର ଭବତୋଷ ମଲିକଙ୍କ ନେତୃତ୍ୱରେ ଖାଦ୍ୟ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ପୀଠର ବସ୍‌ଷ୍ଟାଣ୍ଡ ଠାରୁ ଆରମ୍ଭ କରି ମୁଖ୍ୟ ବଜାର ଓ ସାହିରେ ଥିବା ସମସ୍ତ ଜଳଖିଆ, ମିଠା ଓ ଉଠାଦୋକାନିଙ୍କର ଖାଦ୍ୟମାନ ଯାଞ୍ଚ କରିବା ସହ ଖାଦ୍ୟ ପ୍ରସ୍ତୁତ ହେଉଥିବା ତେଲ, ବେସନ, ମିଠା ଆଦିର ମାନ ପରିଖିଥିଲେ । ଏପରିକି କେତେକ ଦୋକାନୀଙ୍କ ଖାଦ୍ୟ ଓ ଖାଦ୍ୟ ପ୍ରସ୍ତୁତ ସାମଗ୍ରୀ, ପିଇବା ପାଣି ଠିକ ନଥିବାରୁ ଏପରି ଜିନିଷ ବ୍ୟବହାର ନକରିବା ସହ ବିକ୍ରି ନକରିବା ପାଇଁ କଡ଼ା ତାଗିଦ କରିଥିଲେ । ଏପରିକି କିଛି ଦୋକାନୀଙ୍କ ଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିବା କହିଛନ୍ତି ଚାନ୍ଦବାଲି ତହସିଲଦାର । ଅନ୍ୟପଟେ ଚଢ଼ଉ ଭୟରେ କିଛି ଦୋକାନୀ ଦୋକାନ ବନ୍ଦ କରି ପଳାଇଯାଇଥିଲେ ।

ସୂଚନା ଅନୁଯାୟୀ ଗତ ୩ଦିନ ମଧ୍ୟରେ ୧୦ଜଣ ଝାଡାବାନ୍ତି ରୋଗୀ ଆରଡ଼ି ମେଡିକାଲକୁ ଆସି ଚିକିତ୍ସିତ ହୋଇଥିବା ବେଳେ ୩ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲକୁ ପଠାଯାଇଥିଲା । ତାହାସହ ଅନ୍ୟ ରୋଗୀ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଅନ୍ୟପଟେ ପୀଠରେ ପିଇବାପାଣି ଅସୁବିଧା ଥିବାରୁ ବାବାମଣିଙ୍କ ମନ୍ଦିର ସମ୍ମୁଖରେ ଥିବା ଶିବଗଙ୍ଗା ପୁଷ୍କରିଣୀ ଜଳ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକ ତହସିଲିଦାରଙ୍କ ଦୃଷ୍ଟିଗୋଚର କରାଇଥିଲେ । ହେଲେ ଶିବଗଙ୍ଗା ଜଳ ଏବେ ପ୍ରଦୂଷିତ ହୋଇ କଳା ପଡ଼ିଯିବା ସହ ପଚା ଦୁର୍ଗନ୍ଧମୟ ହେଉଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ସେବାୟତମାନେ ନୀତିଭୋଗ ପ୍ରସ୍ତୁତ କରିବା ସହ ଜଳାଭିଷେକ କରୁଛନ୍ତି । ସେହିପରି ପୀଠର ଚାରିଆଡେ କୁଢକୁଢ ଅଳିଆ ଗଦା ହୋଇ ପଡ଼ିଥିଲେ ମଧ୍ୟ ସାମାନ୍ୟ ବିଚିଂ ପାଓ୍ୱଡର ପକାଯାଉନାହିଁ ବୋଲି ସ୍ଥାନୀୟ ଲୋକ ତହସିଲିଦାରଙ୍କୁ ଜଣାଇଥିଲେ ।

କାଡାନାଳ ନିର୍ମାଣରେ ୪ କୋଟି ଟଙ୍କା ଚଲୁ

## ଭିଜିଲାନ୍ସ ତଦନ୍ତ ଦାବି



**ଅସୁରାଳି, ୨୦।୬(ସମିସ):** କାଡାନାଳ ନିର୍ମାଣ ହୋଇଥିଲା ଚାଷୀମାନଙ୍କ ହିତରେ ମାତ୍ର । କିନ୍ତୁ କାଡାନାଳରେ ଆସୁନି ପାଣି କି ଚାଷ କାର୍ଯ୍ୟରେ ଲାଗୁନି । ୧ ନମ୍ବର ପାଣିପଞ୍ଚାୟତ ଶ୍ରୀଗଙ୍ଗା ନିମିତ୍ତ ୧୪ ନମ୍ବର ଦହିପୁର ପଞ୍ଚାୟତ, କଲେଇ ପଞ୍ଚାୟତ, ଜଳ ମଣ୍ଡୁଆ ପଞ୍ଚାୟତ ନିମିତ୍ତ, ୩୨ ନମ୍ବର ଗୋବିନ୍ଦପୁର, ଅସୁରାଳି ପଞ୍ଚାୟତ ନିମିତ୍ତ ଓ ମାଇନର ଇରିଗେସନ ଜୟ ଜଗନ୍ନାଥ ପାଣି ପଞ୍ଚାୟତ ଅଧୀନରେ ଅସୁରାଳି, ହଂସପୁର ଓ ତୁରୁମୁଣ୍ଡିଆ ଯାଉଛି । ସମସ୍ତ କାଡାନାଳ ନିର୍ମାଣ ଉପରେ ପ୍ରାୟ ୪ କୋଟି ଖର୍ଚ୍ଚ ହୋଇ ୨୦୨୩ ମସିହାରେ ନିର୍ମାଣ ଶେଷ ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ଅର୍ଥାତ୍ ଚଳିତ ବର୍ଷରେ ଏହା ଅଚଳ ହୋଇଯାଇଛି । ନା ଆସୁଛି ପାଣି ନା ହେଇ ପାରୁଛି ଚାଷ କାର୍ଯ୍ୟ । ପୁଣି କାଡାନାଳ ମଧ୍ୟରେ ଆବର୍ଜନା ପୂର୍ଣ୍ଣ ହୋଇ ଗଲାଣି । କେହି ଏପ୍ରତି ଧ୍ୟାନ ଦେଉନାହାନ୍ତି କି ସଫେଇ ହେଉନି । ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଗଲାଣି କାଡ଼ାନାଳ । ଏ ନେଇ ଚାଷୀ ବିଦ୍ୟାଧର ଦାସ, ଶ୍ୟାମ ସୁନ୍ଦର ସେଠୀ, ଭାଗୀରଥି ଦାସ, ରବୀନ୍ଦ୍ର ଜେନା, ବିମଳା ନାଥ, ସସ୍ମିତା ଦାସ ପ୍ରମୁଖ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି । କନିଷ୍ଠ ଯନ୍ତ୍ରୀ ଚନ୍ଦନ ଦାସଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଗୋଟିଏ ରାତିରେ ୫ ଚୋରି

**ବରୀ, ୨୦।୬(ସମିସ):** ବରୀ ରାମଚନ୍ଦ୍ରପୁର ଥାନା ଅର୍ନ୍ତଗତ ଧାରପୁର ଓ ବାଲିଆ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଦୁର୍ବୃତ୍ତମାନେ ଘରେ ପଶି ଲୁଟ୍ କରିଥିବା ଜଣାପଡ଼ିଛି । ଗତକାଲି ବିଳମ୍ବିତ ରାତିରେ ବାଲିଆ ପଞ୍ଚାୟତର ମିଶ୍ରସାହି ଓ ମହାରାଜସାହି ଏବଂ ନାଥପୁର ଗ୍ରାମର ଗୋପାଳ ସାହିର ୩ଟି ପରିବାରରେ ପଶି ଦୁର୍ବୃତ୍ତମାନେ ବିଭିନ୍ନ ଗୃହ ଉପକରଣ ସହ ଅର୍ଥ ଲୁଟ୍ କରିଥିବା ଜଣାପଡ଼ିଛି ।

ଡଙ୍କାରୀରେ ମୃତ ଶ୍ରମିକଙ୍କୁ ମିଳିନି କ୍ଷତିପୂରଣ

## ରେଡ୍‌କ୍ରସ୍ ପାଣ୍ଠି ପ୍ରଦାନ ନିଷ୍ପତ୍ତିକୁ ବିରୋଧ

**ଯାଜପୁର, ୨୦।୬(ସମିସ):** ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ ପାହାଡ ବିସ୍ଫୋରଣରେ ମୃତ୍ୟୁବରଣ ଶ୍ରମିକଙ୍କୁ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ମିଳିପାରିନି । ଜାତୀୟ ଗ୍ରୀନ ଟ୍ରିବୁନାଲ ଏବଂ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପାହାଡ଼ ଲୁଟ କରୁଥିବା ଖାଦାନ ଲିଜଧାରୀ ଶ୍ରମିକମାନଙ୍କୁ ଏହି ଅର୍ଥ ପ୍ରଦାନ ନ କରିବାରୁ ଜିଲ୍ଲାପାଳ ଏହି ଅର୍ଥ ରେଡ୍‌କ୍ରସରୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି । ଜିଲ୍ଲା ପ୍ରଶାସନର ଏଭଳି ନିଷ୍ପତିକୁ ବିରୋଧ କରିଛି ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ । ମଞ୍ଚର ସଭାପତି ସତୀଶ ବିଶ୍ୱାଳ ଏଭଳି ନିଷ୍ପତିକୁ ବିରୋଧ କରି ଏ ଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

ଖବରରୁ ପ୍ରକାଶ, ଡଙ୍କାରୀର ଖାଦାନ ନମ୍ବର-୫/୧୦ରେ ୱାଗନ ହୋଲ୍ ପଥର ବ୍ଲାଷ୍ଟିଂରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ମୃତ ଶ୍ରମିକମାନେ ହେଲେ ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ଥାନାର ଝୋଲ୍ଲା ଗ୍ରାମର ସୁରେଶ ଗୌଡ, ଉମରକୋଟ ଥାନାର ପୂଜାରୀଗୁଡା ଗ୍ରାମର ଜଗବନ୍ଧୁ ମାଝୀ, ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲ୍ଲାର ଇଚ୍ଛାପୁରମର ନଲ୍ଲା ଉମାପତି । ଏଥିନେଇ ଗ୍ରୀନ୍ ଟ୍ରିବୁନାଲରେ କେସ୍ ହେବା ସହ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ତରଫରୁ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଗ୍ରୀନ ଟ୍ରିବ୍ୟୁନାଲ ନିଷ୍ପତି ଅନୁସାରେ ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ଶ୍ରମିକଙ୍କୁ ୨ ଲକ୍ଷ ୫୦ ହଜାର ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ତଦନୁସାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଯାଜପୁର ଜିଲ୍ଲାପାଳଙ୍କୁ ପତ୍ର ପ୍ରଦାନ କରି ୩ ମୃତ ଶ୍ରମିକ ପରିବାରକୁ ୭ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ଏଥିନେଇ ଯାଜପୁର ଜିଲ୍ଲାପାଳ ଉପ ନିର୍ଦ୍ଦେଶକ ଖଣି (ଲଘୁ ଖଣିଜ ଦ୍ରବ୍ୟ)ଙ୍କୁ ପତ୍ର ପ୍ରଦାନ କରିଥିଲେ । ଯାଜପୁର ଜିଲ୍ଲାପାଳଙ୍କ ପତ୍ର ଅନୁସାରେ ଶ୍ରମିକମାନଙ୍କୁ ଏହି ଅର୍ଥ ପ୍ରଦାନ କରି କରିବାକୁ ଲିଜଧାରୀ ନାରାୟଣ ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲିଜଧାରୀ ମୃତ ଶ୍ରମିକ ମାନଙ୍କ ପରିବାରକୁ ଏହି ଟଙ୍କା ପ୍ରଦାନ ନ ରିବାରୁ ଯାଜପୁର ଜିଲ୍ଲାପାଳଙ୍କୁ ଉପନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟ ଏହି ଅର୍ଥ ରେଡ୍‌କ୍ରସରୁ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଏହି ଅର୍ଥ ରେଡକ୍ରସରୁ ପ୍ରଦାନ କରିବାକୁ ଆକାଉଣ୍ଟ ନମ୍ବର ପ୍ରଦାନ କରିବାକୁ ଉପନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟଙ୍କୁ ଯାଜପୁର ଜିଲ୍ଲାପାଳ ଚିଠି କରିଥିଲେ । ଏହାର ପ୍ରତିବାଦ କରି ସତୀଶ ମୁଖ୍ୟମନ୍ତ୍ରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । କୋର୍ଟ ଏବଂ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଲିଜଧାରୀ ଟଙ୍କା ପ୍ରଦାନ ନ କରିବା ନେଇ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି ।

## ଅନ୍ୱେଷଣ ପରିବାର ପକ୍ଷରୁ ସହାୟତା ପ୍ରଦାନ

**ଯାଜପୁର, ୨୦।୬(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯକୃତ ରୋଗରେ ପୀଡ଼ିତ ଯାଜପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସନ୍ଦିପ୍ତ ରାୟଙ୍କୁ ସହାୟତା ପ୍ରଦାନ କରାଯାଇଛି । ଥିଏଟର ଗ୍ରୁପର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ ।

ପଶ୍ଚିମବଙ୍ଗରୁ ନାବାଳିକା ଅପହରଣ

## ଅଭିଯୁକ୍ତ କଳିଙ୍ଗନଗରରୁ ଗିରଫ

**ସୁକିନ୍ଦା, ୨୦।୬(ସମିସ):** ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ନାବାଳିକାକୁ ସେହି ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଯୁବକକୁ କଳିଙ୍ଗନଗରରୁ ଗିରଫ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି । ସୂଚନା ମୁତାବକ ପଶ୍ଚିମବଙ୍ଗ ହୁଗୁଳି ତିଲଜଲା ଥାନା ଅଞ୍ଚଳର ଜାହିରୁଲ ହକମୁଲାଙ୍କ ପୁଅ ଅମନ ଅଲ୍ଲୀ ମୁଲ୍ଲା (୩୨) ଜଣେ ନାବାଳିକାକୁ ଅପହରଣ କରି ଲୁଚାଇ ରଖିଥିବା ତିଲଜଲା ଥାନାରେ ଅଭିଯୋଗ ହୋଇଥିଲା । ସମ୍ପୃକ୍ତ ଅଭିଯୁକ୍ତ ନାବାଳିକାକୁ କୌଣସି ଏକାନ୍ତ ସ୍ଥାନରେ ରଖି ନିଜେ କଳିଙ୍ଗନଗର ଅଞ୍ଚଳରେ ରହିଥିବା ପଶ୍ଚିମବଙ୍ଗ ପୁଲିସ ଜାଣିବାକୁ ପାଇଥିଲା । ପୁଲିସ ବହୁ କଷ୍ଟରେ ପଶ୍ଚିମବଙ୍ଗ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିବା ପରେ ଅଭିଯୁକ୍ତ ଅମନ୍ ଅଲ୍ଲୀକୁ ଗିରଫ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲା । ଅଭିଯୁକ୍ତ କଳିଙ୍ଗନଗର ଅଞ୍ଚଳର ଏକ ଘରୋଇ କାରଖାନାରେ ଠିକା ଶ୍ରମିକ ଭାବେ କାମକରୁଥିବା ଜାଣିପାରିଥିଲା । ଗତ ଗୁରୁବାର ପଶ୍ଚିମବଙ୍ଗ ପୁଲିସର ଏକ ଟିମ୍ କଳିଙ୍ଗନଗର ପୁଲିସ ସହାୟତାରେ ସମ୍ପୃକ୍ତ ଯୁବକକୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ପୁଲିସ ଶୁକ୍ରବାର ସମ୍ପୃକ୍ତ ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ସୁକିନ୍ଦା କୋର୍ଟରେ ହାଜର କରି ପଶ୍ଚିମବଙ୍ଗ ନେଇଥିବା ଜଣାପଡ଼ିଛି ।



## ସୁକିନ୍ଦା ବ୍ଲକ୍‌ରେ ନୂତନ ବିଡିଓ



**ସୁକିନ୍ଦା, ୨୦।୬(ସମିସ):** ସୁକିନ୍ଦା ବ୍ଲକରେ ନୂତନ ବିଡିଓ ଭାବେ ଯୋଗଦେଲେ ପ୍ରଜ୍ଞାପରମିତା ପୃଷ୍ଟି । ଶ୍ରୀମତୀ ପୃଷ୍ଟି ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ଡେପୁଟି କଲେକ୍ଟର ଥିଲେ । ଶୁକ୍ରବାର କେନ୍ଦ୍ରାପଡ଼ାରୁ ସୁକିନ୍ଦା ବ୍ଲକକୁ ବଦଳି ହୋଇଆସିଛନ୍ତି । ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଶୁକ୍ରବାର ନୂତନ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି । ପୂର୍ବତନ ବିଡିଓ ନମ୍ରତା ମୋଦୀ ନବନିଯୁକ୍ତ ବିଡିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଗତ କିଛିଦିନ ହେବ ବିଡିଓଙ୍କ ବଦଳି ପରେ ପଦବୀ ଖାଲି ପଡ଼ିଥିଲା ସେଥିପାଇଁ ନମ୍ରତା ମୋଦୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା ।

# କନ୍ତପଡ଼ା ଛକରେ ପଡ଼ିଛି ହଜାରେ ଟ୍ରିପ୍ ମୋରମ


ଯାଜପୁର/କବାଟବନ୍ଧ, ୨୦।୬(ସମିସ)



ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ କନ୍ତପଡ଼ା ଛକ ନିକଟରେ ୧ହଜାର ଟ୍ରିପରୁ ଊର୍ଦ୍ଧ୍ୱ ହାଇୱା ମୋରମ ପଡ଼ିଥିବା ଦେଖିବାକୁ ମିଳିଛି । ଧର୍ମଶାଳା ତହସିଲର ବିଭିନ୍ନ ଜଙ୍ଗଲ କିସମ, କାଜୁ ଜଙ୍ଗଲ, ଗୋଚର, ଆଦି ସ୍ଥାନରୁ ମୋରମ ମାଫିଆ ମାନେ ବେଧଡ଼କ ମୋରମ ଉତ୍ତୋଳନ କରି ଜାତୀୟ ରାଜପଥ ଠିକା ସଂସ୍ଥା ଓ ଜିଲ୍ଲା ବାହାରକୁ ଚୋରା ଚାଲାଣ କରୁଛନ୍ତି । ଏନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ହେଉଛି । ଲଘୁ ଖଣିଜ ସମ୍ପଦ ରାଜସ୍ୱ ବିଭାଗରୁ ଖଣି ବିଭାଗକୁ ହସ୍ତାନ୍ତର ହେବା ପରେ ଧର୍ମଶାଳା ତହସିଲର ଜେନାପୁର ଥାନା ଅଞ୍ଚଳରେ ମୋରମ ଲୁଟ ବୃଦ୍ଧିପାଇଛି । ଏହାକୁ ନିୟନ୍ତ୍ରଣ ତଥା ଚୋରି ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଟାସ୍କଫୋର୍ସ ଏବଂ ସବଡିଭିଜନାଲ କମିଟି ଗଠନ କରାଯାଇଛି । ଏହି କମିଟିରେ ସବ କଲେକ୍ଟର, ତହସିଲଦାର, ଖଣି ଉପନିର୍ଦ୍ଦେଶକ, ବନ ଅଧିକାରୀ, ଥାନା ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ଅଛନ୍ତି । ଜିଲ୍ଲାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନେଇ ଗଠନ କରାଯାଇଥିବା କମିଟି କିନ୍ତୁ ସ୍ଥାଣୁ ପାଲଟିଛି । ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କନ୍ତପଡ଼ା ବଳରାମପୁର ଛକ ନିକଟରେ ନିର୍ମାଣଧୀନ ଫ୍ଲାଏଓଭର ବ୍ରିଜରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଟ୍ରିପ୍ ହାଇୱା ଚୋରା ମୋରମ ପଡ଼ିଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ପ୍ରଶାସନ ଅବଗତ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହସ ସଞ୍ଚୟ କରି ପାରୁ ନାହିଁ । ତାହା ନ ହୋଇଥିଲେ ବିପୁଳ ପରିମାଣର ଚୋରା ମୋରମ ପଡ଼ିଥିବା ଜାଣି ମଧ୍ୟ ତାହାକୁ ଜବତ କରୁନାହିଁ କାହିଁକି ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି । ଏତେ ପରିମାଣର ମୋରମକୁ ତଦନ୍ତର ଆବଶ୍ୟକତା ରହିଛି । କିନ୍ତୁ ପ୍ରଶାସନ ଏସବୁକୁ ଅଣଦେଖା କରି ମାଫିଆଙ୍କୁ ଉତ୍ସାହିତ କରୁଥିବା ଅନୁଭବ ହେଉଛି । ଗତ ୫ ମାସ ମଧ୍ୟରେ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ମୋରମ ଲୁଟ ହୋଇଥିଲେ ମଧ୍ୟ କୌଣସି ଜଣେ ମାଫିଆଙ୍କ ପାଖରେ ପହଞ୍ଚି ପାରୁନି ପ୍ରଶାସନ । ଅଞ୍ଜିରା, ଚକ୍ରଧରପୁର ପଞ୍ଚାୟତ ଆଦି ପଞ୍ଚାୟତର, ନୂଆସାହି, କାଜୁ ଜଙ୍ଗଲ, ବିଛାଖଣ୍ଡି, ମହୁଲଖଣି, ଆଦି ସ୍ଥାନରୁ ହଜାର ହଜାର ଟ୍ରିପ ମୋରମ ଲୁଟ କରି ଉକ୍ତ ସ୍ଥାନକୁ ମାଫିଆ ମାନେ ଜଳାଶୟରେ ପରିଣତ କରିଛନ୍ତି । ଜେନାପୁର ଥାନା ଅଞ୍ଚଳର ବାଲିସାହି, କାଲୁଣିଗୋଡ଼ା, ମହୁଲଖଣି, ବିଛାଖଣ୍ଡି, ତାରିଣୀ ଛକ, କାଲୁଣିଗୋଡ଼, କାଜୁ ଜଙ୍ଗଲ ଆଦି ସ୍ଥାନରୁ ଲୁଟ ହୋଇଥିବା ମୋରମର ତଦନ୍ତ କରି କେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।




# ସମ୍ପାଦକୀୟ



ଭଲ ମଣିଷର ମାନ୍ୟତା ପାଇବାକୁ ହେଲେ ଦୁରାଚାରୀ ସହିତ ଯୁଦ୍ଧ ଏବଂ ପଡ଼ୋଶୀ ସହିତ ସର୍ବଦା ଶାନ୍ତି ସହାବସ୍ଥାନ ବଜାୟ ରଖିବାକୁ ହୁଏ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ଦୂଷିତ ଓ ବିଷାକ୍ତ

ଦେଶ ଦୁନିଆ ବହୁତ ଆଗେଇଲାଣି। ଲୋକଙ୍କ ରୁଚି ଓ ଚଳଣି ମଧ୍ୟ ବଦଳି ଗଲାଣି। ଘରୁ ଗୋଡ଼କାଢ଼ିଲେ ବଜାରଘାଟରୁ ୧୦ ଟଙ୍କା ଓ ୨୦ ଟଙ୍କାରେ ପାଣି କିଣି ପିଉଛୁ। ବଜାରରୁ ଆପଣା ରୁଚି ଅନୁଯାୟୀ ଜଳଖିଆ କିଣି ଖାଉଛୁ। ଏହା କେବଳ ସହରାଞ୍ଚଳରେ ସୀମିତ ନାହିଁ। ସହରତଳି ଗ୍ରାମୀଣ ପରିବେଶରେ ସେହି ଏକାପ୍ରକାରର ଜୀବନଯାତ୍ରା। ମାତ୍ର ଆମେ କେବେ ବିଚାର କରିଛେ ଯେଉଁ ବଟଲର ପ୍ଲାଣ୍ଟରୁ ପାଣି ଆସି ବଜାରରେ ବିକ୍ରି ହେଉଛି ତାହାର ମାନ କ'ଣ? ପାଟି ସୁଆଦ ପାଇଁ ରାସ୍ତାକଡ଼ରେ ବିକ୍ରି ହେଉଥିବା ଚଟ୍‌ପଟି ଖାଦ୍ୟ ନିର୍ବିଚାରରେ ଖାଇଚାଲିଛୁ। କ୍ରେତା ଓ ବିକ୍ରେତା କେହି ସ୍ୱାସ୍ଥ୍ୟ ପ୍ରତି ସଚେତନ ନୁହନ୍ତି। ନ ହେଲେ ରାଜ୍ୟର ଆଗୁଆ ଜିଲ୍ଲା ଯାଜପୁରଠାରୁ ଆରମ୍ଭ ହୋଇଥିବା ଡାଏରିଆ ୧୦ଟି ଜିଲ୍ଲାକୁ ସଂକ୍ରମିତ ହୋଇ ନଥା'ନ୍ତା। ହଜାର ହଜାର ରୋଗୀ ଶଯ୍ୟା ସୁବିଧା ଥାଇ କି ନ ଥାଉ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ପଡ଼ି ନଥା'ନ୍ତେ। କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରି ରିପୋର୍ଟ ଦେଇଛନ୍ତି। ସଂକ୍ରମଣ କାରଣ ହେଉଛି ଦୂଷିତ ପାନୀୟ ଜଳ ଓ ବିଷାକ୍ତ ଖାଦ୍ୟ। ସମଗ୍ର ବିଶ୍ୱରୁ କଲେରା ବା ହଇଜା ବିଲୁପ୍ତ ହେବାକୁ ବସିଥିବା ବେଳେ ଓଡ଼ିଶାରେ ୧୬ ଜଣ ରୋଗୀଙ୍କଠାରେ ଏହି ଜୀବାଣୁ ଥିବାର ପରିଲକ୍ଷିତ ହୋଇଛି। ଏ କଥା ସତ ଯେ ବର୍ଷାଋତୁ ଆସିବା ପରେ କିଛି ଅଞ୍ଚଳରେ ଝାଡ଼ାବାନ୍ତି ରୋଗ ପରିଲକ୍ଷିତ ହୁଏ। କିନ୍ତୁ ଏ ପର୍ଯ୍ୟନ୍ତ ରାଜ୍ୟକୁ ମୌସୁମୀର ବିଧିବଦ୍ଧ ଆଗମନ ହୋଇନି। କିନ୍ତୁ ଡାଏରିଆ ମାଡ଼ି ଚାଲିଛି ଗୋଟିକ ପରେ ଗୋଟିଏ ଜିଲ୍ଲାକୁ।

ସରକାର ମାନନ୍ତୁ କି ନ ମାନନ୍ତୁ ରାଜ୍ୟରେ ୨୩ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତି ଓ ହଇଜାରେ ମଲେଣି। ଅଥଚ ବିକଶିତ ରାଜ୍ୟର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଇବାରେ ଟିକିଏ ବି ହେଳା କରୁନାହାନ୍ତି ସରକାର। ଗ୍ରାମାଞ୍ଚଳ କଥା ଛାଡ଼ନ୍ତୁ, ସମସ୍ତ ସହରାଞ୍ଚଳକୁ ମଧ୍ୟ ଏ ଯାଏଁ ପାଇପ ଯୋଗେ ପାନୀୟ ଜଳଯୋଗାଣ ଆରମ୍ଭ ହୋଇନି। ଏ ଦିଗରେ ଆରମ୍ଭ ହୋଇଥିବା କାର୍ଯ୍ୟକୁ ସରକାର ବଦଳିବା ପରେ ବନ୍ଦ ରଖାଯାଇଛି। ପଞ୍ଚାୟତ ସ୍ତରରେ ମୁଣ୍ଡ ଟେକିଥିବା ପାଣି ଟାଙ୍କି ସେମିତି ଶୁଖିଲା ପଡ଼ିଛି। ନଳକୂପ ଖନନ କାର୍ଯ୍ୟ ପ୍ରତି ନିଘା ନାହିଁ। ବର୍ଷ ପୂର୍ତ୍ତି ଉତ୍ସବରେ ସରକାର ମାତିଛନ୍ତି, ସଭାସମିତିରେ ଡବଲ୍ ଇଞ୍ଜିନ ସରକାରର ଗୁଣଗାନ କରିଚାଲିଛନ୍ତି। ଅଥଚ ରାଜ୍ୟରେ ଡାଏରିଆ ମହାମାରୀର ରୂପ ନେଉଛି। କେନ୍ଦ୍ରୀୟ କମିଟି ରିପୋର୍ଟରେ ଦିଆଯାଇଥିବା ପରାମର୍ଶକୁ ପଢ଼ିଲେ ବା ଶୁଣିଲେ ସରମରେ ମୁଣ୍ଡ ନୋଇଁଯାଉଛି। ନିଜ ସ୍ଥାନକୁ ଠିକଣା ରୂପେ ନିରୂପଣ କରିପାରୁ ନଥିବା ସରକାର ବିକାଶ ଯୋଜନାରେ ମିଛ ବାହୁସ୍ଫୋଟ ମାରିଚାଲିଛନ୍ତି। ଏହାକୁ କେବଳ ସମୟର ବିଡ଼ମ୍ବନା କହିବା ନି ତ ଆଉ କ'ଣ କହିବା?

ରାଜନୈତିକ ବାଛବିଚାରର ସମ୍ମୁଖୀନ ହୋଇଛି ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି। ପୂର୍ବ ସରକାରଙ୍କ ଉନ୍ନୟନ କାର୍ଯ୍ୟ ସେମିତି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। କାରଣ ଆଞ୍ଚଳିକ ସ୍ତରରେ ଏବେ ମଧ୍ୟ ବିରୋଧୀ ଦଳର ପ୍ରାଧାନ୍ୟ ରହିଛି। ଏହି ଉନ୍ନୟନ କାର୍ଯ୍ୟରେ ସର୍ବାଧିକ ଗୁରୁତ୍ୱ ପାନୀୟ ଜଳ ଯୋଗାଣକୁ ଦିଆଯାଉ ନ ଥିବାରୁ ତାହା ଏବେ ସବୁଠାରୁ ଅଧିକ ଅବହେଳିତ ଅବସ୍ଥାରେ ପହଞ୍ଚିଛି। ସରକାର ଅପେକ୍ଷା କରିଛନ୍ତି ପରବର୍ତ୍ତୀ ନିର୍ବାଚନକୁ। ତାଙ୍କ ଦଳ ପଞ୍ଚାୟତ ସ୍ତରରେ କ୍ଷମତାକୁ ଆସିଲେ ହିଁ ଅର୍ଥ ମଞ୍ଜୁର କରାଯିବ। ଆମକୁ ଏଠାରେ ମନେ ରଖିବାକୁ ହେବ ଯେ ଶାସନ ବ୍ୟବସ୍ଥା ଏକ ନିରଙ୍କୁଶ ପ୍ରବାହ। ଦଳୀୟ କ୍ଷମତା ନିର୍ବିଶେଷରେ ଏହି ପ୍ରବାହକୁ ଜାରି ରଖିବାକୁ ପଡ଼ିବ। ଏବେ ଯେତେବେଳେ କୁହାଯାଉଛି ଜଳ ଉତ୍ସକୁ ଯାଞ୍ଚ କରି ବିଶୋଧନ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବ, ତାହାକୁ କିଏ କିପରି କରିବ? ଅବଶ୍ୟ ପଞ୍ଚାୟତି ରାଜ୍ୟ ବିଭାଗ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରି ବ୍ୟବସ୍ଥାକୁ ସୁଧାରିବା ବ୍ୟତୀତ ଅନ୍ୟ ଗତି ନାହିଁ। ତୃଣମୂଳସ୍ତରରେ ତାହାର ସକ୍ରିୟତା ଓ ବ୍ୟୟବହୁଳତାକୁ ନେଇ କିଛି ମତାମତ ନ ଦେବା ଭଲ। କର୍ତ୍ତୃପକ୍ଷ ଯେଉଁ ଜଳ ଉତ୍ସ କଥା ଉଲ୍ଲେଖ କରିଛନ୍ତି ସେଥିରେ ସହରାଞ୍ଚଳ ମଧ୍ୟ ଆସୁଛି। ନଦୀକୂଳରେ ମୁଣ୍ଡ ଟେକିଥିବା ଅଧିକାଂଶ ସହରର ପାନୀୟ ଜଳ ଆବଶ୍ୟକତା ପୂରଣ କରିଥାଏ ସେହି ନଦୀଜଳ। ଆମ ରାଜ୍ୟରେ ଏମିତି କୌଣସି ନଦୀ ନାହିଁ, ଯାହାର ଜଳ ପ୍ରଦୂଷିତ ଓ ବିଷାକ୍ତ ନୁହେଁ। ତାହାକୁ ପାନୀୟ ଜଳ ରୂପେ ବ୍ୟବହାର କରାଯାଉଥିବା ବେଳେ ଉପଯୁକ୍ତ ବିଶୋଧକ ପ୍ରତି କର୍ତ୍ତୃପକ୍ଷ ଉଚିତ ଧ୍ୟାନ ଦେଉଛନ୍ତି ତ? ସରକାର ନିର୍ବିଶେଷରେ ଏମିତି କିଛି କଥା ଅଛି, ଯାହାର ସାର୍ବଜନିନ ଆଭିମୁଖ୍ୟର ଗୁରୁତ୍ୱ ସବୁକାଳେ ରହିଛି। ଏ କ୍ଷେତ୍ରରେ ରାଜନୈତିକ ପକ୍ଷପାତିତା ରହିବା ଉଚିତ ନୁହେଁ।

ଆମ ସହରୀଜୀବନରେ ପରିଲକ୍ଷିତ ପରିବର୍ତ୍ତନ ଦୃଷ୍ଟି କଟୁ ଲାଗିଲେ ମଧ୍ୟ ତାହାକୁ ସମସ୍ତେ ଏକପ୍ରକାର ବରଦାସ୍ତ କରିବାକୁ ବାଧ୍ୟ ହେଉଛନ୍ତି। ଏମିତି ଦେଖିବାକୁ ଗଲେ ଏବେକାର ପରିବାର ଓ ସଂସାର ଛୋଟିଆ। ଜଞ୍ଜାଳ ମଧ୍ୟ ଅପେକ୍ଷାକୃତ କମ୍। ଏ ସବୁ ସତ୍ତ୍ୱେ ରୋଷେଇ ପ୍ରତି ଅନାଗ୍ରହ ପ୍ରାୟ ଅଧିକାଂଶ ପରିବାରରେ ଅନୁଭୂତ ହେଉଛି। ଜଳଖିଆଠାରୁ ରାତ୍ରିଭୋଜନ ପର୍ଯ୍ୟନ୍ତ ସବୁ ସେହି ରାସ୍ତାକଡ଼ର ଦୋକାନ ଉପରେ ନିର୍ଭରଶୀଳ। ତାହାର ଖାଦ୍ୟୋପଯୋଗିତା ପ୍ରତି କାହାର ନଜର ନାହିଁ। 'ପାଟି ସୁଆଦ ଓ ରୋଗ ବରାଦ' ନୀତିରେ ସମସ୍ତେ ଅଗ୍ରସର। ମୁହଁରେ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ପରସ୍ପରଙ୍କୁ ପରାମର୍ଶ ଦେଉଥିଲେ ମଧ୍ୟ କର୍ମଚଞ୍ଚଳ ମାନସିକତା ମଣିଷକୁ ଏତେ ନିକମା କରିଦେଇଛି ଯେ ଅର୍ଥ ବିନିମୟର ରୋଗ କିଣୁଛି। ଏବେ ଯେଉଁ ଝାଡ଼ାବାନ୍ତି ଓ ହଇଜା ସଂକ୍ରମଣ ବୃଦ୍ଧି ପାଇଛି, ତାହା ପଛରେ ଏହା ଅନ୍ୟତମ କାରଣ। ସରକାରୀ କଳର ଯାଞ୍ଚ ଓ ବିଶୋଧନ ପ୍ରକ୍ରିୟା ପରିସ୍ଥିତିକୁ କେତେ ଶୀଘ୍ର ସୁଧାରି ପାରିବ ସେ ନେଇ ସନ୍ଦେହ ରହିଛି। ବଡ଼ କଥା ହେଉଛି ସ୍ୱାସ୍ଥ୍ୟ ସଚେତନତା ପ୍ରଥମେ ଘରୁ ଆରମ୍ଭ ହେବା ଉଚିତ। ତା' ପରେ ଯାଇ ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା।

ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟ ସମ୍ପର୍କରେ ଉଲ୍ଲେଖ କଲା ବେଳେ ଆମେ ନିଜକୁ ସୁଧାରିବାର ଯେଉଁ ସୁଯୋଗ ଅଛି ସେଥିପ୍ରତି ଯଥେଷ୍ଟ ସଚେତନ ହେବା ଜରୁରୀ। ସହରୀ ଜୀବନରେ ଘରେ ଘରେ ପାନୀୟ ଜଳ ବିଶୋଧନ ବ୍ୟବସ୍ଥା ଥିଲେ ମଧ୍ୟ ବାହାରୁ ଥଣ୍ଡାପାନୀୟ ପିଇବାର ଅଭ୍ୟାସକୁ ଆମେ ଛାଡ଼ିପାରୁନାହାନ୍ତି। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ଥଣ୍ଡାପାନୀୟ ଓ ରାସ୍ତାକଡ଼ର ପାଟିସୁଆଦ ଖାଦ୍ୟ ଲାଳସା ତ୍ୟାଗ କରିବା ଆବଶ୍ୟକ। ଏହିଦୃଷ୍ଟିରୁ ଗ୍ରାମାଞ୍ଚଳର ସ୍ଥିତି ବର୍ଷା ଦିନରେ ଆହୁରି ସାଂଘାତିକ। ତେଣୁ ପିଇବା ପାଣି ଫୁଟାଇବା ସହ ହାଲୋଜେନ୍ ବଟିକା ବ୍ୟବହାର କରାଯାଇପାରେ। ଏ ସବୁକୁ ବାଦ୍ ଦେଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ଜିଲ୍ଲା ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠାରେ ପର୍ଯ୍ୟାପ୍ତ ଔଷଧ ବ୍ୟବସ୍ଥା ସହ ଚିକିତ୍ସା ଓ ସେବା ପାଇଁ ସରକାର ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତିକୁ ଅଗ୍ରାଧିକାର ଦେବା ଉଚିତ। ଏ କ୍ଷେତ୍ରରେ ସରକାର କେତେଦୂର ସକ୍ଷମ ହେବେ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ●

## 'ଡନିଂ-କ୍ରୁଗର'ର ମାୟାଜାଲ

**ବିମଳ ଷଡ଼ଙ୍ଗୀ**

ଯୁକ୍ତିବାଦୀ ଚିନ୍ତାନାୟକମାନଙ୍କ ଦ୍ୱାରା ସଂକଳିତ ଏକ ତଥ୍ୟ ଦର୍ଶାଏ ଯେ ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ଅତିକମରେ ୬୦୬ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି, ଯାହା ବାର୍ଷିକ ହାରାହାରି ସଂଖ୍ୟା ୫୦ ରୁ ଅଧିକ। ୨୦୧୩ ମସିହାରେ 'ଓଡ଼ିଶା ଗୁଣିଗାରେଡ଼ି ନିବାରଣ ଆଇନ' ପ୍ରଣୟନ ହେବା ସତ୍ତ୍ୱେ ଏପରି ଘଟଣା ପାଇଁ ଓଡ଼ିଶା ଦେଶର ଶୀର୍ଷ ରାଜ୍ୟ ମଧ୍ୟରେ ନିରନ୍ତର ସ୍ଥାନ ପାଇଆସୁଛି। ଏହାର ମୁଖ୍ୟ କାରଣ କେବଳ ଅନ୍ଧବିଶ୍ୱାସ, ସୀମିତ ଶିକ୍ଷା ଓ ସଚେତନତାର ଅଭାବ ନୁହେଁ, ବରଂ 'ଡନିଂ-କ୍ରୁଗର'ମାନଙ୍କ ପ୍ରତି ସାଧାରଣ ଜନତାଙ୍କ ଅତିରିକ୍ତ ବିଶ୍ୱାସ ମଧ୍ୟ ଏଥିପାଇଁ ଦାୟୀ।

ଆମେରିକାର ଦୁଇ ମନସ୍ତତ୍ତ୍ୱବିତ ଡେଭିଡ୍ ଡନିଂ ଓ ଜଷ୍ଟିନ୍ କ୍ରୁଗର ଏକ ନୂତନ ତଥ୍ୟକୁ ୧୯୯୯ ମସିହାରେ ଉଦ୍ଭାବନ କରିଥିଲେ, ଯାହାର ନାମ ସେହି ଦୁଇମନସ୍ତତ୍ତ୍ୱବିତ୍‌ଙ୍କ ନାମାନୁସାରେ 'ଡନିଂ-କ୍ରୁଗର' ରଖାଯାଇଛି। ସରଳରେ ଏହାର ଅର୍ଥ ଆତ୍ମସଚେତନତାର ଅଭାବ ହେତୁ କିଛି ଲୋକ ନିଜକୁ ଜ୍ଞାନୀ ବୋଲି ଭାବନ୍ତି ଏବଂ ତାହାକୁ ଅତି କୁଶଳତାର ସହିତ ସାଧାରଣ ଜନତାଙ୍କୁ ମାନିବାକୁ ବାଧ୍ୟ କରନ୍ତି ବା ମନାଇ ଦିଅନ୍ତି। ନିଜର ସ୍ୱାର୍ଥ ସାଧନ ପାଇଁ ସେମାନଙ୍କୁ ପଥଭ୍ରଷ୍ଟ କରାଇ ସମାଜରେ ଅସ୍ଥିରତା ସୃଷ୍ଟି କରନ୍ତି। ଡନିଂ-କ୍ରୁଗର ପ୍ରଭାବରେ ନିଜ ପ୍ରତିଭାକୁ ଅତିରଞ୍ଜିତ କରନ୍ତି ଏବଂ ସମ୍ଭାବ୍ୟ ଫଳାଫଳକୁ ବିଚାର ନ କରି ବିପଦ ସୃଷ୍ଟି କରିଥା'ନ୍ତି। ଉଦାହରଣ ସ୍ୱରୂପ, କିଛି ବ୍ୟକ୍ତି କହିବେ ମୋ ଖଟ ଦୌଡ଼ି ଦୌଡ଼ି ନଦୀ ପାଖକୁ ଗଲା ଏବଂ ପାଣି ପିଇ ଫେରିଆସି ମୋ ଶୋଇବା ପାଇଁ ବିଛଣା ପକାଇଲା। ହ୍ୱାଟ୍‌ସ୍‌ଆପରେ ଦିନରାତି ବୁଡ଼ିରହିଥିବା ବ୍ୟକ୍ତି କୁହନ୍ତି, ହେୟାର ଡ୍ରାୟର ମାଧ୍ୟମରେ ନାକରେ ଗରମ ପବନ ଦେଲେ କରୋନା ଦୂର ହୋଇଯାଏ।

ଅନେକ ବୈଜ୍ଞାନିକ ଓ ଚିନ୍ତକ କୁହନ୍ତି ଯେ ଯୁକ୍ତିଯୁକ୍ତତା, କୌତୂହଳ, ସନ୍ଦେହ ଓ ପ୍ରଶ୍ନ କରିବାର ଇଚ୍ଛା ଆଧାରରେ ଏକ ମାନସିକତା ସୃଷ୍ଟିର ପ୍ରୟାସ ଆଜିର ଶିକ୍ଷାବ୍ୟବସ୍ଥାର ମୂଳମନ୍ତ୍ର ହେବା ଜରୁରୀ। ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ନେତା ଓ ବୈଜ୍ଞାନିକଙ୍କ ମତାମତକୁ ଆମେ ଉଦାହରଣ ରୂପେ ମଧ୍ୟ ନେଇପାରିବା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଥିଲେ ଜଣେ ବିଜ୍ଞାନ ପ୍ରବକ୍ତା। ସେ ଥରେ କହିଥିଲେ 'ବୈଜ୍ଞାନିକ ମନୋଭାବ ହେଉଛି ଜଣେ ମୁକ୍ତ ମଣିଷର ମନୋଭାବ।' ସେ ବିଶ୍ୱାସ କରୁଥିଲେ ଯେ ଜାତୀୟ ପ୍ରଗତି ପାଇଁ ବୈଜ୍ଞାନିକ ଚିନ୍ତାଧାରା ଅତ୍ୟାବଶ୍ୟକ ଏବଂ ଭାରତକୁ ଆଗକୁ ବଢ଼ିବା ପାଇଁ ଅନ୍ଧବିଶ୍ୱାସ ଓ ଭାଗ୍ୟବାଦକୁ ତ୍ୟାଗ କରିବାକୁ ପଡ଼ିବ। ସେ ସମୟରୁ ଭାରତୀୟ ସମ୍ବିଧାନରେ ଏକ ମୌଳିକ କର୍ତ୍ତବ୍ୟ ଭାବରେ 'ବୈଜ୍ଞାନିକ ମନୋଭାବ' ଲେଖାଯାଇଥିଲା, ଯାହା ଆଜି ବି ବିଦ୍ୟମାନ। କାର୍ଲ ସାଗାନ ଜଣେ ଆଗଧାଡ଼ିର ଜ୍ୟୋତିର୍ବିଜ୍ଞାନୀ, ଯାହାଙ୍କ ମତରେ 'ବିଜ୍ଞାନ ଜ୍ଞାନର ଏକ ଅଂଶ ନୁହେଁ ବରଂ ତା'ଠାରୁ ଯଥେଷ୍ଟ ଅଧିକ, ଯାହାକୁ ଚିନ୍ତା କରିବାର ଏକ ଉପାୟ କୁହାଯାଇପାରେ।' ସାଗାନ୍ ଛଦ୍ମବିଜ୍ଞାନ ବିଷୟରେ ଗଭୀର ଚିନ୍ତିତ ଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଯେତେବେଳେ ଅନ୍ଧବିଶ୍ୱାସ ଓ ରାଜନୀତି ଶିକ୍ଷାରେ ପ୍ରବେଶ କରିବ ସେତେବେଳେ ତାହା ସମାଜକୁ ଏକ ଅନ୍ଧକାରମୟ ଗହ୍ୱରକୁ ଟାଣିନେଇ ମାନବ ସଭ୍ୟତାକୁ ଧ୍ୱଂସ କରିଦେବ। ତାଙ୍କ ପୁସ୍ତକ 'ଦି ଡେମନ-ହଣ୍ଟେଡ୍ ୱାର୍ଲ୍ଡ'ରେ ସେ ଭୟ ଓ ଅଜ୍ଞତାର ପ୍ରତିଷେଧକ ଭାବରେ ସମାଲୋଚନାମୂଳକ ଚିନ୍ତାଧାରାକୁ ଅତି ଉଚ୍ଚସ୍ଥାନ ଦେଇଥିଲେ। ନୋବେଲ୍ ପୁରସ୍କାର ବିଜେତା ପଦାର୍ଥବିଜ୍ଞାନୀ ରିଚାର୍ଡ ଫେନିମ୍ୟାନ୍ କହିଥିଲେ ଯେ, 'ମୁଁ ପ୍ରଶ୍ନ କରାଯାଇ ନ ଥିବା ଉତ୍ତର ଅପେକ୍ଷା ଉତ୍ତର ଦିଆଯାଇ ନ ଥିବା ପ୍ରଶ୍ନ ରଖିବାକୁ ପସନ୍ଦ କରିବି।' ସେ ଅନ୍ଧବିଶ୍ୱାସ ପ୍ରଣାଳୀରେ ସମାଜରେ ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ଚେତାବନୀ ଦେଇଥିଲେ। ତାଙ୍କ ପାଇଁ ବୈଜ୍ଞାନିକ ମନୋଭାବର ଅର୍ଥ ହେଉଛି ନ ଜାଣିଥିବା ବିଷୟରେ ଜାଣିବାର ଇଚ୍ଛା ଏବଂ ସର୍ବଦା ନିଜର ଭୁଲକୁ ସଂଶୋଧନ କରିବାର ରାସ୍ତାକୁ ଖୋଲା ରଖିବା।

ବିଶ୍ୱପ୍ରସିଦ୍ଧ ପଦାର୍ଥବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନ୍ ଯୁକ୍ତି, ନୀତି ଓ ବୌଦ୍ଧିକ ସଚ୍ଚୋଟତାକୁ ସବୁଠାରୁ ଅଧିକ ଉଚ୍ଚ ଆସନ ଦେଇଥିଲେ ଏବଂ ବିଶ୍ୱାସ କରୁଥିଲେ ଯେ ଏକ ବୈଜ୍ଞାନିକ ବିଶ୍ୱଦୃଷ୍ଟିକୋଣ ମାଧ୍ୟମରେ ଆଶ୍ଚର୍ଯ୍ୟକର ବସ୍ତୁ ବା ପଦାର୍ଥର ଉଦ୍ଭାବନ ପାଇଁ ନିଜର ମନବୃତ୍ତିକୁ ଉନ୍ମୁକ୍ତ ରଖିବା ଉଚିତ, ଅହଂକାର ପାଇଁ ନୁହେଁ। ଭାରତର ନରେନ୍ଦ୍ର ଦାଭୋଲକରଙ୍କ ମତରେ ଚମତ୍କାର ବା ପ୍ରାକୃତିକ ନିୟମର ଉଲ୍ଲଂଘନ କରି ଯଦି କିଛି ଘଟେ, ତେବେ ଏହାର ଏକ କୌଣସି ନା କୌଣସି କାରଣ ଅଛି, ଯାହାର ତଦନ୍ତ କରାଯାଇପାରିବ। ଦାଭୋଲକର ଜଣେ ଭାରତୀୟ ଯୁକ୍ତିବାଦୀ ଥିଲେ, ଯିଏ ଅନ୍ଧବିଶ୍ୱାସ, କଳାଯାଦୁ ଏବଂ ନକଲି ଧର୍ମଗୁରୁଙ୍କ ବିରୁଦ୍ଧରେ ଲଢ଼ିଥିଲେ। ସେ ବୈଜ୍ଞାନିକ ମନୋଭାବକୁ ଏକ ନାଗରିକ ଦାୟିତ୍ୱ ଭାବରେ ସୂଚୀତ କରିଥିଲେ। ତାଙ୍କ ଦୃଷ୍ଟିକୋଣରେ ସବୁକିଛି ଉପରେ ପ୍ରଶ୍ନ କରନ୍ତୁ। ଏପରିକି ଆପଣଙ୍କ ନିଜସ୍ୱ ବିଶ୍ୱାସକୁ ମଧ୍ୟ।

ପ୍ରମାଣ ଓ ଦାବିଗୁଡ଼ିକର ମୂଲ୍ୟାଙ୍କନ କରିବା ସମୟରେ ନିଜର ଭାବନା ଓ କାର୍ଯ୍ୟକୁ ସମାଲୋଚନାମୂଳକ ଭାବରେ ଚିନ୍ତା କରିବା ହେଉଛି ସଶକ୍ତୀକରଣର ଏକ ରୂପ। ଅନ୍ଧ ବିଶ୍ୱାସକୁ ଆହ୍ୱାନ କରିବା ଅର୍ଥ ଅଯୌକ୍ତିକତା ଉପରେ ଆକ୍ରମଣ। ବିଜ୍ଞାନକୁ କେବଳ ଆନୁଷ୍ଠାନିକ ଶିକ୍ଷା ମାଧ୍ୟମରେ ପଢ଼ିଲେ ବା ବିଜ୍ଞାନ ଛାତ୍ରଛାତ୍ରୀ ହେଲେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରେ ନାହିଁ। କେବଳ କୌଣସି ଘଟଣାର କାରଣ ଖୋଜିଲେ ବିଜ୍ଞାନକୁ ବୁଝିହୁଏ। ଦୁଃଖର ବିଷୟ ଅନେକ ସମୟରେ ଶିକ୍ଷାଜଗତର କିଛି ବ୍ୟକ୍ତି ଏହି ଧାରାରୁ ମଧ୍ୟ ମୁକ୍ତ ନଥା'ନ୍ତି। ସେମାନେ ମଧ୍ୟ ଡନିଂ-କ୍ରୁଗର ଦ୍ୱାରା ପ୍ରଭାବିତ ହୋଇ ନିଜର ଅବୈଜ୍ଞାନିକ ମତାମତ ଦ୍ୱାରା ସାଧାରଣ ଲୋକଙ୍କୁ ଭୁଲ ବାଟରେ ପରିଚାଳିତ କରିଥା'ନ୍ତି। ଉଦାହରଣ ସ୍ୱରୂପ ୨୦୨୧ ମସିହାରେ, ଭାରତର ଜଣେ ବିଚାରପତି ଘୋଷଣା କରିଥିଲେ ଯେ ଗାଈ ହେଉଛି ଏକମାତ୍ର ପ୍ରାଣୀ, ଯେଉଁମାନେ ଅମ୍ଳଜାନ ଗ୍ରହଣ କରନ୍ତି ଏବଂ ନିଃଶ୍ୱାସରେ ମଧ୍ୟ ଅମ୍ଳଜାନ ତ୍ୟାଗ କରନ୍ତି। କିଛିଦିନ ପୂର୍ବରୁ ଜଣେ ଆଇଆଇଟିର ନିର୍ଦ୍ଦେଶକ ତାଙ୍କ ଅଞ୍ଚଳରେ ବାଦଲ ଫଟା ମେଘ ଏବଂ ଭୂସ୍ଖଳନର କାରଣ ଭାବରେ ଜନସାଧାରଣଙ୍କ ମାଂସ ଖାଇବାକୁ ଦାୟୀ କରିଥିଲେ, ଯାହା ସାଧାରଣ ବ୍ୟକ୍ତିଙ୍କୁ ଅନେକ ସମୟରେ ଦ୍ୱିଧାରେ ପକାଇଥାଏ।

ବିଜ୍ଞାନ ହେଉଛି ବିସ୍ତୃତ, ଯାହା ପ୍ରାୟତଃ ଭୁଲ ବୁଝାଯାଇଥିବା କ୍ଷେତ୍ରକୁ ସବୁସମୟରେ ଖୋଜି ପାଇବାକୁ ବ୍ୟାକୁଳିତ ଏବଂ ମାନବ ସମାଜର କଲ୍ୟାଣ ପାଇଁ ପ୍ରମାଣ ଆଧାରରେ ବିଭିନ୍ନ ଉପାୟ ସ୍ଥିରୀକୃତ କରିବାକୁ ପ୍ରୟାସ ଜାରି ରଖିଥାଏ। ବାହ୍ୟ ଜଗତକୁ ଜାଣିବା ପାଇଁ ବିଜ୍ଞାନ ହେଉଛି ଆମର ସବୁଠାରୁ ଶକ୍ତିଶାଳୀ ଉପକରଣ। ଏହା ପରୀକ୍ଷଣ ଓ ସତ୍ୟର ସନ୍ଧାନ ଉପରେ ପର୍ଯ୍ୟବସିତ। ବୈଜ୍ଞାନିକ ପଦ୍ଧତି କୌଣସି ବ୍ୟକ୍ତିଙ୍କୁ ବିଶ୍ୱାସ କରିବାକୁ କୁହେ ନାହିଁ, ବରଂ ପ୍ରଶ୍ନ କରିବାକୁ କହିଥାଏ। ବିଜ୍ଞାନ ଆମକୁ ଆଣ୍ଟିବାୟୋଟିକ୍, ଉପଗ୍ରହ, ଆପେକ୍ଷିକ ତତ୍ତ୍ୱ ଭଳି ଅନେକ ମାନବ କଲ୍ୟାଣକାରୀ ଜ୍ଞାନ ଦେଇଛି। ଏହା ଆମକୁ ଜଳବାୟୁ ପରିବର୍ତ୍ତନ, ମହାମାରୀ ଓ ଆମର ନିଜସ୍ୱ ଜ୍ଞାନର ସୀମା ବିଷୟରେ ମଧ୍ୟ ଚେତାବନୀ ଦେଇଛି। ଡନିଂ-କ୍ରୁଗର ପ୍ରଭାବରେ ବ୍ୟକ୍ତି ଅନ୍ଧବିଶ୍ୱାସ ଓ ବିଜ୍ଞାନ ମଧ୍ୟରୁ ଅନ୍ଧବିଶ୍ୱାସକୁ ଉଚ୍ଚ ଭାବରେ ଉପସ୍ଥାପନ କରି ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରେ(ଯଥା ନିଆଁ ଉପରେ ଚାଲିବା, ରୋଗରୁ ମୁକ୍ତି ପାଇଁ ପଶୁବଳି ଇତ୍ୟାଦି)। ଏଥିସହିତ ଯାଦୁକରୀ ମିଥ୍ୟା ଚିନ୍ତାଧାରାକୁ ମଧ୍ୟ ପ୍ରଚାରପ୍ରସାର କରେ। ସମାଜକୁ ଶାନ୍ତି ଦେବା ବଦଳରେ ଅଶାନ୍ତିର ବୀଜ ବପନ କରିଚାଲେ। ସେ ସମୟରେ ଲୋକଙ୍କୁ ସବୁକିଛି ପ୍ରେମ ଓ ଆଲୋକ ବୋଲି କହି ବିଜ୍ଞାନ ବିରୁଦ୍ଧରେ ପ୍ରଚାରକରି ନିଜର ସୁବିଧା ହାସଲ କରେ।

ତେଣୁ ଏହିପରି ଡନିଂ-କ୍ରୁଗରଙ୍କଠାରୁ ଅଚେତନ ଜନତାଙ୍କୁ ସଚେତନ କରିବାକୁ ହେଲେ ଶିଶୁ, କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ମଧ୍ୟରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବକୁ ଉଜ୍ଜୀବିତ କରିବା ସହିତ ପ୍ରମାଣ ଆଧାରରେ ଅନ୍ଧବିଶ୍ୱାସକୁ ଦୂରକରି ସମାଜର କଲ୍ୟାଣ ପାଇଁ ସର୍ବାଦୌ କାର୍ଯ୍ୟକରିବାର ଆବଶ୍ୟକତା ରହିଛି। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ସମ୍ପର୍କରେ ସଙ୍କଟ

**ପାର୍ଥସାରଥୀ ରାଉତ**

ସତରେ ଭାରି ସାଂଘାତିକ ସମୟ ଚାଲିଛି। ଫ୍ରିଜ୍ ଦେଖିଲେ ସ୍ତ୍ରୀ ମନରେ ଅଜବ ଚିନ୍ତା ଆସୁଛି। ନୀଳ ରଙ୍ଗର ବଡ଼ ଡ୍ରମ୍ ଦେଖିଲେ ସ୍ୱାମୀ ମନରେ ଛନକା ପଶୁଛି। ବକ୍ସ ଖଟ ଦେଖିଲେ ସ୍ୱାମୀ ଚମକୁଛି ତ କାର୍ ଡିକି ଦେଖିଲେ ଭୟରେ ଶିହରି ଉଠୁଛି ସ୍ତ୍ରୀ। ନିକଟ ଅତୀତରେ ଏହିପରି ଅଭାବିତ ଘଟଣାକ୍ରମ ଦେଖିବା ପରେ ଏମିତି ଏକ ଉପସଂହାର ଟାଣିବାକୁ ଅନେକ ବାଧ୍ୟ ହେଉଛନ୍ତି। ଦିଲ୍ଲୀର ଶ୍ରଦ୍ଧା ୱାକର, ନିକି ଯାଦବ ଏବଂ ମିରଟର ବହୁଚର୍ଚ୍ଚିତ ସୌରଭ ରାଜପୁତ-ମୁସ୍କାନ ରସ୍ତୋଗୀ ମାମଲା ପରଠାରୁ ଉପରୋକ୍ତ ଜାଗାସବୁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡ଼ିଛି। ମାତ୍ର ଇତିମଧ୍ୟରେ ଆଉକିଛି ସ୍ପର୍ଶକାତର ଘଟଣା ଘଟିଛି, ଯାହାଫଳରେ ଏହି ଫ୍ରିଜ୍-ଡ୍ରମ୍ ତାଲିକାରେ ଆଉ କିଛି ସ୍ଥାନ ଯୋଡ଼ି ହୋଇଯାଇଛି।

କର୍ପୋରେଟ ଜଗତରେ ସମ୍ପର୍କ ତଡ଼ିତ ବେଗରେ ବିଗିଡ଼ିବାରେ ଲାଗିଛି। ସମ୍ପର୍କରେ ସଙ୍କଟ ସୃଷ୍ଟି ହେବା କିଛି ନୂଆ କଥା ନୁହେଁ। କିନ୍ତୁ ଏବେ ଯେଉଁ ସ୍ଥିତି ଉପୁଜିଛି, ତାହା ଦାମ୍ପତ୍ୟ ସମ୍ପର୍କକୁ ଅତ୍ୟନ୍ତ ବିପଦଜନକ ମୋଡ଼ରେ ପହଞ୍ଚାଇଦେଇଛି। ବିବାହ ପରେ ନବଦମ୍ପତି ହନିମୁନ ଯିବା ଆମ ସାମ୍ପ୍ରତିକ ଚଳଣିର ଅଂଶବିଶେଷ ହୋଇଯାଇଛି। ଏଠାରେ କହିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ସମୟ ଏତେ ସାଂଘାତିକ ହୋଇଯାଇଛି ଯେ ହନିମୁନ ଯିବା ବି ନିରାପଦ ନୁହେଁ। ଯଦି ହନିମୁନ ଉଦ୍ଦେଶ୍ୟରେ ନବଦମ୍ପତି କୌଣସି ଜନଗହଳିପୂର୍ଣ୍ଣ ସ୍ଥାନକୁ ଯାଉଛନ୍ତି ତ ଆପାତତଃ ବିପଦ ନାହିଁ। କିନ୍ତୁ ସ୍ଥାନଟି ଯଦି ନିରୋଳା, ନିଛାଟିଆ ରିସର୍ଟ, ହୋଟେଲ ଅଥବା ବଙ୍ଗଳା, ତା'ହେଲେ ସୁଖଦ ସମୟ ବିତାଇବାକୁ ନିରାପଦ ମଣୁନାହାନ୍ତି। ଇନ୍ଦୋରର ନବଦମ୍ପତି ହନିମୁନରେ ମେଘାଳୟରେ ନିଖୋଜ ହେବା ଘଟଣା ପଛର ସତ୍ୟ ପଦାକୁ ଆସିବା ପରେ ଷଡ଼ଯନ୍ତ୍ର, ସନ୍ଦେହ ଓ ସଂଶୟର ଏ ନୂଆ ଧାରା ଆରମ୍ଭ ହୋଇଛି। ବିବାହର ମାତ୍ର ତେର ଦିନ ପରେ 'ସୁପାରୀ କିଲର'ନିଯୋଜିତ କରି ସ୍ୱାମୀ ରାଜ ରଘୁବଂଶୀଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି ସୋନମ। ଏହି ଘଟଣା ପରେ ଘର ଛାଡ଼ି ରିସର୍ଟ, ହୋଟେଲ ଅଥବା ବଙ୍ଗଳାରେ ରହିବା ମଧ୍ୟ ବିପଦ ସାବ୍ୟସ୍ତ ହୋଇଛି।

ଏତେସବୁ ଅକଳ୍ପନୀୟ ଅବିଶ୍ୱସନୀୟ ଜଘନ୍ୟ ଘଟଣା ଘଟିବା ପରେ ଦାମ୍ପତ୍ୟ ଓ ପାରିବାରିକ ସମ୍ପର୍କକୁ ନେଇ ବହୁ ପ୍ରଶ୍ନ ମୁଣ୍ଡ ଟେକିଛି। ବଞ୍ଚିବେ ତ କେମିତି ବଞ୍ଚିବେ? ବିଶ୍ୱାସ କରିବେ ତ କାହାକୁ ବିଶ୍ୱାସ କରିବେ? ସମ୍ପର୍କ ବଜାୟ ରଖିବେ ତ କାହାକୁ ଆଧାର କରି? ଦଶମେଳକ ସୂତ୍ର ଅନୁଯାୟୀ କୋଷ୍ଠିମେଳକ ପୂର୍ବକ ଦିଅଁମଙ୍ଗୁଳା ହୋଇ ଅଗ୍ନୀଙ୍କୁ ସାକ୍ଷୀ ରଖି ପାଣିଗ୍ରହଣ ଉତ୍ସବ ପରେ ବନ୍ଧନ ସ୍ୱୀକୃତି ପାଇଥାଏ। ସାମାଜିକ ସ୍ୱୀକୃତି ପରେ ପାରିବାରିକ ଜୀବନର ଅୟମାରମ୍ଭ ହୋଇଥାଏ। ଘର ସଂସାର କରିବା ଭିତରେ କଳହ, ମନୋମାଳିନ୍ୟ ଆଦି ହୋଇଥାଏ ଏବଂ ହେବା ବି ସ୍ୱାଭାବିକ। ବେଶ୍ କିଛିବର୍ଷ ହେବ ଏଥିରେ ବିଚ୍ୟୁତି ଘଟି ଏ ପବିତ୍ର ସମ୍ପର୍କ ଆହୁରି କଳୁଷିତ ହୋଇଛି। ବିବାହ ପରେ ଅନୈତିକ ସମ୍ପର୍କ, ପରକୀୟା ପ୍ରୀତି ଆଦି କାରଣରୁ ବିବାହ ବିଚ୍ଛେଦର ଧାରା ବ୍ୟାପକ ହୋଇଛି। ତଥାପି ଏସବୁ ଏକ ସରହଦ ଭିତରେ ସୀମିତ ଥିଲା। କିନ୍ତୁ ଏବେଏବେ ଏପରି ଘଟଣାମାନ ଘଟୁଛି ଯେ ଉଭୟଙ୍କ ଉପରୁ ଉଭୟଙ୍କ କେବଳ ଆସ୍ଥା ତୁଟିଯାଉନି, ସମ୍ପର୍କର ଶିଳାନ୍ୟାସରୁ ସନ୍ଦେହର ନିଆଁରେ ଦୁଇଜଣ କୁହୁଳିବାକୁ ଲାଗୁଛନ୍ତି। ପ୍ରେମ ପ୍ରଣୟରେ ଛନ୍ଦି ହୋଇ ପରସ୍ପରର ଛାଇ ପାଲଟିବା ପରିବର୍ତ୍ତେ ଉଭୟ ଉଭୟଙ୍କ ଛାଇ ଦେଖିଲେ ଭୂତ ଦେଖିବା ସଦୃଶ ଡରିବାକୁ ବାଧ୍ୟ ହେଉଛନ୍ତି।

ବିବାହର ଅର୍ଥ କେବଳ ଶାରୀରିକ ମିଳନ ନୁହେଁ, ସ୍ୱର୍ଗୀୟ ଅନୁବନ୍ଧନର ଏକ ସ୍ମାରକୀ। ଏହା ଦୈହିକ ସମ୍ପର୍କଠାରୁ ଉଚ୍ଚତର ଏକ ଅଦ୍ଭୁତ ଅଭିନିବେଶ। ଉଭୟ ଉଭୟଙ୍କ ପାଖରେ ନିଃସର୍ତ୍ତ ସମର୍ପଣ କରିଦେବାର ଏକ ମହନୀୟ ଉପଲବ୍ଧି। ବୈବାହିକ ସମ୍ପର୍କ ଅତୁଟ ରଖିବାରେ ଉଭୟ ପତି ଓ ପତ୍ନୀଙ୍କ ଭୂମିକା ସମାନ। ଏହି ଗୁରୁଦାୟିତ୍ୱ ଉଭୟଙ୍କ ଉପରେ ସମାନ ଭାବେ ନ୍ୟସ୍ତ ଆଉ ବିଗିଡ଼ିବାରେ ଉଭୟ ସମ ପରିମାଣରେ ଦାୟୀ।

ପୂର୍ବରୁ ଆର୍ଥିକ ଦୁରବସ୍ଥା ଯୋଗୁଁ ବୈବାହିକ ସମ୍ପର୍କ ଭାରସାମ୍ୟ ହରାଉଥିଲା। ସନ୍ତାନସନ୍ତତି ଜନିତ ନିଃସଙ୍ଗତା କାରଣରୁ ସମ୍ପର୍କରେ ସଙ୍କଟ ସୃଷ୍ଟି ହେଉଥିଲା। ଏବେ କିନ୍ତୁ ଆଉ ଏ ସ୍ଥିତି ନାହିଁ। ଉଦାରୀକରଣ ଅର୍ଥନୀତି ପରେ ଆର୍ଥିକ ସ୍ଥିତିରେ ଅନେକ ପରିମାଣରେ ସୁଧାର ଆସିଛି। ଚିକିତ୍ସା ବିଜ୍ଞାନର ଚମତ୍କାରିତା ଫଳରେ ଦ୍ୱିତୀୟ ସମସ୍ୟା ମଧ୍ୟ ବହୁଳ ଭାବେ ସମାଧାନ ହୋଇଛି। କିନ୍ତୁ ଏବେ ଦେଖାଯାଉଛି ଯେ ବିବାହ ପୂର୍ବରୁ ସମ୍ପର୍କ ବିବାହ ପରର ସମ୍ପର୍କ ଭାଙ୍ଗିବାରେ ମୁଖ୍ୟ କାରକ ଭାବେ ଉଭାହୋଇଛି। ହାତଗଣ୍ଠି ପଡ଼ିବା ବେଳଠୁ ତଦଜନିତ ଆଶଙ୍କା ଓ ଭୟ ଏତେ ଡରାଇଦେଉଛି ଯେ ମଣିଷଟି ଖୁବ୍ ଆତଙ୍କିତ ହୋଇପଡୁଛି। ପାରିବାରିକ ବାଧ୍ୟବାଧକତା ଯୋଗୁଁ ହୋଇଥିବା ବିବାହଠୁ ମୁକ୍ତି ପାଇବାକୁ ଯୋଜନା କରୁଛି। ଏଥିରେ ଉତପ୍ରେରକ ସାଜୁଛି ପୂର୍ବତନ ପ୍ରେମିକ ଅଥବା ପ୍ରେମିକା। ଫଳସ୍ୱରୂପ ସୋନମ-ରଘୁବଂଶୀ ଏବଂ ସୌରଭ ରାଜପୁତ-ମୁସ୍କାନ ରସ୍ତୋଗୀ ପରି ଘଟଣା ଘଟୁଛି। ପୂର୍ବ ସମ୍ପର୍କ କାରଣରୁ ଯେଉଁ କ୍ଷେତ୍ରରେ ବିବାହ ହେଉନି ତ ଖବ୍ ଭଲ। ଯେଉଁ କ୍ଷେତ୍ରରେ ହେଉଛି, ସେଠାରେ ସ୍ୱାମୀ ଓ ସ୍ତ୍ରୀକୁ ପ୍ରଥମେ ଏଥିରୁ ବାହାରିବାକୁ ପଡ଼ିବ। ସମ୍ପର୍କ ଗଢ଼ିବା ବେଳେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଜୀବନକୁ ନେଇ ବିଶ୍ଳେଷଣ କିମ୍ବା ବ୍ୟବଚ୍ଛେଦ କରିବା ଅନୁଚିତ। ବରଂ ଜୀବନ ବଞ୍ଚିବା ଶିଖିବା ଆବଶ୍ୟକ। ଏକଥା ବି ସତ ଯେ ଜୀବନ ବଞ୍ଚିବା ଏତେ ସହଜ ନୁହେଁ। ବୈବାହିକ ଜୀବନ ବି ଯାବତୀୟ ଝିଟରେ ଛନ୍ଦା। କିନ୍ତୁ ତା' ଭିତରେ ଅତୀତର ଅସ୍ଥାୟୀ ସମ୍ପର୍କକୁ ଭୁଲି ବର୍ତ୍ତମାନ ବିତୁଥିବା ଜୀବନର ସୁନ୍ଦରପଣକୁ ଖୋଜି ବାହାର କରିବାକୁ ପଡ଼ିବ। ●

ଭୁବନେଶ୍ୱର, ମୋ: ୯୪୩୮୨୯୦୪୯୧

## ପଦ୍ମସମ୍ଭବ ଦ୍ୱିତୀୟ ବୁଦ୍ଧ

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ବତରେ ସମ୍-ୟେ ବୌଦ୍ଧ ମହାବିହାର ପ୍ରତିଷ୍ଠା ପରେ ଏବଂ ବୌଦ୍ଧଧର୍ମକୁ ରାଜ୍ୟ ଧର୍ମ ଭାବେ ରାଜକୀୟ ସ୍ୱୀକୃତି ମିଳିଯିବା ପରେ ପଦ୍ମସମ୍ଭବ ତିବ୍ବତୀୟ ବୌଦ୍ଧଧର୍ମ ମଧ୍ୟରେ ପୁରାଣ କଥାର ନାୟକ ଭଳି ଚିରକାଳ ପାଇଁ ଖ୍ୟାତ ହୋଇଗଲେ। ଶାନ୍ତରକ୍ଷିତ ଓ ପଦ୍ମସମ୍ଭବ ଉଭୟେ ବୌଦ୍ଧ ଶାସ୍ତ୍ର ଓ ତାନ୍ତ୍ରିକ ବୌଦ୍ଧଧର୍ମର ଗ୍ରନ୍ଥ ମଧ୍ୟରେ ଶ୍ଳୋକାବଦ୍ଧ ହୋଇ ତିବ୍ବତରେ ଚିରସ୍ମରଣୀୟ ହୋଇ ରହିଛନ୍ତି। ପଦ୍ମସମ୍ଭବ ରାଜା ଖ୍ରୀ-ସ୍ରନ୍‌ଙ୍କୁ ଉଭୟ ବଜ୍ରକୀଳ ଓ ହୟଗ୍ରୀବ ଉପାସନାରେ ଦୀକ୍ଷିତ କରିଥିଲେ। ରାଜା ହୟଗ୍ରୀବ ସାଧନାରେ ଅଧିକ ମନୋନିବେଶ କରି ସିଦ୍ଧିପ୍ରାପ୍ତ ହୋଇଥିଲେ। ପଦ୍ମସମ୍ଭବ ସେଠାରେ ସୈଦ୍ଧାନ୍ତିକ ଭାବେ 'ଦ୍ୱିତୀୟ ବୁଦ୍ଧ' ରୂପେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବା ସହ ପ୍ରତିଷ୍ଠା ଲାଭ କରିଥିଲେ। ଏପରିକି ତିବ୍ବତରେ ସେ ବୁଦ୍ଧଙ୍କ ଅପେକ୍ଷା ଅଧିକ ସମ୍ମାନର ଅଧିକାରୀ ହୋଇଥିଲେ। ହିମାଳୟ ଅଞ୍ଚଳର ଦେଶମାନଙ୍କରେ ସେ ଜଣେ ଅତ୍ୟନ୍ତ ଅଲୌକିକ କ୍ଷମତାସଂପନ୍ନ ମହାପୁରୁଷ ରୂପେ ଚିତ୍ରିତ ହୋଇଛନ୍ତି।

ତାଙ୍କର ପ୍ରତିଛବିରେ ମସ୍ତକରେ ଧାରଣ କରିଥିବା ମୁକୁଟରେ ସୂର୍ଯ୍ୟ ଓ ଚନ୍ଦ୍ର (ସର୍ବଗୁଣ ସଂପନ୍ନତାର ପ୍ରତୀକ), ବୃହତ୍କାୟ ହୀରା (ଦୁର୍ଜୟର ପ୍ରତୀକ) ଓ ମୟୂରଚନ୍ଦ୍ରିକା (ନିଷ୍ପାପର ପ୍ରତୀକ) ରହିଛି। ସେହିପରି ଗୋଟିଏ ହାତରେ ବଜ୍ରସ୍ୱରୂପ ରାଜଦଣ୍ଡ ଏବଂ ଅନ୍ୟ ହାତରେ ଖପୁରୀରେ ରକ୍ତ ଧାରଣ କରିଥିବା, ତୀକ୍ଷ୍ଣ ମୁକୁଳା ଦାନ୍ତ ସହ ବେକରେ ମଣିଷ ମୁଣ୍ଡର ମାଳା ପିନ୍ଧିଥିବା ଏବଂ ଗୋଟିଏ ମହାବଳ ବାଘ ଉପରେ ବସି ହାତରେ ଡମ୍ବରୁ ବଜାଉଥିବା ଦେଖାଯାଏ।



ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତରେ ତାଙ୍କ ସଫଳତାର ମୁଖ୍ୟ ରହସ୍ୟ ହେଉଛି ସେ ଜଣେ ଶୁଦ୍ଧ ବୌଦ୍ଧ ଅପେକ୍ଷା ଜଣେ ଦକ୍ଷ ଓ ଅଭିଜ୍ଞ ବୌଦ୍ଧତାନ୍ତ୍ରିକ ଥିଲେ। ସେ ଥିଲେ ମୂଳ ଉଡ୍ଡୀୟାନ ବାସନ୍ଦା। ତାଙ୍କ ପିତା ମଧ୍ୟ ଥିଲେ ଖ୍ୟାତନାମା ସିଦ୍ଧ (୮୪ ସିଦ୍ଧ) ଏବଂ ଚକ୍ରସମ୍ବର ସଂପ୍ରଦାୟର ଜଣେ ଅତ୍ୟନ୍ତ ଖ୍ୟାତିସମ୍ପନ୍ନ ତାନ୍ତ୍ରିକ। ରାଜାଇନ୍ଦ୍ରଭୂତି ପଦ୍ମସମ୍ଭବ ମହାଯାନ ବୌଦ୍ଧ ଧର୍ମର ଯୋଗାଚାର ଶାଖାର କର୍ମକାଣ୍ଡ ବହୁଳ ଦୀକ୍ଷାଦାନରେ ବିଶେଷ ଅଭିଜ୍ଞ ଥିଲେ। ତାଙ୍କର ସଂସ୍କୃତ ଗ୍ରନ୍ଥ 'ସମୟପଞ୍ଚଶିଳା' ତିବ୍ବତୀୟ ଭାଷାରେ ଅନୂଦିତ ଅବସ୍ଥାରେ ସେଠାରେ ସଂରକ୍ଷିତ। ବୌଦ୍ଧ ଓ ବୌଦ୍ଧ ତନ୍ତ୍ର ଗ୍ରନ୍ଥ ସୃଷ୍ଟିରେ ମଧ୍ୟ ତାଙ୍କର ଉଲ୍ଲେଖଯୋଗ୍ୟ ପାଣ୍ଡିତ୍ୟ ରହିଛି।

ତିବ୍ବତ ଓ ହିମାଳୟ ଅଞ୍ଚଳରେ ଏତେ ଅଧିକ ପରିଚୟ ପଦ୍ମସମ୍ଭବ ଅର୍ଜନ କରିଥିବା ବେଳେ ଭାରତୀୟ ବୌଦ୍ଧଧର୍ମର ଇତିହାସରେ ସେ ଦେଖିବାକୁ ମିଳନ୍ତି ନାହିଁ। ତିବ୍ବତରେ ସେ କିଛିବର୍ଷ ରହିଥିଲେ ମଧ୍ୟ ସେଠାରେ ତାଙ୍କର ଧାର୍ମିକ ଓ ସାମାଜିକ କାର୍ଯ୍ୟ ତାଙ୍କ ପାଇଁ ଅଜସ୍ର ଖ୍ୟାତି ଆଣିଦେଇଛି। ସେଠାରେ ସେ ରହିବା କାଳରେ ତିବ୍ବତ ସବୁକ୍ଷେତ୍ରରେ ଉନ୍ନତି ସାଧନ କରିପାରିଥିଲା। ଶସ୍ୟଅମଳ ଆଶାନୁରୂପ ହୋଇଥିବା ସହ ଜନସଂଖ୍ୟା ବୃଦ୍ଧି ପାଇଥିଲା ଏବଂ କୌଣସି ପ୍ରକାର ଅଘଟଣ ଘଟି ନଥିଲା। ରାଜନୈତିକ ଓ ଧାର୍ମିକ କାର୍ଯ୍ୟକଳାପ ଦୃଢ଼ଭାବରେ ପ୍ରତିଷ୍ଠିତ ହୋଇପାରିଥିଲା। ରାଜା ଖ୍ରୀ-ସ୍ରନ୍‌ଙ୍କର ଜୀବଦଶାରେ 'ବନ୍' ଧର୍ମକୁ ଅବଦମିତ କରାଯାଇ ପାରିଥିଲା। ବୌଦ୍ଧ ଧର୍ମ ଯାହା ପଦ୍ମସମ୍ଭବଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା, ତାହା ସମଗ୍ର ତିବ୍ବତରେ ପ୍ରସାରିତ ହେବା ସହ ଏକ ସମୃଦ୍ଧଶାଳୀ ଧର୍ମରେ ପରିଣତ ହୋଇପାରିଥିଲା।

ସମ୍-ୟେ ମହାବିହାର ନିର୍ମାଣ ଶେଷ ହୋଇଯିବା ପରେ ଉଭୟ ଶାନ୍ତରକ୍ଷିତ ଓ ପଦ୍ମସମ୍ଭବଙ୍କ ପରାମର୍ଶକ୍ରମେ ରାଜା ଭାରତ ଏବଂ ଆଖପାଖ ଅନ୍ୟ ଦେଶରୁ ବୌଦ୍ଧ ଗ୍ରନ୍ଥ ଶିକ୍ଷା ଦେବା ଏବଂ ଅନୁବାଦ କରିବା ନିମିତ୍ତ ବୌଦ୍ଧପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ତିବ୍ବତ ଅଣାଇଲେ। ରାଜାଙ୍କ ପୃଷ୍ଠପୋଷକତାରେ ଶହ ଶହ ବୌଦ୍ଧ ଓ ଅନ୍ୟାନ୍ୟ ଶାସ୍ତ୍ରସବୁ ତିବ୍ବତୀୟ ଭାଷାରେ ଅନୁବାଦ କରାଯାଇଥିଲା। ବୌଦ୍ଧବିହାର ଓ ଶିକ୍ଷାକେନ୍ଦ୍ରମାନ ଗଢ଼ାଗଲା ଏବଂ ସମଗ୍ର ତିବ୍ବତରେ ବୌଦ୍ଧ ଧର୍ମ ବ୍ୟାପକ ଭାବେ ପ୍ରସାର ଲାଭ କରିପାରିଥିଲା। ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I.E. BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଝାଡ଼ାବାନ୍ତି ବ୍ୟାପିବା ଘଟଣା : ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ**

# ସୁଧୁରୁଛି ଯାଜପୁର ସମେତ ୫ ଜିଲ୍ଲା ସ୍ଥିତି

- **ଜାରି ରହିଛି ଜଳ ବିଶୁଦ୍ଧତା ଓ ସଚେତନତା**
- **ନିୟୋଜିତ ହୋଇଛନ୍ତି ସ୍ୱତନ୍ତ୍ର ଡାକ୍ତରୀ ଦଳ**

**ଭୁବନେଶ୍ୱର, ୨୦।୬ (ସମିସ):** ଦୀର୍ଘ ୧୪ ଦିନ ପରେ ରାଜ୍ୟରେ ଡାଇରିଆ ସଂକ୍ରମଣରେ ସାମାନ୍ୟ ସୁଧାର ଆସିଛି। ଡାଇରିଆର ଉତ୍ପତ୍ତି ଯାଜପୁର ଜିଲ୍ଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି। କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳରେ ମଧ୍ୟ ନୂଆ ଆକ୍ରାନ୍ତଙ୍କ ପରିମାଣ କମିଛି। ଏହି ୫ଟି ଜିଲ୍ଲାରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ହୁ'ହୁ' ବୃଦ୍ଧି ପାଉଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସମେତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସଚେତନତା ସୃଷ୍ଟି କରିବା ସହ ସ୍ୱତନ୍ତ୍ର ଡାକ୍ତରୀ ଦଳ ନିୟୋଜିତ ହୋଇଥିଲେ। ଏହା ଦ୍ୱାରା ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ.ଏସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଏହି ସୂଚନା ଦେଇଛନ୍ତି।

ସରକାରୀ ସୂଚନାନୁସାରେ, ଯାଜପୁର ଜିଲ୍ଲାରେ, ୧୦ ଜୁନ୍‌ରେ ୧୨୬ଟି ମାମଲା ରେକର୍ଡ ହୋଇଥିଲା। ୧୧ ଜୁନ୍‌ରେ ଏହା ୧୫୦ଟି ନୂଆ ମାମଲା ସହ ଶୀର୍ଷରେ ପହଞ୍ଚିଥିଲା। ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସନଗର ନଗରପାଳିକା ଅଞ୍ଚଳରେ ଜୁନ୍ ୧୨ଠାରୁ ମାମଲା ହ୍ରାସ ପାଇବା ଆରମ୍ଭ ହୋଇଥିଲା। ସେହି ଦିନ ମୋଟ ୧୩୫ଟି ନୂଆ ମାମଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ୧୫ରେ ୧୨୧କୁ ଓ ୧୮ରେ ୯୧କୁ ହ୍ରାସ ପାଇଥିଲା। ଗତକାଲି ସନ୍ଧ୍ୟା ସୁଦ୍ଧା ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ୭୧ଟି ନୂଆ ମାମଲା ଚିହ୍ନଟ ହୋଇଥିଲା। ସଂକ୍ରମଣ ଆରମ୍ଭରୁ ଗୁରୁବାର ରାତି ସୁଦ୍ଧା ୧୧୨୭ଜଣ ଆକ୍ରାନ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏଥିରୁ ୧୦୪୫ ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଥିବାବେଳେ ମାତ୍ର ୮୨ ଜଣ ଏବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେହିଭଳି କେନ୍ଦୁଝର ଜିଲ୍ଲାରେ ୧୦ ଜୁନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୭୯ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ, ଯାହା ୧୨ରେ ୪୪କୁ ଓ ୧୮ରେ ୩୮କୁ ହ୍ରାସ ପାଇଥିଲା। ଗତକାଲି ରାତି ସୁଦ୍ଧା, ଜିଲ୍ଲାରେ ମୋଟ ନୂଆ ମାମଲା ୧୭କୁ ସୀମିତ ଥିଲା। ଗତକାଲି ରାତି ସୁଦ୍ଧା ମୋଟ ୪୯୭ ଜଣ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ୪୫୪ଜଣ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ ଏବଂ ୩୪ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ବର୍ତ୍ତମାନ ରାଜ୍ୟବ୍ୟାପୀ ଡାଇରିଆ ବିରୋଧୀ ଅଭିଯାନ ଚାଲିଛି। ବିଶେଷକରି ଯାଜପୁର, କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଜିଲ୍ଲାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ଜିଲ୍ଲାଗୁଡ଼ିକରେ ସଂକ୍ରମଣ ଶୀର୍ଷରେ ଥିଲା। ଏବେ ତାହା ହ୍ରାସ ପାଇବା ଆରମ୍ଭ ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ଅତିରିକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହୋଇଥିଲେ। ହସ୍ପିଟାଲ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶା କର୍ମୀ ଓ ଅଙ୍ଗନବାଡ଼ି କେନ୍ଦ୍ର ଆଦି ସ୍ତରରେ ପର୍ଯ୍ୟାପ୍ତ ଔଷଧ, ଫ୍ଲୁଇଡ୍ ଓ ଇଞ୍ଜେକ୍ସନ ଆଦି ମହଜୁଦ୍ ରଖାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଦଳମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ନିରୀକ୍ଷଣ ଓ ମାର୍ଗଦର୍ଶନ କରୁଛନ୍ତି। ଏହି ଜିଲ୍ଲାଗୁଡ଼ିକରେ ଘରେଘରେ ସଚେତନତା ଅଭିଯାନ ବ୍ୟାପକ କରାଯାଇଛି।

**ଅଣସରରେ ଗୁପ୍ତ ସେବା**

# ଚକାକୁ ବିଜେ ହେଲେ ଦାରୁଦିଅଁ

**ପୁରୀ୨୦।୬ (ସମିସ):** ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ମଙ୍ଗଳବାଠାରୁ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବା ବେଳେ ଶୁକ୍ରବାର ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି।

ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର (ଅଣସର ଗୃହ) ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ପରେ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ତେବେ ଶନିବାର ଖଲିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଘରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗୀନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳାବସ୍ତ୍ର ଏବଂ ଧଳା ପୁଷ୍ପ ଲାଗି କରାଯାଉଛି। ଖଲିଲାଗି ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

**■ ଆସୁଛି ରଥଯାତ୍ରା**

# ରଥ ପାଇଁ ଆସେ ପାଞ୍ଚଥର ଆଜ୍ଞାମାଳ

**ପୁରୀ, ୨୦।୬ (ସମିସ):** ପରମ କାରୁଣିକ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାପ୍ରଭୁଙ୍କ ନିର୍ଦ୍ଦେଶରେ ହିଁ ଅନୁଷ୍ଠିତ ହୋଇଆସୁଛି। ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁଯାୟୀ, ସ୍ୱୟଂ ମହାପ୍ରଭୁ ଏହି ଯାତ୍ରା କରିବା ପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯାତ୍ରା ନିମନ୍ତେ ତିନିରଥ ଶିଳ୍ପ ଶାସ୍ତ୍ରାନୁଯାୟୀ ପାରମ୍ପରିକ ଶିଳ୍ପୀମାନେ ନିର୍ମାଣ କରିଥା'ନ୍ତି। ରଥକାର୍ଯ୍ୟ ଆରମ୍ଭରୁ ମହାପ୍ରଭୁଙ୍କର ଦୃଷ୍ଟି ରଥଗୁଡ଼ିକ ଉପରେ ନିବଦ୍ଧ ରହିଥାଏ। ଅର୍ଥାତ୍ ରଥ ପାଇଁ ପାଞ୍ଚଥର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିଥାଏ।

ଏ ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଦିନ ତିବିବାଡରୁ ତିନିଗୋଟି ଆଜ୍ଞାମାଳ ରଥଖଳାକୁ ବିଜେ ହୁଅନ୍ତି। ତିନିରଥ ପାଇଁ ପ୍ରସ୍ତୁତ ଥିବା ତିନିଖଣ୍ଡ କାଠରେ ପୂଜାପଣ୍ଡା ସାମନ୍ତ ଏହି ଆଜ୍ଞାମାଳ ଲାଗି କରିଥାନ୍ତି। ଏହାପରେ ମହାପ୍ରଭୁଙ୍କ ନିର୍ଦ୍ଦେଶ ପାଇ ତିନିରଥର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଥାଏ। ଏହି କାର୍ଯ୍ୟର ଅଗ୍ରଗତିକୁ ତଦାରଖ କରିବା ପାଇଁ ଦାରୁବିଗ୍ରହଙ୍କ ନିକଟରୁ ପୁନଶ୍ଚ ଜ୍ୟେଷ୍ଠ କୃଷ୍ଣ ସପ୍ତମୀ ବା ଚନ୍ଦନ ଯାତ୍ରାର ଭଉଁରୀ ଦିନ ଆଜ୍ଞାମାଳ ଆସି ତିନିରଥର ୬ ଚକ ଓ ୩ ଅଖରେ ଲାଗି କରାଯାଇଥାଏ। ଏହି ଦିନ ତିନିରଥର ୨ଟି ଲେଖାଏଁ ଚକ ୩ଟି ଅଖରେ ଯୋଡ଼ାଯାଏ। ଏହାକୁ ଚକ ଡେରା ନୀତି କହନ୍ତି। ପୁନଶ୍ଚ ରଥଯାତ୍ରା ପୂର୍ବଦିନ ନିର୍ମାଣ କାର୍ଯ୍ୟ ସରିବା ପରେ ରଥଗୁଡିକୁ ସିଂହଦ୍ୱାରକୁ ଟାଣିନେବା ପାଇଁ ଠାକୁରମାନଙ୍କ ଆଜ୍ଞାମାଳ ଲାଗି କରାଯାଇଥାଏ। ଏହି ଆଜ୍ଞାମାଳ ପାଇବା ପରେ ତିନିରଥ ସିଂହଦ୍ୱାରକୁ ଆସନ୍ତି। ରଥଖଳାରୁ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ରଥ, ପରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣା ହୋଇ ସିଂହଦ୍ୱାରରେ ଏକ ସରଳ ରେଖାରେ ଅବସ୍ଥାନ କରିଥାନ୍ତି। ସେହିଦିନ ରାତ୍ରିରେ ତିନିରଥର ଦଧିନଉତିରେ ଲାଗିବାକୁ ଥିବା ୯ଟି କଳସଙ୍କୁ ତିନିବାଡର ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ପ୍ରଥମେ ଏହି କଳସଗୁଡ଼ିକୁ ଜୟବିଜୟ ଦ୍ୱାରକୁ ଅଣାଯାଇଥାଏ। ସନ୍ଧ୍ୟାଧୂପ ସରିବା ପରେ ଜଣେ ପୂଜାପଣ୍ଡା ତିନିବାଡ଼ରୁ ଆଜ୍ଞାମାଳ ନେଇ ତିନିକଳସଙ୍କୁ ଦେଇଥାନ୍ତି। ଚାଙ୍ଗଡ଼ା ମେକାପ ତିନିଖଣ୍ଡ ପଟନୀ ଶାଢ଼ି ଦିଅନ୍ତି ଓ ପୂଜାପଣ୍ଡା ତିନି କଳସରେ ବାନ୍ଧନ୍ତି। ଏହାପରେ କୋଠ ସୁଆଁସିଆମାନେ କଳସ ନେଇ ରଥରେ ବାନ୍ଧିଥା'ନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଲାଗୁଥିବା କଳସ ତ୍ରୟର ନାମ ଚନ୍ଦ୍ର, ସୂର୍ଯ୍ୟ ଓ ବିଦ୍ୟୁତ୍। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ କଳସ ତ୍ରୟର ନାମ ପରା, ଅପରା ଓ ବୈଖାରୀ। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଲାଗୁଥିବା କଳସ ତ୍ରୟ ହେଲେ ନଭ, ଆକାଶ ଓ ବ୍ୟୋମ।

ଅନ୍ୟପକ୍ଷରେ ଆଷାଢ଼ ଶୁକ୍ଳ ସପ୍ତମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥଗୁଡ଼ିକୁ ତିନିବାଡ଼ରୁ ଆଜ୍ଞାମାଳ ପ୍ରଦାନ କରାଯାଏ। ଏହିଦିନ ସକାଳ ଧୂପ ପରେ ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ତିନିଖଣ୍ଡ ନେଇ ଘଣ୍ଟ, ଛତା ଓ କାହାଳୀ ସହ ତିନିରଥ ନିକଟକୁ ଯାଇ ପ୍ରଦାନ କରନ୍ତି। ଏହାପରେ ରଥଗୁଡ଼ିକୁ ଦକ୍ଷିଣ ମୋଡ଼ କରାଯାଇଥାଏ। ଏହିପରି ଭାବେ ସମୁଦାୟ ପାଞ୍ଚଥର ରଥ ନିମନ୍ତେ ଠାକୁରମାନେ ଆଜ୍ଞମାଳ ପ୍ରଦାନ କରିଥା'ନ୍ତି। ରଥ ନିର୍ମାଣଠାରୁ ରଥଯାତ୍ରାକାଳୀନ ସମସ୍ତ କାର୍ଯ୍ୟ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥାଏ ବୋଲି ଡ. ଦାଶ କହିଛନ୍ତି।

# ଜାମିନ ପାଇଁ ହାଇକୋର୍ଟ ଗଲେ ଧୀମାନ ଚକମା



**ଭବାନୀପାଟଣା, ୨୦।୬ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା (ଆଇଏଏସ) ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଜଣେ କ୍ରସର ମାଲିକଙ୍କଠାରୁ ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଗିରଫ କରିଥିଲା। ଏବେ ସେ ଜେଲ୍‌ରେ ଅଛନ୍ତି। ଗତ ୧୭ ତାରିଖରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ସେହିଭଳି ଏହା ଭିତରେ ସମ୍ପୃକ୍ତ ବ୍ୟବସାୟୀଙ୍କ ସହ ଉପ ଜିଲ୍ଲାପାଳଙ୍କ ବାର୍ତ୍ତାଳାପର ଭଏସ୍ ରେକର୍ଡ ମ୍ୟାଚ ପାଇଁ ଆବଶ୍ୟକ ପରୀକ୍ଷା (ସ୍ପେକ୍ଟ୍ରୋ ଗ୍ରାଫି ଟେଷ୍ଟ) କରାଯାଇଛି। ଶେଷରେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଥିବା ତାଙ୍କ ଓକିଲ ଦିଲ୍ଲୀପ ସା କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

କରାଯାଇଛି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ। ପ୍ରଧାନମନ୍ତ୍ରୀ ପ୍ରସ୍ତୁତ କରିଥିବା ରୋଡମ୍ୟାପକୁ ଆଧାର କରି ଆମ ରାଜ୍ୟ ସମୃଦ୍ଧ ଓଡିଶା ଏବଂ ଦେଶ ବିକଶିତ ଭାରତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଜେପି ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଦଳ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେଠାରୁ ଏକ ରୋଡ ଶୋରେ ପ୍ରଧାନମନ୍ତ୍ରୀ ଜନତା ମଇଦାନ ଆସିଥିଲେ।

### ଘମାଘୋଟ ଲଢ଼େଇ...

ଦେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଚେତାବନୀ ଦେଇଛନ୍ତି। ସାମରିକ ଅଭିଯାନକୁ ଅଧିକ ଜୋରଦାର କରାଯିବ ବୋଲି ନେତାନ୍ୟାହୁ କହିଛନ୍ତି। ଦ୍ୱିତୀୟବିଶ୍ୱଯୁଦ୍ଧ ପରେ କ୍ଲଷ୍ଟର ବୋମାକୁ ନିଷିଦ୍ଧ କରାଯାଇଥିଲା। ମାତ୍ର ଏହାକୁ ବ୍ୟବହାର କରି ଇରାନ ଯୁଦ୍ଧ ଅପରାଧ କରିଛି ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ସେହିପରି ଇସ୍ରାଏଲ ମଧ୍ୟ ଆଜି ଇରାନ ପରମାଣୁ ଏବଂ ସାମରିକ ଠିକଣାକୁ ନିଶାଣ କରି କ୍ଷେପଣାସ୍ତ୍ର ମାଡ଼ କରିଛି। ସୋରକୋ ହସ୍ପିଟାଲ ଆଦିକୁ ନିଶାଣ କରି ଶହେରୁ ଅଧିକ ଆତ୍ମଘାତୀ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ବୋଲି ଇରାନ ପକ୍ଷରୁ କୁହାଯାଇଛି। ଆଣବିକ କେନ୍ଦ୍ରରେ ଆକ୍ରମଣକୁ ଇରାନ ବିଦେଶ ମନ୍ତ୍ରୀ ଗମ୍ଭୀର ଯୁଦ୍ଧ ଅପରାଧ କହିଛନ୍ତି।

ଏହା ପୂର୍ବରୁ ସକାଳେ ବିର୍ସେବାରେ ଥିବା ମାଇକ୍ରୋସଫ୍ଟ ଅଫିସ ନିକଟରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହା ଦ୍ୱାରା ଅନେକ କାର୍‌ରେ ନିଆଁ ଲାଗି ଯାଇଥିଲା। ଏହା ମଧ୍ୟରେ ଇରାନ ଭାରତ ପାଇଁ ନିଜ ବାୟୁସୀମା ଖୋଲି ଦେଇଛି। ଅପରେସନ ସିନ୍ଧୁ ଅଧଇନରେ ଭାରତ ସରକାର ଆଗାମୀ ଦୁଇ ଦିନ ମଧ୍ୟରେ ୩ଟି ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ପ୍ରାୟ ହଜାରେ ଭାରତୀୟଙ୍କୁ ଉଦ୍ଧାର କରିବେ। ଏହି ବିମାନ ଇରାନର ମସହଦରୁ ଉଡାଣ ଆରମ୍ଭ କରି ଦିଲ୍ଲୀରେ ଅବତରଣ କରିବ। ଅନ୍ୟପକ୍ଷରେ ଆମେରିକା ପକ୍ଷରୁ କୁହାଯାଇଛି ଯେ ପରମାଣୁ ଅସ୍ତ୍ର ପ୍ରସ୍ତୁତି ଲାଗି ଇରାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ଇରାନର ସର୍ବୋଚ୍ଚ ନେତା ନିର୍ଦ୍ଦେଶ ଦେଲେ କିଛି ସପ୍ତାହ ମଧ୍ୟରେ ପରମାଣୁ ବୋମା ପ୍ରସ୍ତୁତ କରିହେବ। ଯଦି ଇରାନ ଏହାର କରିଦିଏ ତେବେ କେବଳ ଇସ୍ରାଏଲ ନୁହେଁ, ବରଂ ଆମେରିକା ସହିତ ସାରା ବିଶ୍ୱର ସୁରକ୍ଷା ବିପଦରେ ପଡ଼ିଯିବ ବୋଲି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନା ଲେଭିଟ କହିଛନ୍ତି। ସୂଚନା ଅନୁଯାୟୀ ଏହି ଯୁଦ୍ଧରେ ଇରାନରେ ୬୫୭ ଜଣ ଏବଂ ଇସ୍ରାଏଲର ୨୪ ଜଣ ପ୍ରାଣ ହରାଇଲେଣି।

### ରାଜ୍ୟ ବାହାରୁ...

ହୋଇଥିବାରୁ ମାସିକ ଏତେ ଟଙ୍କା ଖର୍ଚ୍ଚ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ। ଔଷଧ ନ ଖାଇଲେ ତାଙ୍କର ସ୍ୱାସ୍ଥ୍ୟ ଅଧିକ ଗୁରୁତର ହେବା ସହ ଜୀବନ ପ୍ରତି ମଧ୍ୟ ବିପଦ ରହିଛି।

ସେ ଆହୁରି କହିଛନ୍ତି ଯେ, ଗତ ମେ' ୨୫ରେ ବିଶାଖାପାଟଣା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଯାଇଥିଲେ। ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ଆୟୁଷ୍ମାନ କାର୍ଡରେ କରାଯାଇଥିଲା। କିନ୍ତୁ ଏହି କାର୍ଡ ମାଧ୍ୟମରେ ଔଷଧ ପ୍ରଦାନ ନେଇ କୌଣସି ବ୍ୟବସ୍ଥା ନାହିଁ ବୋଲି କୁହାଯାଇଥିଲା। ଚିକିତ୍ସାଳୟ କାଉଣ୍ଟର୍ କର୍ମଚାରୀଙ୍କଠାରୁ ଉତ୍ତର ପାଇବା ପରେ ତାଙ୍କ ପରିବାରଲୋକଙ୍କ ମୁଣ୍ଡରେ ଚଢ଼କ ପଡିଥିଲା। ଗତ ୫ବର୍ଷ ହେଲା ବିଏସ୍‌କେୱାଇ କାର୍ଡରେ ବିନା ଟଙ୍କା ଖର୍ଚ୍ଚ କରି ଚିକିତ୍ସା ଏବଂ ମାଗଣା ଔଷଧ ପାଉଥିବା ବେଳେ ବର୍ତ୍ତମାନ ଆୟୁଷ୍ମାନ ଯୋଜନା ତାଙ୍କ ପାଇଁ କାଳ ସାଜିଥିବା ରୋଗୀ ରମେଶଙ୍କ ପତ୍ନୀ ବି. ଶ୍ରୀଦେବୀ ପ୍ରକାଶ କରିଛନ୍ତି। ତେଣୁ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ନିକଟରେ ସେ ଗୁହାରି କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ପୌରସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇ କୌଣସି ବ୍ୟବସ୍ଥା କରିବାକୁ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଆଶ୍ୱସନା ଦେଇଥିବା ସେମାନେ କହିଛନ୍ତି।

### ଚିକିତ୍ସା ପାଇଁ...

ସମୟରେ ଅନେକ ମହିଳାଙ୍କ ଆଖିଲେ ଲୁହ ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ବିମାନ ବନ୍ଦର ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଆମ ଦଳର ନେତା ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି। ଲୋକଙ୍କ ମନରେ ନବୀନଙ୍କ ପ୍ରତି ଥିବା ସମ୍ମାନ ଆଜି ନବୀନ ନିବାସରୁ ବିମାନବନ୍ଦରରେ ପ୍ରତିଫଳିତ ହୋଇଛି। ସେମାନଙ୍କ ମଧ୍ୟରେ ମହିଳା, ଶିଶୁ ଓ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ଅଛନ୍ତି। ଦଳମତ ନିର୍ବିଶେଷରେ ଲୋକମାନେ ନବୀନଙ୍କୁ ଭଲ ପାଆନ୍ତି। ନବୀନ ସୁସ୍ଥ ହୋଇ ଶୀଘ୍ର ଫେରିଆସନ୍ତୁ ବୋଲି ସମସ୍ତେ କାମନା କରୁଛନ୍ତି। ନବୀନ ସର୍ଭିକାଲ ଆଥ୍ରାଇଟିସରେ ପୀଡିତ ହୋଇଥିବା ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ଏହା ସହ ମୁମ୍ବାଇରେ ବରିଷ୍ଠ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶ୍ରୀ ପଟ୍ଟନାୟକଙ୍କ ଚିକିତ୍ସା ହେବ ବୋଲି ନବୀନ ରାଜ୍ୟବାସୀଙ୍କୁ ଅବଗତ କରାଇଥିଲେ। ନବୀନଙ୍କ ଏହି ସୂଚନା ପରେ ବହୁ ବିଶିଷ୍ଟ ବ୍ୟକ୍ତି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଦଳମତ ନିର୍ବିଶେଷରେ ବହୁ ନେତା ମଧ୍ୟ ନବୀନଙ୍କ ଉତ୍ତମ ଚିକିତ୍ସା କାମନା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ସାମାଜିକ ଗଣମାଧ୍ୟମରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

### ୫୦ରୁ ଊର୍ଦ୍ଧ୍ୱ...

ଅପରପେକ୍ଷ, ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲାର ସବୁ ବିଭାଗୀୟ କର୍ମଚାରୀଙ୍କର ଛୁଟି ବାତିଲ୍ କରାଯାଇଛି। ଏପରିକି, ମୁଖ୍ୟାଳୟ ନ ଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସରେ ହୋଇଥିବା ଏହି ବୈଠକରେ ୪ଟି ବ୍ଲକ୍(ଜଳେଶ୍ୱର, ବାଲିଆପାଳ, ବାସ୍ତା ଓ ଭୋଗରାଇ) ର ବିଡିଓ ଓ ତହସିଲଦାର ଯୋଗ ଦେଇଥିଲେ। ସମସ୍ତଙ୍କୁ ୨୪ଘଣ୍ଟା ଆଲର୍ଟରେ ରହିବା ଏବଂ ବ୍ୟକ୍ତିଗତ ଭାବେ ସମ୍ବେଦନଶୀଳ ଅଞ୍ଚଳକୁ ଯାଇ ସ୍ଥିତିର ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ, ଆଜି ଅପରାହ୍ନ ସୁଦ୍ଧା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରସଲପୁର, ବିଷ୍ଣୁପୁର, ବାଲିଆପାଳ ପଞ୍ଚାୟତର କୁଦମାନସିଂ, ଜାମକୁଣ୍ଡା ପଞ୍ଚାୟତର ନଖପାଳ, କୁହ୍ଲାଚଢ଼, ତାଳପଦା, ପାଳଜାମକୁଣ୍ଡା, ମଧୁପୁରା ପଞ୍ଚାୟତର ଚଡବସ୍ତି, କାଳରୁହି, ପଞ୍ଚୁରୁଖୀ, ମଧୁପୁରା, ଚୌଧୁରୀକୁଦ, ନିଖିରା ପଞ୍ଚାୟତର ପାଳବେଗୁନିଆ, କୁମ୍ଭାରୀ ପଞ୍ଚାୟତର ଗୁଆପଢ଼ା ଆଦି ଗାଁରେ ବନ୍ୟାଜଳ ପ୍ରବେଶ କରିଥିଲା ବେଳେ ଜଳେଶ୍ୱରର ରାୟ ରାମଚନ୍ଦ୍ରପୁର, ପଶ୍ଚିମବାର୍ଡ, ଝାଡ଼ପିପଳ, ପାଇକସିଦା, ଗଡ଼ ସାହି ବାଲିଆପାଳ, ତୋଟାପଡ଼ା ଆଦି ଗାଁରେ ବନ୍ୟାଜଳ ପ୍ରବେଶ କରିଛି।

ସେହିପରି ଭୋଗରାଇ ବ୍ଲକ୍‌ର ଆରୁହାବୃତି-୧ ପଞ୍ଚାୟତର ମନୁନଗର, ନଥିପୁର, ଆରୁହାବୃତ୍ତି, ବାର ବାଟିଆ, ହରିଣକୁଲି, ଖରିଦପିପଳ ପଞ୍ଚାୟତର ଆରୁହା ବୃତ୍ତି-୨, ଖରିଦପିପଳ, ନାଚିନ୍ଦା ପଞ୍ଚାୟତ ର ମହମ୍ମଦପୁର, ଜଳଧା, ବାଗ, ଖରିଦଚକ, ରଘୁଚକ, ନିଶ୍ଚିନ୍ତଡିହା, ନାଚିନ୍ଦା, ଡେଉଁର, କୁସୁଡ଼ା ପଞ୍ଚାୟତ ର ଗୁଜଡିହା, କୁସୁଡ଼ା, ଚକ ଗୁଜଡିହା, ଗବଗାଁ ପଞ୍ଚାୟତର ଚିରକୁଲା, ଗବଗାଁ, କୃଷ୍ଣପୁର, ଦୋବାଡ଼ିଆ, କୁମ୍ଭୀରଗଡ଼ି ପଞ୍ଚାୟତର ବାଉଁସଖଣା, କୁହ୍ଲା, ଅଡଙ୍ଗ ପନ୍ତେଇ, କୁମ୍ଭୀରଗଡ଼ି ଇତ୍ୟାଦି ଗାଁ ସହ ପୁଟିଣା, ଦାରୁହା, କଚୁଆଡ଼ି, କୁଳିଦା, ମହାଗବ ଇତ୍ୟାଦି ପଞ୍ଚାୟତର ବହୁ ଗାଁ ରେ ବନ୍ୟା ଜଳ ପ୍ରବେଶ କରୁଥିବା ସୂଚନା ମିଳିଛି। ଏପରିକି ନାଚିନ୍ଦା- ବାରବାଟିଆ ପ୍ରଧାନମନ୍ତ୍ରୀ ସଡ଼କ, ଦାହାର୍ଦ୍ଦା-ଚିରକୁଲା ସଡ଼କର ଅନେକ ଅଂଶ ଜଳରେ ବୁଡିଯାଇଥିବା ଜଣାପଡ଼ିଛି।

ସେହିପରି ତିନିଟି ବ୍ଲକର ପ୍ରାୟ ୧୫ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହୋଇଯାଇଛି। ଅନ୍ୟପକ୍ଷରେ ଖରିଦ ପିପଳ, ଆରୁହାବୃତ୍ତି ଓ କୁମ୍ଭୀରଗଡ଼ି ପଞ୍ଚାୟତର ନଦୀକୂଳିଆ ଗାଁଗୁଡ଼ିକରେ ଶହଶହ ଏକର ଜମିରେ ହୋଇଥିବା ପରିବା ଚାଷ ବନ୍ୟାରେ ବୁଡ଼ିଯାଇଛି। ବର୍ତ୍ତମାନ ସମୁଦ୍ର ଜୁଆରିଆ ନଥିବା ତଥା ସ୍ଥାନୀୟ ଅଞ୍ଚଳରେ ଉଦ୍‌ବୃତ୍ତ ବର୍ଷାଜଳ ନ ଥିବାରୁ ବନ୍ୟାପାଣି ସମୁଦ୍ରକୁ ସହଜରେ ନିଷ୍କାସନ ହୋଇପାରିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ପ୍ରସ୍ତୁତି କରାଯାଇଛି। ତଳିଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ପାଇଁ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ମାନେ ପ୍ରସ୍ତୁତ ରହିଛନ୍ତି। ବିଶେଷକରି ଭୋଗରାଇ ବ୍ଲକ୍‌ର ଅଧିକ ଗାଁ ଜଳମଗ୍ନ ହେବାର ଆଶଙ୍କା ରହିଛି। ତେଣୁ ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ନିଆଯାଉଥିବା ସୂଚନା ମିଳିଛି।

ଅପରପକ୍ଷେ, ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ସମୀକ୍ଷା ବୈଠକରେ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନଭୂମି ଓ ବନ୍ୟାପ୍ରବଣ ଅଞ୍ଚଳର ଲୋକମାନେ ସତର୍କ ରହିବାକୁ ଏବଂ ପରିସ୍ଥିତି ଅଧିକ ଖରାପ ହେଲେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ରହିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଆବଶ୍ୟକ ଔଷଧ ସଂଗ୍ରହ ଓ ଚିକିତ୍ସା ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଳସମ୍ପଦ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ସମସ୍ତ ଗେଟ୍‌ର ଯାଞ୍ଚ କରିବା, ନିୟମିତ ଅନ୍ତରାଳରେ ଜଳସ୍ତର ମାପ କରିବା ଓ ଆବଶ୍ୟକ ଉପାୟ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଆବଶ୍ୟକ ଖାଦ୍ୟ ଓ ଜରୁରୀ ସାମଗ୍ରୀ ଉପଲବ୍ଧ କରିବା ବାବଦରେ କୁହାଯାଇଛି।

# ଏନଆରଆରଆଇ ଦ୍ୱାରା ବିକଶିତ ୭ଟି ଧାନ କିସମକୁ ଅନୁମୋଦନ

**କଟକ,୨୦।୬(ସମିସ):** ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନଆରଆରଆଇ) କଟକ ଦ୍ୱାରା ବିକଶିତ ସାତଟି ଉଚ୍ଚ-ଅମଳକ୍ଷମ ଧାନ କିସମକୁ ରାଜ୍ୟ ବିହନ ଉପ-କମିଟି ଓଡ଼ିଶାର ବିବିଧ କୃଷି-ପରିବେଶିକ ଅଞ୍ଚଳରେ ଚାଷ ପାଇଁ ଅନୁମୋଦନ କରିଛି। ଏହି ସମସ୍ତ କିସମଗୁଡ଼ିକ ପ୍ରମୁଖ କୀଟପତଙ୍ଗ ଏବଂ ରୋଗ ପ୍ରତି ସହନଶୀଳ, ଯାହା ଓଡ଼ିଶାର ଧାନ ଚାଷୀମାନଙ୍କୁ ଉନ୍ନତ ସ୍ଥିତିସ୍ଥାପକତା ଏବଂ ଉତ୍ପାଦକତା ପ୍ରଦାନ କରିବ। ନିରନ୍ତର କୃଷି ଏବଂ ଚାଷୀ ସମୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି। ଏହି କିସମ ଗୁଡିକ ହେଲା ସି ଆର ଧାନ ୨୧୫ (ଇନ୍ଦୁମତି)- ଯାହା ଲୁଣିଆ ଏବଂ ଆନାରୋବିକ୍ ଅଙ୍କୁରଜନ ସହନଶୀଳତା ସହିତ ଏକ ଉଚ୍ଚ ଅମଳକାରୀ ଧାନ କିସମ। ଉପକୂଳ ଲବଣାକ୍ତ ଏବଂ ଜଳସେଚିତ ଜମିରେ ଚାଷ ପାଇଁ ଏହାକୁ ବିକଶିତ କରାଯାଇଛି। ସି ଆର ଧାନ ୩୨୫(ସଲିଳ) ହେଉଛି ଏକ ମଧ୍ୟମ ଅବଧି (୧୧୫-୧୨୦ ଦିନ) ଉଚ୍ଚ ଅମଳକାରୀ ବିହନ ଯାହା ଜଳସେଚିତ ଜମିରେ ଚାଷ ପାଇଁ ବିକଶିତ କରାଯାଇଛି। ସେହିଭଳି ସି ଆର ଧାନ ୩୩୪ (ସତ୍ୟଦେବ) ଏକ ମଧ୍ୟମ ଅବଧି (୧୩୦-୧୩୫ ଦିନ) ଉଚ୍ଚ ଅମଳକାରୀ ଲମ୍ବା ପତଳା ପ୍ରିମିୟମ୍ ଗୁଣବତ୍ତାପୂର୍ଣ୍ଣ ଶସ୍ୟ। ସି ଆର ଧାନ ୩୩୫ (ଆଲୋକ) - ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ପରିବେଶ ପାଇଁ ବିକଶିତ କରାଯାଇଥିବା ବେଳେ ସି ଆର ଧାନ ୬୦୪ (କଳ୍ପନା) – ଯାହା ଅଙ୍କୁରିତ ହେବା ସମୟରେ କମ୍ ତାପମାତ୍ରା ଏବଂ ପ୍ରଜନନ ପର୍ଯ୍ୟାୟରେ ଉତ୍ତାପ ସହ୍ୟ କରିପାରୁଥିବା ଧାନ ଶୁଷ୍କ ଋତୁ (ଡାଲୁଆ) ଚାଷ ପାଇଁ ବିକଶିତ କରାଯାଇଛି। ସି ଆର ଧାନ ୭୦୫ (ଗଙ୍ଗା) - ଏହା ଏକ ଲମ୍ବା ପତଳା ଦାନା ସହିତ ମଧ୍ୟମ ଅବଧିର ଏକ ସଙ୍କର ଧାନ କିସମ, ଓଡ଼ିଶାର ଜଳସେଚିତ, ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ଏବଂ ସିଧା ଛଟା ବୁଣା ପରିବେଶ ପାଇଁ ବିକଶିତ କରାଯାଇଛି।

Office of the Principal
**Women's Degree College, Padampur**
Dist.: Bargarh, Pin: 768036
**Tender Call Notice**
Invited sealed quotation from reputed Firms/ Agency/ Vendors to supply IT equipments at the college office by post / by hand on or before Dt. 25.06.2025.
For more details visit https://www.wdcpadampur.com
Sd/- Principal

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar vide C.F. No.68, dated-19/06/2025, I, Rajas Sunil Kolhatkar, Son of Sunil Kolhatkar, permanent resident of C1-503, Kumar Shantiniketan, Baner Pashan Link Road, Pashan, Pune-411021, Maharashtra, have changed my name from Rajas Kolhatkar to Rajas Sunil Kolhatkar. Henceforth, I shall be known as RAJAS SUNIL KOLHATKAR for all purposes.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARHA, Ghatikia & K.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Salon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**NOTICE (for Minor)**
By virtue of an affidavit sworn before Executive Magistrate, BALASORE, dated 20/06/2025 I, UPENDRA KUMAR SINGH, Address HOUSE NO. 143, KUNWAR SINGH COLONY, PO/PS – CHAS, DISTRICT – BOKARO STEEL CITY, JHARKHAND - 827013 declare that I have changed the name of my son from AYANSH KUMAR to AYANSH SINGH. Henceforth, he shall be known as AYANSH SINGH for all purpose.
UPENDRA KUMAR SINGH

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
www.ireps.gov.in
PR-2001225-25

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar on 04/06/2025, I **Sanjaya Kumar Swain**, resident of 261/8, Near MKG College, PO- Mathakaragola, Dist- Dhenkanal, Odisha hereby affirm that in the School Records of my daughter **Sameeksha Swain** my name is wrongly recorded as **Sanjay Kumar Swain**. However, **Sanjaya Kumar Swain** and **Sanjay Kumar Swain** are same and one.

**AFFIDAVIT**
By virtue of an affidavit sworn before Executive Magistrate Danagadi, Dated: 25/3/25, I Ramuni Gagarai, Vill-Gadpur, P.O.-Khuruntí, P.S.-Kalinganagar, Dist.-Jajpur, declare that I have changed my daughter's name from Mini Gagrai, D/o Kanhu Badara, D.O.B.- 01.01.2010 Nandita Hembram, D/o- Kanhu Charan Hembram, D.O.B.- 28.10.2011 shall be known as Nandita Hembram, D/o- Kanhu Charan Hembram, D.O.B. 28/10/2011 for all purposes.

**AFFIDAVIT**
By the virtue of an affidavit sworn before Executive Magistrate ... I, **SWAYAAM CHOUDHURY** ... [illegible]

**AFFIDAVIT**
I **Nabeen Chandra Sahu**, aged about 59 years, S/o- Udayanath Sahu, resident of At- Monasa Building, Main Road, Near Uttareswar Temple, Brahmapur Sadar, Po- Gosaninuagam, Berhampur Sadar, Dist- Ganjam, PIN- 760003, Odisha declare by this Affidavit No. 510, dtd. 17/06/2025 I have changed my minor son's name from **Ashish Kumar Sahu** To **Aaish Kumar Sahu** for all future purposes.

**AFFIDAVIT**
I, Rajendra Kumar Swain, aged about 36 years, S/o- Surendra Swain, resident of At- Mousudha, PO- Mousudha Bazar, Via- Motto, Ps- Bansada, Dist- Bhadrak, PIN- 756132, Odisha declared by this affidavit No. 509, dtd- 17/06/2025 that now onwards I shall be known as **RAJENDRA SWAIN** for all future purposes.

# ଅବ୍ୟବସ୍ଥାରେ ବିଦ୍ୟାଳୟ

# ନାହିଁ ରୋଷେଇ ଘର କି ଜଳ ବିଶୋଧନ ଯନ୍ତ୍ର

ଦୋକଲ/ଧାମନଗର, ୨୦।୬(ସମିସ)

ଖରାଛୁଟି ପରେ ଧାମନଗରରେ ଆଜିଠାରୁ ବିଦ୍ୟାଳୟଗୁଡ଼ିକ ଖୋଲିଛି। ଝାଡ଼ାବାନ୍ତି ବ୍ୟାପିଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପିଲାମାନଙ୍କ ପାଇଁ ସ୍କୁଲ ବନ୍ଦ ଥିଲେ ବି ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସ୍କୁଲ ଆସିଥିଲେ। ପ୍ରଥମ ଦିନରେ ଶିକ୍ଷକମାନେ ଶ୍ରେଣୀଗୃହ ଓ ବିଦ୍ୟାଳୟ ପରିସର ସଫା ସୁତୁରା କରିଛନ୍ତି। ତା' ସହିତ ନଳକୂପ ପାଖ, ସଉଚାଗାର ଜାଗାରେ ବ୍ଲିଚିଂ ପାଉଡର ପକାଇଛନ୍ତି। ନଳ ସଫା କରାଯାଇଛି। ତା' ସହିତ ମଧ୍ୟାହ୍ନ ଭୋଜନ ପାଇଁ ଆସି ଗଚ୍ଛିତ ଥିବା ଚାଉଳ ଓ ରାସନ ସାମଗ୍ରୀର ମାନ ଯାଞ୍ଚ କରାଯାଇଛି। ଖରାପ ହୋଇଥିବା ଚାଉଳକୁ ଫିଙ୍ଗି ଦିଆଯାଇଛି। ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ସବୁ କାମ ହୋଇଥିବା ଶିକ୍ଷକ କହିଛନ୍ତି। ଧାମନଗର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଥିବାରୁ ସଫାସୁତୁରା ଓ ପରିମଳ ବ୍ୟବସ୍ଥାକୁ ଅଧିକ ଧ୍ୟାନ ଦିଆଯାଇଛି। ହେଲେ ଦୁର୍ବଳ ଭିତ୍ତିଭୂମି ଏହାକୁ ରୋକିବାରେ ସମର୍ଥ ହେବା ଆଶଙ୍କା ରହିଛି। ବ୍ଲକରେ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ମିଶି ୧୯୩ଟି ରହିଛି। ଏହା ଭିତରୁ ମାତ୍ର ୨୦ଟି ସ୍କୁଲରେ ଜଳ ବିଶୋଧନ ଯନ୍ତ୍ର ବା ଫିଲଟର ଲାଗିଛି। ବାକି ସବୁ ସ୍କୁଲର ପିଲା ନଳକୂଅ, ହ୍ୟାଣ୍ଡପମ୍ପ ବା ନଳ ପାଣି ପିଉଛନ୍ତି। ବନ୍ୟା ଅଞ୍ଚଳ ଓ ବର୍ଷା ହେଉଥିବାରୁ ଦୂଷିତ ପାଣି ଆସିବା ଆଶଙ୍କା ରହିଛି। ଗୋଟିଏ ପଟେ ଝାଡ଼ାବାନ୍ତି ବ୍ୟାପିଛି। ଆଉପଟେ ସ୍କୁଲଗୁଡ଼ିକରେ ଆକ୍ୱାଗାର୍ଡ ବା ଫିଲଟର ଲଗାଯାଇନାହିଁ। ଯାହା ଫଳରେ ପିଲାଙ୍କୁ ଝାଡ଼ାବାନ୍ତି ହେବା ଆଶଙ୍କା ରହିଛି।



ଖାଲି ଏତିକି ନୁହେଁ, ୧୪୩ଟି ସ୍କୁଲରେ ବାଉଣ୍ଡରି ୱାଲ ନାହିଁ। କେଉଁଠି ଗଛକାଟରେ ବାଡ଼ ହୋଇଛି ତ କେଉଁଠି ଫାଙ୍କା ପଡ଼ିଛି। ସେହିପରି ୨୪ଟି ସ୍କୁଲରେ ରୋଷେଇ ଘର ନଥିବାରୁ ପଦାରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଏ। ଖୋଲା ଆକାଶ ତଳେ ମଧ୍ୟାହ୍ନ ଭୋଜନ କରାଯାଉଥିବାରୁ ପୋକଜୋକ ପଡ଼ି ଖାଦ୍ୟ ବିଷାକ୍ତ ହେବା ସହ ପିଲାଙ୍କ ପ୍ରତି ବିପଦ ରହିଛି। ଏହାବାଦ୍ ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ ବି ଅଭାବ ଅଛନ୍ତି। ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁସାରେ ୧୯୩ ସ୍କୁଲରେ ୭୭୦ ଜଣ ଶିକ୍ଷକ ରହିବା କଥା। ସରକାରଙ୍କ ନିୟମ କହୁଛି, ପ୍ରଥମରୁ ପଞ୍ଚମ ଯାଏ ପ୍ରତି ୩୦ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ଏବଂ ଷଷ୍ଠରୁ ଅଷ୍ଟମ ଯାଏ ପ୍ରତି ୩୫ ଜଣ ପିଲାଙ୍କୁ ଜଣେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ। ହେଲେ ଏପ୍ରିଲ ମାସର ତଥ୍ୟ ଅନୁସାରେ ଧାମନଗରରେ ୬୭୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ଗତ ମେ ମାସରେ କିଛି ଅବସର ନେଇଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଏବେ ୧୧ଟି ସ୍କୁଲରେ ୧୪ ଜଣ ଶିକ୍ଷକ ପଦ ଖାଲି ପଡ଼ିଛି। ୧୭ଟି ସ୍କୁଲରେ ୩ରୁ ଅଧିକ ଶିକ୍ଷକ ପଦ ଫାଙ୍କା ରହିଛି। ପ୍ରଶାସନିକ ଅବହେଳା ଯୋଗୁଁ ୯ଟି ସ୍କୁଲରେ ଆବଶ୍ୟକଠାରୁ ଅଧିକ ଶିକ୍ଷକ ଅଛନ୍ତି। ଅପର ପକ୍ଷରେ ଗୋଟିଏ ଗୋଟିଏ ସ୍କୁଲ ଜଣେ କି ଦି ଜଣ ଶିକ୍ଷକରେ ବି ଚାଲିଛି। ତେବେ ଏନେଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁଙ୍କୁ ପଚାରିବାରୁ, ବିଦ୍ୟାଳୟର ସମସ୍ୟା ନେଇ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଗଣଶିକ୍ଷା ବିଭାଗକୁ ଅବଗତ କରାଯାଇଛି।

## ବିଇଓଙ୍କ ବିଦ୍ୟାଳୟ ପରିଦର୍ଶନ



ବାରିକପୁର, ୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଥିବାରୁ ବିଦ୍ୟାଳୟ ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ଦାଶ ବିଭିନ୍ନ ବିଦ୍ୟାଳୟକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ଆଖୁଆପଦା, ପୁରୀପଡ଼ା, ବିଷ୍ଣୁପୁର ପ୍ରମୁଖ ବିଦ୍ୟାଳୟ ଗୁଡ଼ିକରେ ପହଞ୍ଚି ବିଦ୍ୟାଳୟ ଖୋଲିବା ନେଇ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଏହାଛଡ଼ା ବିଦ୍ୟାଳୟ ସଂଲଗ୍ନ ଗାଁକୁ ଯାଇ କିଛି ଅଭିଭାବକଙ୍କୁ ସାକ୍ଷାତ କରି ଡାଇରିଆ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିବା ବେଳେ ଓଆର୍ଏସ ମଧ୍ୟ ବଣ୍ଟନ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ପ୍ରତିଭା ଦାସ, ବୈଶାଖୀ ବଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଛାତ୍ର ସଂଘ ପକ୍ଷରୁ ବିକ୍ଷୋଭ



ଭଦ୍ରକ, ୨୦।୬(ସମିସ): ରାଜ୍ୟରେ ମାତ୍ରାଧିକ ବୃଦ୍ଧି ପାଉଥିବା ଗଣଦୁଷ୍କର୍ମ ଓ ମହିଳା ବିରୋଧୀ ହିଂସାକୁ ବିରୋଧ କରି ଭଦ୍ରକ ଏସ୍ଏଫଆଇ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ ଛାତ୍ର ସଂଘ ଭଦ୍ରକ ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଖିଳ ଭାରତ ଛାତ୍ର ସଂଘ ଏପରି ଅଭିଯୋଗ ଆଣିବା ସହିତ ରାଜ୍ୟରେ ନାରୀ ନିର୍ଯାତନା ବନ୍ଦ କରନ୍ତୁ ନଚେତ ମୁଖ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେବାକୁ ସଂଘ ଦାବି କରିଛି। ସରକାର ପୂର୍ଣ୍ଣ ଉତ୍ତର ପାଳନ କରୁଥିବା ବେଳେ ଏଯାବତ୍ ମହିଳା କମିସନ ନିଯୁକ୍ତି କରିନଥିବା ହାସ୍ୟାସ୍ପଦ ବୋଲି କହିଛି ସଂଘ। ରାଜ୍ୟରେ ଚାଲିଥିବା କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ବନ୍ଦ ନହେଲେ ଆନ୍ଦୋଳନ ତୀବ୍ର ହେବାର ସଂଘ ଦାବି କରିଛି। ଏଥିନେଇ ଏକ ଅଭିଯୋଗ ପତ୍ର ସଂଘ ପକ୍ଷରୁ ଭଦ୍ରକ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ସଭାପତି ମନୋରଞ୍ଜନ ରାଉତ ଓ ଜିଲ୍ଲା ସହ ସମ୍ପାଦକ ରୁଚିସ୍ମିତା ବାରିକ ନେତୃତ୍ୱ ନେଇଥିଲେ।

## ମାନବାଧିକାର କର୍ମୀଙ୍କ ସ୍ମୃତି ସମାରୋହ

ଭଦ୍ରକ, ୨୦।୬(ସମିସ): ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ସ୍ମୃତିରେ ତାଙ୍କ ଜନ୍ମମାଟି ତଳଗୋପବିନ୍ଧା ଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ସମ୍ପାଦକ ଜଗନ୍ନାଥ କରଙ୍କ ସଭାପତିତ୍ୱରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱର୍ଗତ ତ୍ରିପାଠୀଙ୍କର ବହୁମୁଖୀ ସମାଜିକ କାର୍ଯ୍ୟାବଳି ସମ୍ପର୍କରେ



ଆଲୋକପାତ କରିଥିଲେ। ଉକ୍ତ ସଭାରେ ସାହିତ୍ୟିକ ମନୋଜ ମହାପାତ୍ର, ସୁସାହିତ୍ୟିକ ଡ. ହୃଦାନନ୍ଦ ପାଣିଗ୍ରାହୀ, କାବ୍ୟଚନ୍ଦ୍ର ସାରଥି ପଣ୍ଡା, କବି ମନୋଜ ପଣ୍ଡା, ମଞ୍ଚ କଳାକାର କାଳନ୍ଦୀ ମଳିକ, ନାରାୟଣ ତ୍ରିପାଠୀ, ବିଦ୍ୟୁତ୍‌ଲତା ନାୟକ, ପ୍ରତାପ ଜେନା, ଦେବେନ୍ଦ୍ର ପୁହାଣ, ସୁରେନ୍ଦ୍ରନାଥ ମିଶ୍ର ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମଟିକୁ ସୀତାକାନ୍ତ ତ୍ରିପାଠୀ, ଇତିଶ୍ରୀ ତ୍ରିପାଠୀ ପରିଚାଳନା କରିଥିଲେ। ସତ୍ୟାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପୁତ୍ରଙ୍କ ପରଲୋକ



ଭଦ୍ରକ, ୨୦।୬(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର କେନ୍ଦୁଆପଦା ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କର ୮୧ ବର୍ଷ ବୟସରେ କଟକ ବଡ଼ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ କେନ୍ଦୁଆପଦା ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଯଦୁନାଥ ସ୍ୱାଇଁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ରେଳବାଇ ଚାକିରିରୁ ପ୍ରାୟ ୨୦ବର୍ଷ ତଳେ ଅବସର ନେଇ ସମ୍ପ୍ରତି ପରିବାର ସହ କେନ୍ଦୁଆପଦା କଲେଜ ସାମ୍ନାରେ ପୁଅ କମଳ ଓ ବୋହୂ କେନ୍ଦୁଆପଦା କଲେଜର ପ୍ରାକ୍ତନ ଅଧ୍ୟକ୍ଷା ଅଞ୍ଜଳିଙ୍କ ଘରେ ସ୍ୱାସ୍ଥ୍ୟାବସ୍ଥା କାରଣରୁ ରହୁଥିଲେ। ତାଙ୍କର ମରଶରୀର କଟକରୁ ଆସି ପ୍ରଥମେ ସେ ରହୁଥିବା ବାସସ୍ଥାନରେ ପହଞ୍ଚି ଗ୍ରାମରେ ଥିବା ବାସଭବନକୁ ଯାଇଥିଲା। ସେଠାରେ ପତ୍ନୀ ବସନ୍ତ ମଞ୍ଜରୀ, ପୁତ୍ର କିଶୋର, କମଳ, କଜ୍ୱଳ, କୁନ୍ତଳ, କିରଣ, କଲ୍ଲୋଳ, ପ୍ରବାଳ ଓ ସମସ୍ତ ପୁତ୍ରବଧୂ, ନାତି, ନାତୁଣୀ ଓ ଆତୀୟ ସ୍ୱଜନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନକରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପୂର୍ବକ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର କିଶୋର ମୁଖାଗ୍ନି ଦେଇଥିଲେ।

## ରାସ୍ତା ଉପରେ ଚିପ୍ସ ବାଲି ଗଦା

## ଆସିପାରୁନି ଅଗ୍ନିଶମ ଗାଡ଼ି

ଧାମନଗର, ୨୦।୬(ସମିସ): ଧାମନଗର ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଯାତାୟାତ ନିମନ୍ତେ ସରକାରଙ୍କ ପକ୍ଷରୁ କଂକ୍ରିଟ କରାଯାଇଛି। ହେଲେ ଉକ୍ତ କଂକ୍ରିଟ ଉପରେ ଏକ ଘରୋଇ କାର୍ଯ୍ୟ ପାଇଁ ଚିପ୍ସ ବାଲି ଗଦା ହେବା ଏବଂ ଗାଡ଼ି ପାର୍କିଂ ଯୋଗୁଁ ଦମକଳ ଯାଇ ଆସିପାରୁନି। ଅଧିକାଂଶ ସମୟରେ ବିଭିନ୍ନ ଦଳ ଓ ସଙ୍ଗଠନ ପକ୍ଷରୁ ଏଠାରେ ଧାରଣା, ଆନ୍ଦୋଳନ ସହ ସଭା ସମିତି ମଧ୍ୟ ହୋଇଥାଏ। ଏହି ରାସ୍ତାବାଟେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଧାବଲ୍ଲଭପୁର ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ, ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ, ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ, ଶିଶୁ ପାର୍କ ଓ ଏଥି ସହିତ ଆହାର କେନ୍ଦ୍ର ରୋଷଶାଳକୁ ଯାତାୟାତ ହୋଇଥାଏ। କିନ୍ତୁ ସବୁଠାରୁ ଗୁରୁତ୍ୱ ହେଲା ଏହି ବାଟେ ଆପାତକାଳୀନ ସ୍ଥିତିରେ ଦମକଳ କେନ୍ଦ୍ରରୁ ଗାଡ଼ି ମଧ୍ୟ ବାହାରିଥାଏ। ମାତ୍ର ବର୍ତ୍ତମାନ ଏହା ଜବରଦଖଲକାରୀଙ୍କ କବଜାରେ। ବ୍ଲକ ଓ ତହସିଲକୁ ଆସୁଥିବା ବଡ଼ବଡ଼ୁଆ ବାବୁ ମାନେ ଏଠାରେ ଚାରିଚକିଆ ଗାଡି ରଖି ରାସ୍ତା ଅବରୋଧ କରିଥାନ୍ତି।



ଏହା ବର୍ତ୍ତମାନ ମୋ ବସ ଷ୍ଟାଣ୍ଡ ଓ ଏଥି ସହିତ ଗୃହ ନିର୍ମାଣ ସାମଗ୍ରୀ ମହଜୁଦସ୍ଥଳି ପାଲଟିଛି। ବେଳେ ବେଳେ ଅତି ବିପଦ ସମୟରେ ଏଠାରେ ଦମକଳ ଗାଡ଼ି ବାହାରିଯିବାକୁ ସମୟ ଲାଗେ। ଏଭଳି ଜରୁରୀ ସେବା କେନ୍ଦ୍ର ସମ୍ମୁଖରେ ଅଯଥା ଟ୍ରାଫିକ ସମସ୍ୟା ପ୍ରତି ଲୋକମାନେ ସଚେତନ ହେବା ଜରୁରୀ ଏବଂ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ ସହ ଦାବି କରିଛନ୍ତି।

## ଝାଡ଼ାବାନ୍ତି ଅଞ୍ଚଳରେ ପଞ୍ଚାୟତିରାଜ ନିର୍ଦ୍ଦେଶକ

ବାରିକପୁର, ୨୦।୬(ସମିସ): ଭଣ୍ଡାରିପୋଖରୀ ଅଞ୍ଚଳରେ ଝାଡ଼ା ବାନ୍ତି ବ୍ୟାପୁଥିବା ବେଳେ ପ୍ରଶାସନ ପକ୍ଷରୁ ଏଥିପାଇଁ ଘନଘନ କ୍ଷେତ୍ର ପରିଦର୍ଶନ କରାଯାଉଛି। କେତେବେଳେ ସ୍ୱାସ୍ଥ୍ୟ ବିଭାଗ ତ ପୁଣି କେତେବେଳେ ପାନୀୟ ଜଳ ବିଭାଗ ଅଧିକାରୀମାନେ ଆକ୍ରାନ୍ତ ଅଞ୍ଚଳକୁ ଯାଇ ସ୍ଥିତି ପରଖୁଛନ୍ତି।



ଇତିମଧ୍ୟରେ ଡାଇରିଆରେ ଆକ୍ରାନ୍ତ କିଛି ବ୍ୟକ୍ତି ସୁସ୍ଥ ହୋଇଥିବା ବେଳେ ଆହୁରି କିଛି ଭଣ୍ଡାରିପୋଖରୀ ଓ ଯାଜପୁର ମେଡିକାଲ ଠାରେ ଚିକିତ୍ସିତ ହେଉଛନ୍ତି। ଏହାକୁ ଲକ୍ଷ୍ୟକରି ସରକାରଙ୍କ ପଞ୍ଚାୟତ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ନିତିନ ଭରଦ୍ୱାଜ ଷୋଳମପୁର ପଞ୍ଚାୟତର ତିଖିଲିଆ ଓ ଦାଣ୍ଡକୂଳ ଗାଁ ପରିଦର୍ଶନ କରିଥିଲେ। ସେଠାରେ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଥିବା ପରିବାର ବର୍ଗଙ୍କୁ ଭେଟି ବିଭିନ୍ନ ଆଲୋଚନା କରିଥିବା ବେଳେ ନଳକୂପ ପାଣିର ସ୍ୱଚ୍ଛତାକୁ ନେଇ ସମୀକ୍ଷା କରିଥିଲେ। ଏଥିରେ ବିଡିଓ ଦେବଦତ୍ତ ଦାସ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବହରି ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ମୁକୁଳ ଚନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ଦିବାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ପିଙ୍କୁ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧନା



ଧାମନଗର, ୨୦।୬(ସମିସ): ଜିଲ୍ଲା ନୂତନ ଭାବେ ଯୋଗ ଦେଇ ଥିବା ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ ଭଦ୍ରକ ଜିଲ୍ଲା ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତା। ଏଥିରେ ରାଜ୍ୟ ଓଷ୍ଟାର କାର୍ଯକାରୀ ସଦସ୍ୟ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା, ଓଷ୍ଟାର ଜିଲ୍ଲା ଉପସଭାପତି ଶିକ୍ଷକ ପର୍ଶୁରାମ ପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ଶିକ୍ଷକ ପ୍ରଶାନ୍ତ ମିଶ୍ର, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ଭଦ୍ରକ ବ୍ଲକ ଓଷ୍ଟାର ସଭାପତି ଦିପ୍ତିମୟୀ ସାହୁ, ପ୍ରାକ୍ତନ ଜିଲ୍ଲା ଯୁଗ୍ମ ସମ୍ପାଦିକା ପିଙ୍କି ପ୍ରୀୟଦର୍ଶିନୀ ପଣ୍ଡା, ଭଣ୍ଡାରିପୋଖରୀ ବ୍ଲକ ଉପସଭାପତି ରବୀନ୍ଦ୍ର ମହାରଣା, ମଧୁସୂଦନ ମହାନ୍ତି, ଶ୍ୟାମସୁନ୍ଦରପୁର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଉଦ୍‌ଯାପିତ ହେଲା 'ଆମ ଗାଁ ରଜ ମହୋତ୍ସବ'

ଅସୁରାଳି, ୨୦।୬(ସମିସ): ଗୋବିନ୍ଦପୁର ବଜାରରେ ଜୟ ଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ 'ଆମ ଗାଁ ରଜ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କୁନି ତାରକା ନିଜର ପ୍ରତିଭା ପ୍ରଦର୍ଶନ କରାଇଥିଲେ। ଏହା ଛଡ଼ା ଅନ୍ୟାନ୍ୟ ପ୍ରତିଯୋଗିତା ତଥା ବକ୍ତୃତା, ଝୋଟି, ମୁରୁଜ ଆଦି ଅନୁଷ୍ଠିତ ହୋଇଥିଲା। ପୁଣି ରଜ ପାନ କୁ ରଜ ପିଠା ଆଉ ଦୋଳି ଛୋଟ ଛୋଟ ପିଲାମାନଙ୍କୁ ଆକୃଷ୍ଟ କରିଥିଲା। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ସମାଜସେବୀ ବ୍ରଜକିଶୋର ଦାସ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଫକୀର ମୋହନ ଜେନା, ସମ୍ମାନିତ ଅତିଥି ଭାବେ ଏବିଓ ସତ୍ୟସୁନ୍ଦର ପରିଡ଼ା, ନିର୍ମଳ ସେଠୀ, ଶିକ୍ଷାବିତ୍ ନିଧିରାମ୍ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ସଭା ସଞ୍ଚାଳନ କରିଥିଲେ ଶିକ୍ଷାବିତ୍ ପଣ୍ଡିତ ସୁବାସ ବାରିକ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ ବିଷ୍ଣୁ ମୋହନ ଜେନା, ଅମୂଲ୍ୟ ପାଣଗ୍ରାହୀ,



ବିଦ୍ୟାଧର ବସନ୍ତିଆ, ଚନ୍ଦ୍ରମଣି ଜେନା, ପ୍ରଫୁଲ୍ଲ ଜେନା ପ୍ରମୁଖ। ଏହି ରଜ ମହୋତ୍ସବରେ ଦୁଇ ଦିନ ଧରି ସଙ୍ଗୀତ ଗୁରୁ ତ୍ରିଲୋଚନ ସ୍ୱାଇଁଙ୍କ ଟିମ୍ ସଙ୍ଗୀତ ମାଧ୍ୟମରେ ଲୋକମାନଙ୍କୁ ବିମୋହିତ କରିଥିଲା। ଅବସର ପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ବସନ୍ତିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗବେଷଣା ପାଇଁ ଜର୍ମାନୀ ଯିବେ ଆଶୁତୋଷ



ବାରିକପୁର, ୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଶୋଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଜେନା ଓ ପଦ୍ମିନୀ ଜେନାଙ୍କ ସୁପୁତ୍ର ଆଶୁତୋଷଙ୍କୁ କେରଳ କୃଷିବିଜ୍ଞାନ ବିଶ୍ୱବିଦ୍ୟାଳୟ ତତଫରୁ ବିଦେଶରେ ଗବେଷଣା ପାଇଁ ସୁଯୋଗ ମିଳିଛି। ସେ ଜଷ୍ଟସ ଲିବିଗ ୟୁନିଭର୍ସିଟି, ଗ୍ଲିସେନ୍, ଜର୍ମାନୀରେ ତିନି ମାସ ଧରି ପୂର୍ଣ୍ଣରୂପେ କୃଷି ବାବଦୀୟ ଗବେଷଣା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ସୁଯୋଗ ଭାରତ ସରକାର ଓ ଶିକ୍ଷା ମନ୍ତ୍ରାଳୟଙ୍କ ଦ୍ୱାରା ପ୍ରାୟୋଜିତ ସ୍ପାର୍କର ତୃତୀୟ ପର୍ଯ୍ୟାୟ ପ୍ରକଳ୍ପ ଅନ୍ତର୍ଗତ ବୋଲି ଜଣାପଡ଼ିଛି। ସେଠାରେ ସେ ଏକ ଅତ୍ୟାଧୁନିକ ବିଷୟ ମେସିନ୍ ଲର୍ଣ୍ଣିଂ ଦ୍ୱାରା ବନ୍ୟା ଏବଂ ଖରା ସମ୍ଭାବନା ବିଶ୍ଳେଷଣ ଓ ଅନୁମାନ ଦିଗରେ ଗବେଷଣା କରିବେ।

● ପ୍ରସ୍ତାବିତ ବିଜ୍ଞାପିତ ଅଞ୍ଚଳ

## କଞ୍ଚନପୁର ଗ୍ରାମକୁ ବାଦ ଦେବାକୁ ଦାବି

ତିହିଡ଼ି, ୨୦।୬(ସମିସ): ତିହିଡ଼ି ସଦରମହକୁମା ଭାଟପଡ଼ା ପଞ୍ଚାୟତ ଓ ଏହାର ଆଖପାଖ ପଞ୍ଚାୟତର କେତେକ ଗ୍ରାମକୁ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ ବା ଏନଏସି କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ତେବେ ଏହି ପ୍ରସ୍ତାବରେ ମୁକୁନ୍ଦପୁର ପଞ୍ଚାୟତର ୱାର୍ଡ଼ ନମ୍ବର ୨ କଞ୍ଚନପୁରକୁ ସାମିଲ କରାଯାଇଥିବାରୁ ଏହାକୁ ସମ୍ପୃକ୍ତ ୱାର୍ଡ଼ର ଅଧିବାସୀମାନେ ବିରୋଧ କରିଛନ୍ତି। କଞ୍ଚନପୁରର ଅର୍ଦ୍ଧାଧିକ ଭୋଟର ଚଉଁରୀ ଗ୍ରାମର ଅଟନ୍ତି। ଚଉଁରୀ ଗ୍ରାମଟି ମୁକୁନ୍ଦପୁର ରାଜସ୍ୱ ଗ୍ରାମରେ ଅବସ୍ଥିତ। ଏଣୁ ସେମାନେ ତିହିଡ଼ି ଏନଏସି ପରିବର୍ତ୍ତେ ମୁକୁନ୍ଦପୁର



ପଞ୍ଚାୟତରେ ପୂର୍ବପରି ଅନ୍ତର୍ଭୁକ୍ତ ହୋଇ ରହିବାକୁ ଚାହାଁନ୍ତି। କଞ୍ଚନପୁର ଗ୍ରାମର ଅଧିକାଂଶ ଜୀବନଜୀବିକା କୃଷି, ପନିପରିବା ଓ ଫଳଚାଷ ଉପରେ ନିର୍ଭରଶୀଳ। ଏହି ଅଞ୍ଚଳ ଏନଏସିରେ ସାମିଲ ହେଲେ ପ୍ରାକୃତିକ ପରିବେଶ ନଷ୍ଟ ହେବା ସହ ଲୋକଙ୍କ ଜୀବିକା ଉପରେ ପ୍ରଭାବ ପଡ଼ିବ ବୋଲି ଗ୍ରାମବାସୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ରବିନାରାୟଣ ତିଆଡ଼ି, ରତିକାନ୍ତ ଦାସ, ପ୍ରଫୁଲ ପଣ୍ଡା, ହୃଷୀକେଶ ପାଢ଼ୀଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ସେମାନଙ୍କର ଦାବିପତ୍ର ତିହିଡ଼ି ତହସିଲଦାରଙ୍କ ମାଧ୍ୟମରେ ଜିଲାପାଳଙ୍କୁ ପଠାଇଛନ୍ତି। କଞ୍ଚନପୁରକୁ ବାଦ ଦିଆନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବରପୁତ୍ର ଐତିହ୍ୟ ଗ୍ରାମ ହେଲା ତାଳପଦା ଓ ପୁରୁଷଣ୍ଡ

ତିହିଡ଼ି, ୨୦।୬(ସମିସ): ଭଦ୍ରକ ଜିଲାର କାନ୍ତକବିଙ୍କ ଜନ୍ମମାଟି ତିହିଡ଼ିର ତାଳପଦା ଓ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଆଗରପଡ଼ାର ପୁରୁଷଣ୍ଡକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରଠାରେ ଆଜି ଅପରାହ୍ନରେ ଏହି ଯୋଜନାର ଶୁଭାରମ୍ଭ ଘୋଷଣା କରିଛନ୍ତି। ଏହି ଅବସରରେ ତାଳପଦା ସ୍ଥିତ



କାନ୍ତକବି ସ୍ମୃତି ପୀଠରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅବନ୍ତୀ ଦାସ, ବିଜେପିର ବରିଷ୍ଠ ନେତା ଦୀନବନ୍ଧୁ ପତି, ସମିତି ସଭ୍ୟ ଆଡଭୋକେଟ ଚିନ୍ତାମଣି ଦାସ, କାନ୍ତକବିଙ୍କ ନାତି ବାଣୀକଲ୍ୟାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମୋଦିଙ୍କ ବକ୍ତବ୍ୟ ଶୁଣିଥିଲେ। କାନ୍ତକବି ମଣ୍ଡଳର ସଭାପତି ସରୋଜ ନାୟକ, ଯୁବ ସଭାପତି ଯଜ୍ଞଦତ୍ତ ପତି, ତାପସ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● କୋଇଲା ଗାଡ଼ି ଭାଙ୍ଗିଦେଲା ଫାଟକ ଓ ପ୍ରାଚୀର

## ୧୮ ଦିନ ବିତିଲାଣି; କାର୍ଯ୍ୟାନୁଷ୍ଠାନ ହେଉନି

ତିହିଡ଼ି, ୨୦।୬(ସମିସ): ତିହିଡ଼ି ବ୍ଲକର ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟର ପ୍ରାଚୀର ଭଙ୍ଗା ଘଟଣାକୁ ୧୮ ଦିନ ବିତି ଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଚଳିତ ମାସ ୩ ତାରିଖ ସକାଳେ ମହାବିଦ୍ୟାଳୟର ପ୍ରାଚୀର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଥିଲା। ରାତ୍ରିରେ ଯା'ଆସ କରୁଥିବା ଚୋରା କୋଇଲା ଗାଡ଼ି ଏହି କାଣ୍ଡ ଘଟାଇଥିବା କେତେକ ସେତେବେଳେ ଆଲୋଚନା କରିବାର ଶୁଣାଯାଇଥିଲା। ତେବେ ମହାବିଦ୍ୟାଳୟର ଅଧକ୍ଷ ଅମୂଲ୍ୟ କୁମାର ପରିଡ଼ା ଘଟଣା ସମ୍ପର୍କରେ ଜାଣିବା ପରେ ଏ ନେଇ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିପରି ଭାଙ୍ଗିଲା ଓ କିଏ ଭାଙ୍ଗିଲା ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଜାଣିବା ପାଇଁ ଅଧକ୍ଷଙ୍କ ସହ ଆଜି ଯୋଗାଯୋଗ କରାଯାଇଥିଲା। ସେ ଦୁଇଥର ଥାନାକୁ ଯାଇଛନ୍ତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ଏ ନେଇ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ସହ 'ଆମେ ଘଟଣାସ୍ଥଳ ବୁଲି ଦେଖିଛୁ। ତେବେ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ଅନ୍ୟ ଏକ ଅପରାଧରେ ଫେରାର ଅଛି। ସେ ବ୍ୟକ୍ତି ଆସିଲେ ତା' ନିକଟରୁ କ୍ଷତିପୂରଣ ଆଦାୟ କରାଯିବ। ଏହି ମାମଲା ମଧ



ଥାନାରେ ଜାମିନଯୋଗ୍ୟ।' ବୋଲି ପ୍ରତିକ୍ରିୟାରେ କହିଛନ୍ତି ଥାନା ଅଧିକାରୀ। ଯେଉଁମାନେ ପ୍ରାଚୀର ଭାଙ୍ଗିଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହେଉଛି।

## ବାଡ଼ ବଳୟ ମଧ୍ୟରେ ନଳକୂପ

## ପିଇବା ପାଣି ପାଇଁ ତହସିଲ ଆଗରେ ଧାରଣା

ବାସୁଦେବପୁର, ୨୦।୬(ସମିସ)

ବାହୁବଳୀଙ୍କ କବଜାରେ ଦଧିବାମନପୁର ବନ୍ଧସାହିର ସରକାରୀ ନଳକୂପ। ଦିନେ ନୁହେଁ କି ମାସେ ନୁହଁ। ଏକ ବର୍ଷ ଧରି ନଳକୂପ ଆଗରେ ପଡ଼ିଛି ବାଡ଼। ପିଇବା ପାଣି ପାଇଁ ଅଗଭୀର ମନ୍ତେଇ ନଦୀ ଭରସା। ପୁଲିସ ଓ ସ୍ଥାନୀୟ ପ୍ରଶାସନ ନିଦାବିଷ୍ଣୁ ସାଜିଛନ୍ତି। ଏକ ବର୍ଷ ପୂର୍ବରୁ ସରକାର ଉତ୍ସବରେ ମାତିଥିବା ବେଳେ ଭଦ୍ରକ ଜିଲ୍ଲାର କଲେରା ଝାଡାବାନ୍ତି ଲୋକମାନଙ୍କ ନିଦ ହଜାଇ ଦେଇଛନ୍ତି। ପ୍ରଶାସନିକ ଅଧିକାରୀ ସହର, ବଜାର ଜଳଖିଆ ଦୋକାନ ଉପରେ ଚଢ଼ଉ କରି ଦାଉ ସାଜୁଛନ୍ତି। ହେଲେ ଏକ ବର୍ଷ ଧରି ଏକ



ରାଜନୈତିକ ଦଳ ଲୋକ ବାହୁବଳୀ ସାଜି ପଠରୁ ଉର୍ଦ୍ଧ୍ୱ ପରିବାରକୁ ପିଇବା ପାଣି ପାଇଁ ଏକମାତ୍ର ଭରସା ନଳକୂପ ଚାରିପାଖରେ ବାଡ଼ ପକାଇ ଅବରୋଧ କରିଛନ୍ତି। ଏହାକୁ ସମାଧାନ କରିପାରୁନାହାନ୍ତି। ସମାଜରେ ବଞ୍ଚିବା ପାଇଁ ମୌଳିକ ଅଧିକାରରୁ ବଞ୍ଚିତ ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର ବନ୍ଧସାହିର ଗ୍ରାମବାସୀ। ଏକ ବର୍ଷ ଧରି ପ୍ରଶାସନ ପାଖରେ ଗୁହାରୀ କରି କରି ନିରାଶ ହେବା ପରେ ନ୍ୟାୟ ପାଇଁ ବାସୁଦେବପୁର ତହସିଲଦାରଙ୍କ ଅଫିସ ଆଗରେ ମହିଳା ଓ ପୁରୁଷ ଧାରଣା ଦେଇଛନ୍ତି। ପାଖ ମନ୍ଦିରକୁ ବାସନ୍ଦ କରାଯାଇଛି ଏହି ପରିବାରଙ୍କୁ। ବିଶୁଦ୍ଧ ପିଇବା ପାଣି ଦାବିକରି ମହିଳାମାନେ ବସିଛନ୍ତି ଧାରଣାରେ। ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି ସେ ନାୟକାଣୀଡିହି ଥାନା ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ତୁରନ୍ତ ସରକାରୀ ନଳକୂପ ପାଖରୁ ବାଡ଼ ହଟାଇ ପାଣି ଦେବାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଆଗାମୀ ତିନିଦିନରେ ଅଧିକାରୀ ନ୍ୟାୟ ଦେବାର ବିଫଳ ହେଲେ ତହସିଲ ଆଗରେ ଆମରଣ ଅନଶନ କରିବାକୁ ଗ୍ରାମବାସୀ ଧମକ ଦେଇଛନ୍ତି।

# ରେଜାଙ୍ଗଲା ସହିଦ ରଥକୁ ସ୍ୱାଗତ

ଧାମନଗର,୨୦।୬(ସମିସ): ବିଜୁ ପଟ୍ଟନାୟକ ଛକଠାରେ ଯାଦବ ମହାସଭା ଧାମନଗର ବ୍ଲକ ପକ୍ଷରୁ ରେଜାଙ୍ଗଲା ମାଟିର ସହିଦମାନଙ୍କୁ ସ୍ମରଣ ପାଇଁ କଳସ ଶୋଭାଯାତ୍ରା ଓ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦେଶବ୍ୟାପୀ ପରିଭ୍ରମଣ କରୁଥିବା ଏହି କଳସ ଶୋଭାଯାତ୍ରା ରଥକୁ ଧାମନଗର ଠାରେ ସ୍ୱାଗତ କରାଯିବା ସହିତ ଜିଲ୍ଲା ଶେଷସୀମା ଆନନ୍ଦପୁର ପର୍ଯ୍ୟନ୍ତ କଳସ ରଥକୁ ନିଆଯାଇଥିଲା। ସେଠାରେ ଯାଦବ ମହାସଭାର ଶତାଧିକ ଯାଦବ ବନ୍ଧୁମାନେ କଳସ ରଥକୁ ପାଛୋଟି ନେଇଥିଲେ। ଏଥିରେ ରାଷ୍ଟ୍ରୀୟ ସଂଯୋଜକ କିରଣ ଯାଦବ, ରାଜ୍ୟ ଯୁବ ଯାଦବ ସଭାପତି ଅମର ନାୟକ, ଜିଲ୍ଲା ଯାଦବ ସଭାପତି ନାଟ୍ୟକାର ଡ.ସୁଧାଂଶୁ ଶେଖର ନାୟକ, ଜିଲ୍ଲା ଯୁବ ଯାଦବ ସଭାପତି ରବି ନାରାୟଣ ଖିଲାର ନେତୃତ୍ୱ ନେଇଥିଲେ। ଧାମନଗର ଯାଦବ ମହାସଭାର ସଭାପତି ସୁବାସ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଅନିଲ ବାରିକ, ସାଧାରଣ ସମ୍ପାଦକ କୁଳମଣି ବେହେରା, ମାଧବ ଚନ୍ଦ୍ର ଖଟୁଆ, ରାଜୀବ ଲୋଚନ ଦାସ, କ୍ଷେତ୍ରବାସୀ ବାରିକ, ଅଧର ପରିଡ଼ା, ନାରାୟଣ ବାରିକ, ବିଶ୍ୱନାଥ ବେହେରା, ତପନ ବେହେରା, ରାଜେନ୍ଦ୍ର ବେହେରା, ମାନ ଗୋବିନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ ରୂପାୟନରେ ସହଯୋଗ କରିଥଲେ।

# ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ବାସୁଦେବପୁର,୨୦।୬(ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ବାସୁଦେବପୁର ବ୍ଲକ ଓ ପୌରପାଳିକାର ବିଭିନ୍ନ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ବିପର୍ଯ୍ୟୟର ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ସମୁଦ୍ର ଉପକୂଳ ଅଞ୍ଚଳର ବନ୍ୟା ଓ ବାତ୍ୟା ଲାଗି ରହୁଥିବାରୁ ବିପର୍ଯ୍ୟୟ ଋତୁର ଅବ୍ୟାହିତ ପୂର୍ବରୁ ଏହି ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ବାତ୍ୟା ଆଶ୍ରୟସ୍ଥଳୀର ଟାସ୍କଫୋର୍ସ ସଭ୍ୟସଭ୍ୟା, ମିଶନ ଶକ୍ତିର ସଦସ୍ୟମାନଙ୍କୁ ନେଇ ବିପର୍ଯ୍ୟୟ ପୂର୍ବରୁ ସୂଚନା, ତଳିଆ ଅଞ୍ଚଳର ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କରିବା, ଆଶ୍ରୟସ୍ଥଳୀର ଥିବା ଲାଇଟ୍ ଚେକ୍ କରିବା ଓ ନିଜସ୍ୱ ସମ୍ବଳରେ ଘରୋଇ ସାମଗ୍ରୀ ବ୍ୟବହାର କରି



ନିଜସ୍ୱ କୌଶଳରେ ଉଦ୍ଧାର କରିବା ପ୍ରଦର୍ଶନ କରିଥିଲେ। ବାସୁଦେବପୁର ପୌରପାଳିକାର ରାଧାକାନ୍ତପୁର ବାତ୍ୟା ଆଶ୍ରୟସ୍ଥଳୀର ଆୟୋଜିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସକୁ ବୁଲି ଦେଖିଥିଲେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଓଏସଡିଏମଏ ସ୍ପେଶାଲ ପ୍ରଜେକ୍ଟ ଅଫିସର ସୁତନ ଠାକୁର, ବିଡିଓ ତନ୍ମିତା କର, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଡିପିଓ ଅମ୍ଳାନ ଅନୁପମ ସେନାପତି ଯୋଗ ଦେଇ ଗୋଷ୍ଠୀ ସ୍ତରରେ ସଚେତନ କରିଥିଲେ। ରାଧାକାନ୍ତପୁର ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ରଞ୍ଜିତ କଳାଙ୍କ ସହଯୋଗରେ ଏଡିଆରଏଫ୍ ଓ ଅଗ୍ନି ସେବାଶ୍ରମ ବିଭାଗ କର୍ମଚାରୀ ଯୋଗ ଦେଇ ବିଭିନ୍ନ କୌଶଳ ପ୍ରଦର୍ଶିତ କରିଥିଲେ। ବାସୁଦେବପୁର ବ୍ଲକର ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ, କନିଷ୍ଠ ଯନ୍ତ୍ରୀ, ପିଇଓ ଯୋଗଦେଇ ସହଯୋଗ କରିଥିଲେ। ବାସୁଦେବପୁର ବ୍ଲକର ୫୦ ଗୋଟି ଆଶ୍ରୟସ୍ଥଳୀର ବିପର୍ଯ୍ୟୟ ପରିଚାଳନା ଅଭ୍ୟାସକୁ ଲାଇଫ୍ ଲାଇନ ସାମାଜିକ ସଙ୍ଗଠନ ସଂଯୋଜନା କରିଥିଲେ। ବିଭିନ୍ନ ଆଶ୍ରୟସ୍ଥଳୀରେ ରମାକାନ୍ତ ଡାଙ୍ଗୁଆ, ଭରତ କୁମାର ନାୟକ, ଲକ୍ଷ୍ମୀପ୍ରିୟା ଭୋଇ,ମାନସ ରଞ୍ଜନ ସାହୁ, ସନ୍ଧ୍ୟାରାଣୀ ବାରିକ, ଅହେଶ କୁମାର ସାହୁ ଲିପୁନ୍ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଧାମନଗର - ଫଳପୁର ରାସ୍ତା ମରାମତି ଦାବି



ଦୋବଲ,୨୦।୬(ସମିସ): ଧାମନଗର-ଫଳପୁର ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏକ ସପ୍ତାହ ହେବେ ବର୍ଷା ଯୋଗୁଁ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନ ମାନଙ୍କରେ ବର୍ଷାପାଣି ଜମି ରହିଥିବାରୁ ଲୋକମାନେ ଯିବାଆସିବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୂଚନା ଥାଉକି ଉକ୍ତ ରାସ୍ତାଟି ପ୍ରଥମେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା କାମ ହୋଇ ଥିଲେ ବି ନିମ୍ନମାନର କାମ ଯୋଗୁଁ ଯାତାୟାତ ଅନୁପଯୋଗୀ ହୋଇଯାଇଛି। ପ୍ରତିବର୍ଷ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ। ଭାଗ ବଣ୍ଟା କରି ନିଅନ୍ତି ଠିକାଦାର ଓ ଯନ୍ତ୍ରୀ। ହଇରାଣ ହୁଅନ୍ତି ସଧାରଣ ଜନତା।

ପ୍ରକାଶ ଥାଉକି ଉକ୍ତ ରାସ୍ତା ଦେଇ ପଧାନି, ଦଳାଙ୍ଗ, ଅର୍ଜୁନପୁର, ନଦୀଗାଁ, ଭଟସାହି, କରଦା ପଞ୍ଚାୟତ ଦୈନିକ ୧୦ରୁ ୧୫ ହଜାର ଲୋକ ଯାତାୟାତ କରିଥାନ୍ତି। ଉକ୍ତ ରାସ୍ତା ଦେଇ ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣି ପୀଠ ଓ ଘଟଗାଁ ତାରିଣୀ ପୀଠ ଏବଂ ଭୁବନେଶ୍ୱର-କଟକକୁ ବସ୍ ମଧ୍ୟ ଯାତାୟାତ କରିଥାଏ। ଏପରିକି ବ୍ଲକ, ତହସିଲ, କଲେଜ, ଆଦର୍ଶ ବିଦ୍ୟାଳୟ ଓ ବିଭିନ୍ନ ସରକାରୀ ଅଫିସକୁ ନିଜର କାର୍ଯ୍ୟ ପାଇଁ ଜନସାଧାରଣ ଓ ଛାତ୍ରଛାତ୍ରୀ ଯିବା ଆସିବା କରିଥାନ୍ତି। ହେଲେ ରାସ୍ତାର ବିପର୍ଯ୍ୟସ୍ତ ନେଇ ଯାତାୟାତରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେବେ ପୂର୍ତ୍ତ ବିଭାଗକୁ ଏହି ରାସ୍ତା ହସ୍ତାନ୍ତର କରାଯିବା ପରେ ନୂତନ ରାସ୍ତା ନିର୍ମାଣ ପାଇଁ ୨୯ କୋଟି ଟଙ୍କାର ଏଷ୍ଟିମେଣ୍ଟ କରାଯାଇଛି। ଯାହା କି ଚଳିତ ବର୍ଷ ଟେଣ୍ଡର ସହ ଦୁର୍ଗାପୂଜା ବେଳକୁ ରାସ୍ତା ନିର୍ମାଣ କାର୍ଯ୍ୟ ହେବ। ହେଲେ ଏହି ଚାରିମାସ ଉକ୍ତ ରାସ୍ତାରେ ଯାତାୟାତ ପାଇଁ ବିପଦ ସୃଷ୍ଟି ହେଉଛି। ତେବେ ଉକ୍ତ ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତା କୁ ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ବିପର୍ଯ୍ୟସ୍ତ କେନାଲ ବ୍ୟବସ୍ଥା

# ମାଟିରେ ମିଶିଗଲାଣି ଜଳ ନିଷ୍କାସନ ପଥ

ବାରିକପୁର,୨୦।୬(ସମିସ):

ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କେନାଲ ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇଗଲାଣି। ବିଶେଷ କରି ସରସଦା, କୁରିଗାଁ, ରହଣିଆ, ବୟାବନାପୁର, ନପଙ୍ଗ, ମାଳଦା ପ୍ରମୁଖ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମି ପାଇଁ ରହିଥିବା କେନାଲ ଗୁଡିକ ଏକ ପ୍ରକାର ଅଚଳ ହୋଇଗଲାଣି। ବିଭାଗୀୟ ଯନ୍ତ୍ରୀ ମାନେ କିଛି ମାତ୍ରାରେ ଗମନାଗମନ ପଥ ପାଇଁ କାମ କରୁଥିବା ବେଳେ ବର୍ଷା ଦିନେ କେବଳ ଘାସ ଓ ଗୁଳ୍ମଲଟା କଟାରେ କେନାଲ ଉନ୍ନତିକରଣକୁ ସୀମିତ ରଖିଛନ୍ତି। କେନାଲରେ ପାଣି ଆସିଲେ ଏହି ଘାସ କଟାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିବା ବେଳେ ଜଳ ସୁପରିଚାଳନା ସମ୍ପୂର୍ଣ୍ଣ ଭାବେ ଫେଲ ମାରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ପ୍ରମୁଖ କାରଣ ହେଲା ଦୀର୍ଘ ଦିନରୁ କେନାଲ ବନ୍ଧର ଉଭୟ ପାର୍ଶ୍ୱରେ ନିର୍ମିତ ହୋଇଥିବା ଜଳ ନିଷ୍କାସନ ପଥ ଗୁଡିକ ମାଟିରେ ମିଶି ଗଲାଣି। ପାଞ୍ଚ ଦଶ ବର୍ଷ ମଧ୍ୟରେ ହୋମ ପାଇପ ପକାଯାଇ ଚାଷ ଜମିକୁ ଯେଉଁ ଜଳ



ଯୋଗାଣ ପଥ ତଥା ନିଷ୍କାସନ ପଥ ନିର୍ମାଣ ହୋଇଥିଲା ସେଗୁଡିକ କେଉଁଠି କଂକ୍ରିଟ କଲ୍‌ଭର୍ଟ ଭାଙ୍ଗି ମାଟିରେ ପୋତି ହୋଇଗଲାଣି ତ ପୁଣି କେଉଁଠି ପାଣି ଯାତାୟତ ପାଇଁ ରହିଥିବା ପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି। ତେଣୁ ଜରୁରୀ କାଳୀନ ସମୟରେ ପ୍ରତ୍ୟକ ବର୍ଷ ଚାଷ ଜମିକୁ ଜଳ ଯୋଗାଇବା ହେଉ ବା ପାଚିଲା କ୍ଷେତରୁ ପାଣି ନିଷ୍କାସନ ହେଉ ଯେଉଁଥିପାଇଁ କେନାଲ ବନ୍ଧ କାଟିବାକୁ ପଡୁଛି। ସୂଚନା ମୁତାବକ ୩ନଂ ମୁଖ୍ୟ କେନାଲ ସହିତ ଏହାର ଶାଖା ୩ନଂ କ' ଓ ଖ' କେନାଲରେ ଏଭଳି ବିପର୍ଯ୍ୟସ୍ତ ଚିତ୍ର ଦେଖିବାକୁ ମିଳିଛି। ଏହାଛଡା ଅନେକ ମାଇନର କେନାଲରେ ରହିଥିବା ଜଳ ନିଷ୍କାସନ ପଥ କେବେଠାରୁ ନିଶ୍ଚିହ୍ନ ହୋଇଗଲାଣି। କେବଳ ପାଣି ପଞ୍ଚାୟତ ବହିରେ କମିଟି ଗଠନ ପାଇଁ ଜଳ ନିଷ୍କାସନ ପଥ ଗୁଡିକ ଚିହ୍ନଟ ହୋଇଥିବାବେଳେ ବାସ୍ତବ କ୍ଷେତ୍ରରେ ଅନେକ ଆଉଟଲେଟର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ। କେନାଲ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଧାମନଗର ଜଳସମ୍ପଦ ବିଭାଗର ଯନ୍ତ୍ରୀ ମାନେ ବର୍ଷ ବର୍ଷ ଧରି ଏହା ଉପରେ ଦୃଷ୍ଟି ଦେଉନଥିବାରୁ ଜଳ ସୁପରିଚାଳନାରେ ଅନେକ ବ୍ୟାଘାତ ସୃଷ୍ଟି ହେଉଛି। ଯାହାଫଳରେ ଚାଷୀ ମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜଳ ନିଷ୍କାସନ ପଥର ପୁନଃରୁଦ୍ଧାର ଓ ନବୀକରଣ ସକାଶେ ଦାବି ହୋଇଛି।

# ମା'ଦକ୍ଷିଣଚଣ୍ଡୀ ରଜ ମହୋତ୍ସବ ଉଦ୍‌ଯାପିତ



ବନ୍ତ/ଆଗରପଡ଼ା,୨୦।୬(ସମିସ): ଆଗରପଡ଼ା ପୁରୁଷଣ୍ଡ ସ୍ଥିତ ହନୁମାନ ପଡିଆରେ ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା କାର୍ତ୍ତିକ ଜେନା, ବାଙ୍କବିହାରୀ ଯେନା, ଓଡ଼ିଶା ହାଇକୋର୍ଟର ଆଇନଜୀବୀ ମନୋଜ ରାୟ, ରାଜ୍ୟ ମାନବାଧିକାର କମିଶନ ସଂପାଦକ ନିରୋଜ ଆଇଚ, ଯୁବ କଂଗ୍ରେସ ନେତା ସୁଧାଂଶୁ ଶେଖର ନାୟକ ପ୍ରମୁଖ ଯୋଗଦେଇଥିଲେ। କମିଟି ସଭାପତି ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷକ ତଥା କମିଟି ଉପଦେଷ୍ଟା ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ପରିଚୟ ଓ ସଂପାଦକ ନିର୍ମଳ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ବ୍ୟକ୍ତି ବିଶେଷ ଶିକ୍ଷାବିତ ହରମୋହନ ପଣ୍ଡା, ଚିତ୍ତରଞ୍ଜନ ସାମନ୍ତରାୟ ଏବଂ କ୍ରାକ୍ କମ୍ପ୍ୟୁଟର ନିର୍ଦ୍ଦେଶକ ତପନ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ସଂଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡାଇ, ହାଇକୋର୍ଟ ଆଇନଜୀବୀ ମନୋଜ ରାୟ, ପାଇମହୁରା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଭଦ୍ରକର ଅବସରପ୍ରାପ୍ତ ଅଧ୍ୟକ୍ଷ ଚିନ୍ତାମଣୀ ପାଣିଗ୍ରାହୀ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ଓଡ଼ିଶା ଭାଷା ସଂସ୍କୃତି ଜାଗରଣ ମଞ୍ଚର ରାଜ୍ୟ ସଭାପତି ତଥା ସାହିତ୍ୟିକ ଜୈନୁଲ ଆବେଦିନ, ବନ୍ତ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କମିଟି ସଭାପତି ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷକ ତଥା କମିଟିର ଉପଦେଷ୍ଟା ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ପରିଚୟ ଓ ଉପସଭାପତି ଲିଙ୍କୁନ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ବ୍ୟକ୍ତି ବିଶେଷ ଶିକ୍ଷାବିତ ଚିନ୍ତାମଣୀ ପାଣିଗ୍ରାହୀ, ଅଜିତ ଚାଉଳ, ଅମରେନ୍ଦ୍ର ଦାଶ, କୈଳାସ ଚନ୍ଦ୍ର ଧଳ,ଅଭିରାମ ଆଚାର୍ଯ୍ୟ, ସମାଜସେବୀ ସନତ ଜେନା ପ୍ରମୁଖଙ୍କୁ ଅତିଥି ମାନେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀ ଠାରେ ମକ୍‌ଡ୍ରିଲ୍

ବାରିକପୁର,୨୦।୬(ସମିସ):ଭଣ୍ଡାରିପୋଖରୀ ବ୍ଲକର ତିନୋଟି ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀଠାରେ ପ୍ରଶାସନ ପକ୍ଷରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ମଣିନାଥପୁର ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପରମାନନ୍ଦ ନାୟକ ଯୋଗ ଦେଇଥିଲେ। ଏଥିରେ ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ସୌରଭ ରାଉତ, ଅଗ୍ନିକ ମୈତ୍ରେୟ ରଞ୍ଜନ ପଣ୍ଡା, ସରୋଜ ନାୟକ ପ୍ରମୁଖ ଯୋଗଦେଇ ବିପର୍ଯ୍ୟୟ ପ୍ରଶମନ ବାବଦରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଜଳହରି ବାତ୍ୟା ଆଶ୍ରୟସ୍ଥଳୀ ଠାରେ ସମ୍ପାଦକ ମୋହନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ମକଡ୍ରିଲ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ମିନତୀ ପରିଡା, ସମିତିସଭ୍ୟା ରିତାଞ୍ଜଳୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅନୁରୂପ ଭାବେ ବନ୍ଦାଳମଡିଆଳୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ମଧ୍ୟ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ବିଶ୍ୱନାଥ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଦେବଦତ ଦାଶ, ନୋଡାଲ ଅଧିକାରୀ ସତ୍ୟନାରାୟଣ ପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ପର୍ଶୁରାମ ଦୀକ୍ଷିତ ପ୍ରମୁଖ ମକଡ୍ରିଲ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ।



# କଦମବେଡ଼ା ରଜ ମହୋତ୍ସବ



ଭଦ୍ରକ,୨୦।୬(ସମିସ): ଦେଢଶହ ବର୍ଷର ପୁରୁଣା ଭଦ୍ରକ କଦମବେଡ଼ା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ପର୍ବ ହିନ୍ଦୁ ଭାଇମାନେ ପାଳନ କରୁଥିଲେ ସୁଧା ମୁସଲିମ ଭାଇ ଓ ଭଉଣୀମାନେ ଏହି ରଜ ମହୋତ୍ସବକୁ ଉପଭୋଗ କରିଥାନ୍ତି। କମିଟିର ଆବାହକ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ନାରୀନେତ୍ରୀ କଳ୍ପନା ଜେନା, ଅଧ୍ୟାପିକା ଦେବସ୍ମିତା ମିଶ୍ର ଯୋଗଦେଇ ଥିବା ବେଳେ ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଇଂ ଅଭୟ ସୁତାର, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଯୁବ ଯାଦବ ସଭାପତି ଅମର ନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସଂଯୁକ୍ତା ଯାଦବ, ସମ୍ମାନିତ ଅତିଥି ଭାବେ ପାଲା ଗାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ବାରିକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଯାଦୁକର ଶାନ୍ତନୁ ଦଳେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଓ ରାଜେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମ୍ୟାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଧାମନଗର,୨୦।୬(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ବାଲାଜୀ କଲ୍ୟାଣ ମଣ୍ଡପରେ ଧାମନଗର ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟ, ୧୯୯୯ ମସିହାର ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଛାତ୍ରୀ ମନସ୍ମିତା ରାଉତଙ୍କ ପରିଚାଳନାରେ ଦୀର୍ଘ ୨୬ବର୍ଷ ପରେ ସମସ୍ତେ ଏକାଠି ହୋଇ ନିଜେ ନିଜର ବନ୍ଧୁମାନଙ୍କୁ ସମ୍ମୁଖରେ ଦେଖି ଖୁସି ଓ ଆନନ୍ଦିତ ହୋଇଥିଲେ। ଛାତ୍ର ଅରୁଣ କୁମାର ମିଶ୍ର ତାଙ୍କର ମଧୁର କଣ୍ଠରେ ସଂଗୀତ ଗାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ସସ୍ମିତା ପୁଆଣ, ସୁଜାତା ସାମଲ, ନିହାରିକା ଧଳ, ସସ୍ମିତା ବେହେରା, ନଜମା ଖାତୁନ ପ୍ରାର୍ଥସାରଥୀ ଭୂଇଁଆ, ସତ୍ୟରଞ୍ଜନ ମହାପାତ୍ର, ସୀତାରାମ ବେହେରା, ରାଜେଶ ବାରିକ, ବିକାଶ ରାମ, ପ୍ରଶାନ୍ତ ଭୂତିଆ, ଦେବାଶିଷ ମହାପାତ୍ର, ପ୍ରଶାନ୍ତ ବେହେରା, ସନ୍ତୋଷ ତ୍ରିପାଠୀ, ପ୍ରଦୀପ ମହାପାତ୍ର, ସାଗର ବେହେରା, ସରୋଜ ସାମଲ, ଅଧିର ଗୋଛୟତ, ବାସୁଦେବ ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ନିର୍ମଳ ଚନ୍ଦ୍ର ମଲ୍ଲିକ ଓ ଅନ୍ୟ ସମସ୍ତ ବନ୍ଧୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେକ ଆସିପ ଇକବାଲ ପରିଚାଳନା କରିଥିବା ବେଳେ ପର୍ଶୁରାମ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

# ଛୟାଳସିଂହରେ ରକ୍ତଦାନ ଶିବିର

ବନ୍ତ/ଆଗରପଡ଼ା,୨୦।୬(ସମିସ):ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ ଖଗେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ସତ୍ୟସାଇ ସେବା ସଂଗଠନ ପଳସା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବରକୁ ସାଂସଦ ପ୍ରତିନିଧି ସନ୍ତୋଷ ନାୟକ, ଶିକ୍ଷାବିତ୍ ଖଗେଶ୍ୱର ପଣ୍ଡା, ସମାଜସେବୀ ବିଜୟନାୟକ ଉଦ୍‌ଘାଟନ କରିଥିଲେ। ଭଦ୍ରକ ରକ୍ତଭଣ୍ଡାର ଡା ଶରତ ଆଚାର୍ଯ୍ୟ, ଜାଜ୍ଞସେନି ସାହୁ, ମାନସ ପଣ୍ଡା, ରବୀନ୍ଦ୍ର କୁମାର ଜେନା, ଏସକେ ବୁଦ୍ଧିଆ ଉପସ୍ଥିତ ରହି ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ସନ୍ତୋଷ ସାହୁ, ନିରଞ୍ଜନ ବେହେରା, ଆବାହକ ସଂଜୀବ



ଦାସ, ସୁଶାନ୍ତ ନାଥ, ପ୍ରଫୁଲ୍ଲ ସ୍ୱାଇଁ, ନିରାକାର ଜେନା, ଗୌରାଙ୍ଗ ଦାସ, କପାସିଆ ସମିତି ଆବାହକ ପ୍ରଦୀପ କୁମାର ବେହେରା, ଆନନ୍ଦ ରାଉତ, ଶ୍ରୀନିବାସ ମହାନ୍ତି, ହୃଦାନନ୍ଦ ବେଜ, ଆରତୀ ପୃଷ୍ଟି, ଚନ୍ଦନା ବାରିକ, ଭାଗ୍ୟଶ୍ରୀ ସାହୁ, ସସ୍ମିତା ବାରିକ, ସନ୍ତୋଷ ଗିରି, ସିମୁନ ସାହୁ ସମେତ ସମସ୍ତ ସାଇ ସେବା ସଂଗଠନର କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ଏହି ରକ୍ତଦାନ ଶିବିରରେ ୩୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଦାବି

ବାରିକପୁର/ମଞ୍ଜୁରୀ ରୋଡ,୨୦।୬(ସମିସ):

ଭଣ୍ଡାରିପୋଖରୀ ବ୍ଲକ ଛତାବର ଠାରୁ ନିଳକ ଯାଏଁ ନିର୍ମିତ ରାସ୍ତା ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଦାବି ହୋଇଛି। ଉକ୍ତ ରାସ୍ତାଟିର ଦୁଇ ଲାଇନ୍ ବିଶିଷ୍ଟ ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ତିନି ବର୍ଷ ପୂର୍ବେ ପୂର୍ତ୍ତ ବିଭାଗ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଟେଣ୍ଡର ଜରିଆରେ ପାଣିକୋଇଲି ଅଞ୍ଚଳର ଗୋଟିଏ ଠିକାସଂସ୍ଥାକୁ ନବୀକରଣ କାର୍ଯ୍ୟ ସକାଶେ ବିଭାଗ ଦାୟିତ୍ୱ ପ୍ରଦାନ କରିଥିଲା। ଏଥିପାଇଁ ମଞ୍ଜୁରୀ ରୋଡ୍ ଓ କୁଲଣା ବଜାର ଠାରେ ଥିବା କିଛି ଛୋଟ ଛୋଟ ବ୍ୟବସାୟୀଙ୍କୁ ରାଜସ୍ୱ ବିଭାଗ ଉଚ୍ଛେଦ କରିଥିଲା। ପରିତାପର ବିଷୟ ସ୍ଥାନୀୟ ଜନସାଧାରଣ ମାନେ ଯେଉଁଭଳି ଆଶା କରିଥିଲେ ରାସ୍ତା ନିର୍ମାଣ କାର୍ଯ୍ୟ କିନ୍ତୁ ସେଭଳି ହୋଇନଥିଲା। ଠିକା ସଂସ୍ଥା କାମକୁ ଅତି ନିକୃଷ୍ଟ ଧରଣର କରିଥିବା ଲୋକେ ବିଭିନ୍ନ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଏପରିକି ମନ୍ଥର ଗତିରେ କାମ କରି ସଂସ୍ଥା ଏବେ



କାର୍ଯ୍ୟକ୍ଷେତ୍ରରୁ ଅପସରି ଯାଇଛି। ଏହାରି ମଧ୍ୟରେ କେତେକ ସ୍ଥାନରେ କାମ ଅସମ୍ପୂର୍ଣ୍ଣ ରହିଥିବା ହେତୁ ଲୋକମାନେ ଗମନାଗମନ ସକାଶେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ ନାଆମୀ କଲେଜ ଠାରୁ ବେଉଳାଶୁଣୀ ଛକ ଯାଏଁ ନବୀକରଣ କାମ ବିଲକୁଲ ହୋଇନାହିଁ। ଅବସ୍ୟ ଏଥିପାଇଁ ପ୍ରାରମ୍ଭରେ ସ୍ଥାନ ନିରୂପଣ ବିବାଦ ଦେଖା ଦେଇଥିଲା। ପରବର୍ତ୍ତୀ ସମୟରେ ଠିକାଦାର କିମ୍ବା ପୂର୍ତ୍ତ ବିଭାଗର ତତ୍କାଳୀନ ଯନ୍ତ୍ରୀ ମାନେ ଉକ୍ତ ସ୍ଥାନରେ କୌଣସି ସମାଧାନ ପନ୍ଥା ଗ୍ରହଣ ନକରି କାର୍ଯ୍ୟକୁ ଅଧାରୁ ଛାଡି ଦେଇଥିଲେ। ଏବେ ଉକ୍ତ ଅଂଶରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଅସରାଏ ବର୍ଷା ହେଲେ ରାସ୍ତା ଏକପ୍ରକାର କ୍ଷୁଦ୍ର ପୁଷ୍କରିଣୀର ଭ୍ରମ ସୃଷ୍ଟି କରୁଛି। ସାଇକେଲ ଓ ମୋଟର ସାଇକେଲ ଆରୋହୀମାନେ ଏହି ସୀମା ଦେଇ ରାସ୍ତା ଅତିକ୍ରମ କରିବା ମୁସ୍କିଲ ହେଉଛି। ଏପରିକି ଦୈନିକ କିଛି ନା କିଛି ଦୁର୍ଘଟଣା ମଧ୍ୟ ଘଟୁଛି। ଜରୁରୀକାଳୀନ ଯାନବାହାନ ଚଳାଚଳ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ଠିକା ସଂସ୍ଥା ଉକ୍ତ ସ୍ଥାନରେ କୌଣସି କାମ କରିବାକୁ ଇଛୁକ ନଥିବା ସୂଚନା ମିଳିଛି। ଏହାଛଡା ପୁନଃ ନିର୍ମାଣ ପାଇଁ ମଧ୍ୟ ବିଭାଗ ନିକଟରେ କୌଣସି ସ୍ୱତନ୍ତ୍ର ଅନୁଦାନ ମଧ୍ୟ ନାହିଁ। ତେଣୁ ଏପରି ସ୍ଥଳେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାଟି ପଡୋଶୀ ବନ୍ତ ଓ ହାଟଡିହି ବ୍ଲକକୁ ସଂଯୋଗ କରୁଥିବା ବେଳେ ଏହା ଉପରେ ଦୈନିକ ଶହଶହ ଯାନବାହାନ ଚଳପ୍ରଚଳ କରିଥାଏ। ଗୁରୁତ୍ୱ ବହନ କରୁଥିବା ଏହି ପଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ହୋଇପଡିଛି। ସେ ଯାହାବି ହେଉ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ନିର୍ବାଚିତ ପ୍ରତିନିଧି ମାନେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମାନେ ଦାବି କରିଛନ୍ତି।

# ଗାଁକୁ ନିର୍ମାଣ ହେଲା ସ୍ଥାୟୀ ରାସ୍ତା

ସକାଳ ପ୍ରଭାବ

ବନ୍ତ/ଆଗରପଡ଼ା,୨୦।୬(ସମିସ): ଗତ ଏପ୍ରିଲ ୯ ତାରିଖରେ 'ଆଡ଼ିଆ ପଞ୍ଚାୟତର ତିନି ଗାଁକୁ ନାହିଁ ସ୍ଥାୟୀ ରାସ୍ତା; ଯାତାୟାତର ମୁଖ୍ୟ ମାଧ୍ୟମ ବିଲହିଡ଼' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତର ତିନି ଗୋଟି ଗାଁ ବାହାଦଲପୁର, ନଳିତାଗଡ଼ିଆ ଓ ଅଣଧୁଆ ମଧ୍ୟରୁ ଇତି ମଧ୍ୟରେ ବାହାଦଲପୁର ଓ ଅଣଧୁଆ ଗ୍ରାମକୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସ୍ଥାୟୀ ରାସ୍ତା ନିର୍ମାଣ ହୋଇଥିବା ଜଣାପଡ଼ିଛି।

ଏହି ତିନି ଗୋଟି ଗାଁକୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରିନଥିଲା। ଯଦ୍ୱାରା ବିଲ ହିଡ଼ ଗ୍ରାମବାସୀଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ ପାଲଟିଥିଲା। ବାରମ୍ବାର ଅଭିଯୋଗ ପରେ ଜିରିଣାରୁ ଆଡ଼ିଆ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ଉକ୍ତ ରାସ୍ତାରୁ ଚାଷଜମି ହିଡ଼ରେ



ପ୍ରାୟ ୨ଶହ ମିଟର ଗଲାପରେ ଏକ ଛୋଟିଆ ଗାଁ ବାହାଦଲପୁରା ପଡେ। ଉକ୍ତ ଗାଁକୁ ଲମ୍ବିଥିବା ରାସ୍ତାଟି ଖରାଦିନିଆ ଥିଲା। ଗାଁ ମଝିରେ ପଞ୍ଚାୟତ ପୋଖରୀଟି ଥିବାରୁ ଗାଁ ମଧ୍ୟରେ ରାସ୍ତା ଆଦୌ ନାହିଁ ବୋଲି କହିଲେ ଚଳେ। ପୋଖରୀ ହୁଡ଼ାରେ ଗାଁ ମଧ୍ୟରେ ଯା'ଆସ କରିବାକୁ ହୋଇଥ। ଆଡ଼ିଆରୁ ଏହି ଗାଁକୁ ଲମ୍ବିଥିବା ରାସ୍ତାଟି ଆସି ଜନୈକ ଗ୍ରାମବାସୀଙ୍କ ନିଜସ୍ୱ ଜାଗାକୁ ସଂଯୋଗ କରିଛି। ସମସ୍ତ ଗ୍ରାମବାସୀ ଏହି ବ୍ୟକ୍ତିଗତ ଜାଗା ଦେଇ ନିଜନିଜ ଘରକୁ ଆସିଥାନ୍ତି। ଅନୁରୂପ ଭାବେ ନଳିତାଗଡ଼ିଆ ଗ୍ରାମକୁ ଏକ କାଦୁଅ ପଚପଚ ରାସ୍ତା ରହିଛି। ଏହି ଗାଁ ଓ ବାହାଦଲପୁର ଗାଁରୁ ଛାତ୍ରଛାତ୍ରୀ ଓ କୁନିକୁନି ପିଲାମାନେ ଅଙ୍ଗନବାଡ଼ି, ସ୍କୁଲ ତଥା କଲେଜକୁ ଏହି ରାସ୍ତାଦେଇ ପ୍ରତିଦିନ ଅଧ୍ୟୟନ ପାଇଁ ଆସିଥାନ୍ତି। ବର୍ଷା ଋତୁ ରେ ଏହି ଦୁଇ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ପ୍ରାୟ ହୋଇଯାଇଥାଏ। ସେହିପରି ବନ୍ତ-ଆଗରପଡ଼ା ମୁଖ୍ୟ ରାସ୍ତାର ଟାଇଗୁଣା ଛକ ଠାରୁ ୧କିମି ଦୂରତାରେ ଅବସ୍ଥିତ ଅଣଧୁଆ ଗାଁ। ଗତ ବର୍ଷର୍ ଗାଁ ଶେଷମୁଣ୍ଡ ଆଡ଼କୁ ଓ ଆରମ୍ଭରୁ ମାତ୍ର ୨୦୦ ମିଟର ପାଖାପାଖି କଂକ୍ରିଟ ହୋଇଥିଲା। ଏହାକୁ ଛାଡ଼ି ମାଟି ରାସ୍ତା ପୁରାପୁରି ନଷ୍ଟ ହୋଇଯାଇଥିଲା। ତେଣୁ ରାସ୍ତା ସମସ୍ୟା ଯୋଗୁଁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅସୁବିଧାର ସମ୍ମୁଖିନ ହେଉଥିବା ଉକ୍ତ ୩ ଗୋଟି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୦୮
- ୟୁରୋ ୯୯.୩୭ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୨,୬୬୦ (ନୂଆଦିଲ୍ଲୀ)
- ରୁପା : ୧,୧୨,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୨,୪୦୮.୦୦
- ନିଫ୍ଟି ୨୫,୧୧୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଇରାନ୍ କ୍ରିପ୍ଟୋ ଏକ୍ସଚେଞ୍ଜରେ ଇସ୍ରାଏଲ୍‌ର ସାଇବର ଆକ୍ରମଣ

# ଗୋଟିଏ ଝଟ୍‌କାରେ ୭୮୧ କୋଟି ଟଙ୍କା ଗାଏବ୍

ନୂଆଦିଲ୍ଲୀ୨୦।୬(ଏଜେନ୍ସି)




ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା କମିବାର ନାମ ନେଉନାହିଁ। ଦୁଇ ଦେଶ ମଧ୍ୟରେ ଦ୍ରୁତ ଆକ୍ରମଣ ଜାରି ରହିଛି। ଏହି ସମୟରେ ଇସ୍ରାଏଲ ଇରାନକୁ ଏପରି ଏକ ଝଟ୍‌କା ଦେଇଛି ଯାହା କଳ୍ପନା ମଧ୍ୟ କରିପାରିବନାହିଁ। ଏଥିରେ ଇରାନର ପ୍ରାୟ ୭୮୧ କୋଟି ଟଙ୍କା ଗୋଟିଏ ମୁହୂର୍ତ୍ତରେ ଗାଏବ ହୋଇଯାଇଛି।

ବାସ୍ତବରେ ଇସ୍ରାଏଲର ହ୍ୟାକରମାନଙ୍କର ଏକ ଗୋଷ୍ଠୀ ଇରାନର କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରୁ ୯ କୋଟି ଡଲାର ବା ପ୍ରାୟ ୭୮୧ କୋଟି ଟଙ୍କା ଉଡାଇ ନେଇଛନ୍ତି। ବ୍ଲକଚେନ୍ ବିଶ୍ଳେଷକ ସଂସ୍ଥାଗୁଡ଼ିକ କହିଛନ୍ତି ଯେ ଇସ୍ରାଏଲ ସହିତ ଜଡିତ ଜଣେ ହ୍ୟାକର ଇରାନର ସବୁଠାରୁ ବଡ଼ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ 'ନୋବିଟେକ୍ସ'ରୁ ୯ କୋଟି ଡଲାରରୁ ଅଧିକ ଅର୍ଥ ଚୋରି କରିନେଇଛି। ହ୍ୟାକିଂ ଘଟଣାକୁ ସ୍ୱୀକାର କରିଥିବା ଏକ ଗୋଷ୍ଠୀ ଗୁରୁବାର ନୋବିଟେକ୍ସର ସମ୍ପୂର୍ଣ୍ଣ ସୋର୍ସ କୋଡ୍ ପ୍ରକାଶ କରିଛି। ଗୋଷ୍ଠୀ ତାର ଟେଲିଗ୍ରାମ ଆକାଉଣ୍ଟରେ ଲେଖିଛି, ନୋବିଟେକ୍ସରେ ଥିବା ସମ୍ପତ୍ତି ଏବେ ସମ୍ପୂର୍ଣ୍ଣ ସାର୍ବଜନୀନ। ଗତ ସପ୍ତାହରୁ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ଏହି ସାଇବର ଆକ୍ରମଣ ହୋଇଛି। ବ୍ଲକଚେନ୍ ବିଶ୍ଳେଷକ ଫାର୍ମ ଏଲିପ୍ଟିକ୍ ଏକ ବ୍ଲଗରେ କହିଛି ଯେ ନୋବିଟେକ୍ସରୁ ଚୋରି ହୋଇଥିବା ଟଙ୍କା ଇରାନର ରିଭଲ୍ୟୁସନରୀ ଗାର୍ଡକୁ ସମାଲୋଚନା କରୁଥିବା ମେସେଜ୍ ସହିତ ଜଡିତ ଠିକଣାଗୁଡ଼ିକୁ ପଠାଯାଇଥିଲା।

ଏଲିପ୍ଟିକ୍ କହିଛି ଯେ ଏହି ସାଇବର ଆକ୍ରମଣ ସମ୍ଭବତଃ ଆର୍ଥିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ଏକ ରାଜନୈତିକ ବାର୍ତ୍ତା ପଠାଇବାର ପ୍ରୟାସ ଥିଲା। ପ୍ରକୃତରେ, ହ୍ୟାକର୍ସମାନେ ଯେଉଁ ଆକାଉଣ୍ଟଗୁଡ଼ିକୁ ଟଙ୍କା ପଠାଇଥିଲେ ସେମାନେ ନୋବିଟେକ୍ସକୁ ଏକ ରାଜନୈତିକ ମେସେଜ୍ ପଠାଇବା ପାଇଁ ଏହି କ୍ରିପ୍ଟୋକରେନ୍ସିକୁ ସମ୍ପୂର୍ଣ୍ଣ ଭାବରେ ପ୍ରଚଳନରୁ ହଟାଇ ଦେଇଛନ୍ତି। ହ୍ୟାକର ଗୋଷ୍ଠୀ 'ଗୋଞ୍ଜେସ୍କେ ଦାରାଣ୍ଡେ' ଏକ୍ସ'ରେ ଏକ ପୋଷ୍ଟରେ ଏହି ଆକ୍ରମଣ ନେଇ ଦାବି କରିଛି। ଏକ ସୋସିଆଲ ମିଡିଆ ପୋଷ୍ଟରେ କୁହାଯାଇଛି ଯେ, ଏହାର ଆପ୍ ଏବଂ ୱେବସାଇଟ୍ କାମ କରୁନାହିଁ କାରଣ ଏହା ଏହାର ସିଷ୍ଟମରେ ଅନଧିକୃତ ପ୍ରବେଶ ହୋଇଛି। ଚେନାଲିସିସ୍ ଫାର୍ମର ଜାତୀୟ ସୁରକ୍ଷା ଗୁପ୍ତଚର ମୁଖ୍ୟ ଆଣ୍ଡ୍ରୁ ଫର୍ମାନ୍ କହିଛନ୍ତି ଯେ ନୋବିଟେକ୍ସ ଏକ୍ସଚେଞ୍ଜରେ ଥିବା ବିଟ୍ କଏନ୍, ଇଥେରିୟମ୍, ଡୋଗେକଏନ୍ ଏବଂ ଅନ୍ୟାନ୍ୟ ଅନେକ କ୍ରିପ୍ଟୋକରେନ୍ସି ଏହି ସାଇବର ଆକ୍ରମଣର ଶିକାର ହୋଇଛି। ସେ କହିଛନ୍ତି ଯେ ଇରାନର କ୍ରିପ୍ଟୋକରେନ୍ସି ବଜାରର ତୁଳନାତ୍ମକ ଭାବରେ ଛୋଟ ଆକାରକୁ ଦୃଷ୍ଟିରେ ରଖି ଏହି ଉଲ୍ଲଂଘନ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ, ଏଲିପ୍ଟିକ୍ ଦାବି କରିଛି ଯେ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନିଙ୍କ ସମ୍ପର୍କୀୟମାନେ ଏହି କ୍ରିପ୍ଟୋ ଏକ୍ସଚେଞ୍ଜ ସହିତ ଜଡିତ ଥିଲେ ଏବଂ ନିଷିଦ୍ଧ ରିଭୋଲ୍ୟୁସନାରୀ ଗାର୍ଡର ଲୋକମାନେ ମଧ୍ୟ ନୋବିଟେକ୍ସ ବ୍ୟବହାର କରିଥିଲେ।

## ଭାରତରେ ୨୦୦୦ କୋଟିରୁ ଅଧିକ ନିବେଶ କରିବ ଆମାଜନ୍

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ଭାରତରେ ୨୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ନିବେଶ କରିବ ଇ-କମର୍ସ କମ୍ପାନୀ ଆମାଜନ ଇଣ୍ଡିଆ। ଗୁରୁବାର କମ୍ପାନୀ ଏ ସମ୍ପର୍କରେ ଘୋଷଣା କରିଛି। ରିପୋର୍ଟ ଅନୁଯାୟୀ, ଆମାଜନ କହିଛି ଯେ, ଏହି ନିବେଶ ଏହାର ନେଟୱର୍କ ସମ୍ପ୍ରସାରଣ ଓ ଅପ୍‌ଗ୍ରେଡେସନ୍‌ରେ ସାହାଯ୍ୟ କରିବ। ଯାହା ଦ୍ୱାରା ଗ୍ରାହକମାନଙ୍କୁ ଦ୍ରୁତ ଏବଂ ଅଧିକ ବିଶ୍ୱସନୀୟ ଭାବରେ ସେବା ଯୋଗାଇ ଦିଆଯାଇପାରିବ, ଟେକ୍ନୋଲୋଜି ଓ ନବନ୍ୱେଷକୁ ପ୍ରୋତ୍ସାହିତ କରାଯାଇପାରିବ ଏବଂ କର୍ମଚାରୀ ଏବଂ ସହଯୋଗୀଙ୍କ କଲ୍ୟାଣରେ ଉନ୍ନତି ଆସିପାରିବ। କମ୍ପାନୀ ଏହି ନିବେଶ ଘୋଷଣା ଏପରି ସମୟରେ କରିଛି ଯେତେବେଳେ ଭାରତର ଇ-କମର୍ସ ବଜାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ବଜାରକୁ ବ୍ରଡବ୍ୟାଣ୍ଡ ପ୍ରବେଶ, ଆଫଡେବଲ ସ୍ମାର୍ଟଫୋନ୍, ଡିଜିଟାଲ୍ ପେମେଣ୍ଟ, ଧନୀ ଏବଂ ମଧ୍ୟବିତ୍ତ ପରିବାରଙ୍କ ଦ୍ୱାରା ଖର୍ଚ୍ଚ ବୃଦ୍ଧି, ଏବଂ ମୋବାଇଲ-ପ୍ରଥମେ, ଡିଜିଟାଲ୍ ଚାର୍ଜ ହୋଇଥିବା ଯୁବ ଜନସଂଖ୍ୟା ଦ୍ୱାରା ବୃଦ୍ଧି କରାଯାଉଛି। ଆମାଜନ୍ ଏବଂ ୱାଲମାର୍ଟର ଫ୍ଲିପ୍‌କାର୍ଟ ପରି କମ୍ପାନୀଗୁଡ଼ିକ ଏବଂ ଛୋଟ ଅନଲାଇନ୍ ପ୍ଲେୟାର୍ସ ବିଗତ ବର୍ଷଗୁଡ଼ିକରେ ଦେଶର ଇ-ବଜ୍‌ନେସ୍ ଚିତ୍ରକୁ ନୂଆ ଆକାର ଦେଇଛନ୍ତି। ଆମାଜନ୍ ଦେଶରେ ଦ୍ରୁତ ଗତିରେ ବଢ଼ୁଥିବା ଇ-କମର୍ସ ବଜାରରେ କୋଟି କୋଟି ଡଲାର ନିବେଶ କରିଛି। କିଛି ଆକଳନ ଅନୁଯାୟୀ, ଏହି ବଜାର ୨୧ପ୍ରତିଶତର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର ରେ ବୃଦ୍ଧି ପାଇବ । ୨୦୩୦ ସୁଦ୍ଧା ୩୨୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ। ୨୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ଘୋଷଣା କରି ଆମାଜନ୍ କହିଛି ଯେ, ଏହି ନୂତନ ନିବେଶ ଏକ ଅପରେସନ୍ ନେଟୱାର୍କ ନିର୍ମାଣରେ ନିବେଶ ସହିତ ଅତିରିକ୍ତ ଯାହା କମ୍ପାନୀକୁ ସାରା ଭାରତରେ ସମସ୍ତ ସେବାଯୋଗ୍ୟ ପିନ୍-କୋଡ୍ ପ୍ରଦାନ କରିବାରେ ସାହାଯ୍ୟ କରିବ।

## ଏସିୟାନ୍ ପେଣ୍ଟସ୍‌ର 'ରୋୟାଲ୍ ଗ୍ଲିଟ୍ଜ – ଟ୍ରିବ୍ୟୁଟ୍ ଟୁ ଓଡିଶା' ସ୍ପେସିଆଲ୍ ଏଡିସନ୍ ପ୍ୟାକ୍



ଭୁବନେଶ୍ୱର,୨୦।୬(ଏଜେନ୍ସି): ଓଡିଶାରେ ପାରମ୍ପରିକତା କେବଳ ସଂରକ୍ଷିତ ହୋଇନଥାଏ, ସେହିଟି ଲୋକଙ୍କ ଦୈନନ୍ଦିନ ଜୀବନ, ପାର୍ବଣ, ଓ ଅଭିବ୍ୟକ୍ତିର ଅଂଶ ଅଟୁଟ ଭାବରେ ରହିଛି। ଘୁମୁରା ନୃତ୍ୟର ଗାମ୍ଭୀର୍ଯ୍ୟପୂର୍ଣ୍ଣ ପଦକ୍ଷେପରୁ ଆରମ୍ଭ କରି ପୁରାତନ ମନ୍ଦିରଗୁଡ଼ିକର ଅଦ୍ଭୁତ ସୌନ୍ଦର୍ଯ୍ୟ ଓ ଓଲିଭ୍ ରିଡ୍ଲି କଚ୍ଛପମାନଙ୍କର ସମୁଦ୍ରତଟୀୟ ଆକର୍ଷଣ—ଓଡିଶା ଏପରି ଅନେକ ପ୍ରେରଣାଦାୟକ କଥାରେ ଭରିଛି। ଏହି ବିଶେଷ ସଂସ୍କୃତିକୁ ସମ୍ମାନ ଜଣେଇବା ପାଇଁ, ଭାରତର ଅଗ୍ରଣୀ ପେଣ୍ଟ ଏବଂ ଡେକର୍ ବ୍ରାଣ୍ଡ ଏସିୟାନ୍ ପେଣ୍ଟସ୍ ତାଙ୍କର ରୋୟାଲ୍ ଗ୍ଲିଟ୍ଜ ଲକ୍ସୁରୀ ରେଞ୍ଜରେ 'ଟ୍ରିବ୍ୟୁଟ୍ ଟୁ ଓଡିଶା' ନାମକ ଏକ ଆକର୍ଷଣୀୟ ନୂଆ ବିଶେଷ ଏଡିସନ୍ ଉନ୍ମୋଚନ କରିଛି। ଏହି ପ୍ୟାକ୍ ତାହାର ଡିଜାଇନ୍ ଓ କାହାଣୀ ମାଧ୍ୟମରେ ଓଡିଶାର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶିତ କରେ। ଏହି ବିଶେଷ ପ୍ୟାକ୍‌ର ଡିଜାଇନ୍ ଗୁଡିକ ପଟ୍ଟଚିତ୍ରରୁ ପ୍ରେରିତ—ଏହା ଭାରତର ସବୁଠାରୁ ପୁରୁଣା ଓ ଉତ୍ତମ କଳାରୂପ ଗୁଡ଼ିକ ମଧ୍ୟରୁ ଗୋଟିଏ। ଏହାର ଚିତ୍ରକଳା ଓଡିଶାର ଅସଲ ଆତ୍ମାକୁ ପ୍ରତିବିମ୍ବିତ କରେ। ଏହି ପ୍ୟାକ୍‌ରେ ଶାଳୀନ ଓଡିଶୀ ନୃତ୍ୟ, ଶକ୍ତିଶାଳୀ ହୀରାକୁଦ୍ ବନ୍ଧ ଓ ପ୍ରସିଦ୍ଧ କୋଣାର୍କ ଚକ୍ର ପରି ଅନେକ ଉଲ୍ଲେଖନୀୟ ଅଂଶ ସାମିଲ୍ ଅଛି। ପ୍ରତ୍ୟେକ ପ୍ରତୀକ ଓଡିଶାର ଓ ଅବିନାଶୀ ଆତ୍ମା ପାଇଁ ଏକ ଅର୍ଥପୂର୍ଣ୍ଣ ସମ୍ମାନ। ଏହି ଲଞ୍ଚ ଏସିୟାନ୍ ପେଣ୍ଟସ୍‌ର ସେଇ ଚେଷ୍ଟାର ଅଂଶ ଯାହା ଭାରତର ପ୍ରତ୍ୟେକ ଅଞ୍ଚଳର ସଂସ୍କୃତିକୁ ଉତ୍ସବରେ ପରିଣତ କରିବା ଓ ଗ୍ରାହକଙ୍କ ସହିତ ଭାବନାଗତ ସମ୍ପର୍କ ଗଢ଼ିବାର ଉଦ୍ଦେଶ୍ୟ ରଖେ। ଓଡିଶା ଏହି ଉଦ୍ୟମ ପାଇଁ ସର୍ବୋତ୍ତମ ପସନ୍ଦ, କାରଣ ଏଠାରେ ସମୃଦ୍ଧ ପାରମ୍ପରିକତା, ଆଧୁନିକ ଚିନ୍ତାଧାରା ଓ ଲକ୍ଷ୍ୟଣୀୟ ଭାବେ ବୃଦ୍ଧି ପାଉଥିବା ଆଲଙ୍କାରିକ ଡିଜାଇନ୍ ପ୍ରତି ଆଗ୍ରହ ଅଛି। "ଏସିୟାନ୍ ପେଣ୍ଟସ୍ ରେ ଆମେ ଏହି ବିଶ୍ୱାସ କରୁଛୁ ଯେ ପ୍ରତ୍ୟେକ ରାଜ୍ୟ କେବଳ ଏକ ବଜାର ନୁହେଁ, ଏହା ଏକ ଜୀବନ୍ତ କାହାଣୀ। ଆମର 'ରୋୟାଲ୍ ଗ୍ଲିଟ୍ଜ - ଟ୍ରିବ୍ୟୁଟ୍ ଟୁ ଓଡିଶା' ପ୍ୟାକ୍ ହେଉଛି ଓଡିଶାର କଳା, ଆଧ୍ୟାତ୍ମିକ ଶକ୍ତି ଓ ସଂସ୍କୃତିର ଏକ ଉତ୍ସବ।

## ଟୁ-ହ୍ୱିଲର ପାଇଁ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୦।୬(ଏଜେନ୍ସି)

**୨୦୨୬ରୁ ହେବ ଲାଗୁ**




ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏହି ଅନୁଯାୟୀ, ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ଜାନୁଆରୀରୁ ଦେଶରେ ସବୁ ନବ ନିର୍ମିତ ଟୁ-ହ୍ୱିଲର ପାଇଁ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ (ଏବିଏସ୍)କୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ ସ୍କୁଟର, ମୋଟରସାଇକେଲ ଓ ବାଇକ୍ ସାମିଲ ହେବ। ଏହାବ୍ୟତୀତ, ମନ୍ତ୍ରଣାଳୟ ଏକ ନିୟମ ଲାଗୁ କରିବାକୁ ପ୍ରସ୍ତୁତି କରୁଛି, ଯାହା ଅନୁସାରେ ସବୁ ଟୁ-ହ୍ୱିଲର ନିର୍ମାତା ଓ ଡିଲରସିପ୍‌କୁ ପ୍ରତି ନୂଆ ଗାଡ଼ି ସହ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ) ଦ୍ୱାରା ପ୍ରମାଣିତ ଦୁଇ ହେଲମେଟ୍ ଉପଲବ୍ଧ କରାଇବାକୁ ହେବ।

ସରକାରୀ ଅଧିକାରୀଙ୍କ କହିବାନୁସାରେ, ଏହି ପ୍ରୟାସ ଭାରତରେ ସଡ଼କ ଦୁର୍ଘଟଣା ଗୁଡ଼ିକରେ ହେବାକୁ ଥିବା ମୃତ୍ୟୁ ସଂଖ୍ୟାକୁ କମ୍ କରିବାରେ ମହତ୍ୱପୂର୍ଣ୍ଣ ହେବ। ନ୍ୟୁଜ୍ ୱେବସାଇଟ୍ ବିଜନେସ୍ ଟୁଡେରେ ପ୍ରକାଶିତ ଏକ ଖବର ଅନୁସାରେ, ଟୁ-ହ୍ୱିଲର ଚାଳକଙ୍କ ସଡ଼କ ଦୁର୍ଘଟଣାରେ ହେବାକୁ ଥିବା ମୃତ୍ୟୁରେ ପାଖାପାଖି ୪୪ ପ୍ରତିଶତ ପାର୍ଟନରସିପ୍ ରହିଛି। ଏଥିରୁ ଅଧିକାଂଶ ମୃତ୍ୟୁ ମୁଣ୍ଡର ସୁରକ୍ଷାର ଅଭାବରେ ହେବାକୁ ଥିବା ଗୁରୁତର ଆଘାତ ସହ ଜଡ଼ିତ। ପରିବହନ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ତ୍ତମାନ ଏବିଏସ କେବଳ ୧୨୫ ସିସିରୁ ଉପରେ ବାଇକ୍‌ରେ ବାଧ୍ୟତାମୂଳକ ହେବ। ଏଥିରୁ ଅଧିକାଂଶ ଯାନ ୭୦ କି.ମି / ଘଣ୍ଟାରୁ ଅଧିକ ଗତିରେ ଯାତ୍ରା କରି ପାରିବେ , ଏହା ସୁନିଶ୍ଚିତ କରିବା ମହତ୍ୱପୂର୍ଣ୍ଣ ଯେ, ସ୍କିଡିଂ ଓ ଦୁର୍ଘଟଣାକୁ ରୋକିବା ପାଇଁ ଭଲ ବ୍ରେକିଂ ସିଷ୍ଟମ ରହିଥିବ। ଏବିଏସକୁ ଜରୁରିକାଳୀନ ବ୍ରେକିଂ ସ୍ଥିତି ବେଳେ ହ୍ୱିଲ୍ ଲକ୍-ଅପ୍‌କୁ ରୋକିବା ପାଇଁ ଡିଜାଇନ କରାଯାଇଛି। ବିଶେଷକରି ଓଦା ବା ଅସମାନ ରାସ୍ତାରେ ଏହାର ମହତ୍ତ୍ୱ ଖୁବ୍ ବଢାଯାଏ। ଅନେକ ଅଧ୍ୟୟନରୁ ସଙ୍କେତ ମିଳିଥାଏ ଯେ, ଏବିଏସ ଦୁର୍ଘଟଣାର ବିପଦକୁ ୩୫-୪୫ ପ୍ରତିଶତ ଯାଏ ହ୍ରାସ କରି ପାରେ। ନୂଆ ନିୟମକୁ ଆଗାମୀ ଦିନରେ ସୂଚିତ କରାଯିବାର ଆଶା ରହିଛି।

## ବଜାଜ୍ ଆଲିଆଞ୍ଜର ନୂଆ ସ୍ୱାସ୍ଥ୍ୟ ବୀମା 'ଆପଣଙ୍କ ପାଇଁ'ର ଶୁଭାରମ୍ଭ

ମୁମ୍ବଇ,୨୦।୬: ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ ଆପଣଙ୍କ ପାଇଁ ନାମକ ଏକ ନୂଆ ହେଲ୍ଥ ଇନସ୍ୟୁରାନ୍ସ ପ୍ରୋଡକ୍ଟ ପ୍ରସ୍ତୁତ କରିଛି। ଏହା ଓଡ଼ିଶାର ଲୋକମାନଙ୍କ ପାଇଁ ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ଆହ୍ୱାନ, ଖର୍ଚ୍ଚ ଏବଂ ଚିକିତ୍ସାର ଉପଲବ୍ଧତା ବିଭିନ୍ନ କ୍ଷେତ୍ରରେ ପୃଥକ୍ ହୋଇଥାଏ, ଏହି ବିଷୟକୁ ବୁଝି ବଜାଜ୍ ଆଲିଆଞ୍ଜ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ପ୍ରକାରର ପ୍ଲାନ୍ ବଦଳରେ ପର୍ସନାଲାଇଜଡ୍ କଭରେଜ୍ ପ୍ରଦାନ କରିବା ନିମନ୍ତେ ଆପଣଙ୍କ ପାଇଁ ପ୍ରସ୍ତୁତ କରିଛି। ଏହି ପ୍ଲାନ୍ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଡାକ୍ତରଖାନାର ଭିତିଭୂମି ଓ ସୁଲଭତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ସୁଲଭତା ଏବଂ ଆକ୍ସେସିବିଲିଟି କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ଆପଣଙ୍କ ପାଇଁ ଓଡ଼ିଶାର ଜନସାଧାରଣଙ୍କ ପାଇଁ ବିଶେଷ ଭାବରେ କଷ୍ଟମାଇଜ୍ ହୋଇଥିବା ପ୍ରିମିୟମ ସହିତ ବ୍ୟାପକ କଭରେଜ୍ ପ୍ରଦାନ କରିଥାଏ। ଏହି ପଲିସି ଉଭୟ ବ୍ୟକ୍ତିଗତ ଏବଂ ଫ୍ଲୋଟର ପ୍ରକାରରେ ଉପଲବ୍ଧ ରହିଛି, ଯାହା ଏହାକୁ ବ୍ୟକ୍ତିଗତ ବ୍ୟବହାର ଓ ପରିବାର ପାଇଁ ଏକ ଆଦର୍ଶ ସମାଧାନ କରିଥାଏ। ଏଥିରେ ୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ ଇନସ୍ୟୁଅର୍ଡ ଚୟନ କରିବାର ବିକଳ୍ପ ରହିଛି, ଯାହାଫଳରେ ଯୁବ ପ୍ରୋଫେସନାଲଙ୍କ ଠାରୁ ଆରମ୍ଭ କରି ବୟସ୍କ ନାଗରିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ଆବଶ୍ୟକତା ଅନୁଯାୟୀ ହେଲ୍ଥ କଭର୍ ପ୍ରାପ୍ତ କରିପାରିବେ।

● ବିଶ୍ୱ ସଙ୍ଗୀତ ଦିବସ

## ଆମାଜନ୍‌ର ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୦।୬: ଚଳିତ ବିଶ୍ୱ ସଙ୍ଗୀତ ଦିବସରେ ସଙ୍ଗୀତପ୍ରେମୀଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ନେଇ ଆସିଛି ଆମାଜନ। ଏହି ଅଫର ସମୟରେ ଗ୍ରାହକମାନେ ଆମାଜନ.ଇନରେ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସରେ ଶ୍ରେଷ୍ଠ ଡିଲ୍‌ର ଲାଭ ଉଠାଇପାରିବେ। ଗ୍ରାହକମାନେ ବୋଟ୍, ଜେବିଏଲ୍, ନଏଜ୍ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ବ୍ରାଣ୍ଡର ହେଡଫୋନ୍, ସ୍ପିକର, ସାଉଣ୍ଡବାର୍ ଏବଂ ସଙ୍ଗୀତ ଉପକରଣ ସମେତ ବିଭିନ୍ନ ଉତ୍ପାଦ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଏହା ସହିତ ଗ୍ରାହକମାନେ ଏସବିଆଇ କ୍ରେଡିଟ୍ କାର୍ଡ ଇଏମଆଇ କାରବାରରେ ସର୍ବାଧିକ ୧,୨୫୦ ଟଙ୍କା ସଂଚୟ ସହିତ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ (ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ)। ଏହି ଅଫରଗୁଡ଼ିକ ୨୧ ଜୁନ୍ ୨୦୨୫ ରୁ ଆରମ୍ଭ ହେଉଛି।

### ଇରାନ-ଇସ୍ରାଏଲ ଯୁଦ୍ଧ

## ବିପଦରେ ଭାରତର ୪୭୭୧ କୋଟିର ନିବେଶ




- ହର୍ମୁଜ୍ ପ୍ରଣାଳୀର ସ୍ଥିତି ଗମ୍ଭୀର
- ଭାରତକୁ ଲାଗିବ ଅନେକ ଦିଗରୁ ଝଟ୍‌କା
- ବନ୍ଦ ହୋଇପାରେ ଘରୋଇ କ୍ଷେତ୍ରର ନିବେଶ

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁଁ ଏବେ ଇରାନ୍‌ରେ ବାଜିରେ ଲାଗିଛି ଭାରତର ୪୭୭୧ କୋଟିର ନିବେଶ। କାରଣ ଇରାନ୍‌ର ଛାବାହାର ବନ୍ଦରରେ ଭାରତ ୫୫୦ ନିୟୁତ ଡଲାର (ପାଖାପାଖି ୪୭୭୧ କୋଟି ଟଙ୍କା) ନିବେଶ କରିଛି। ତେଣୁ ଏହି ବନ୍ଦର ଉପରେ ଭାରତର ବ୍ୟବସାୟିକ କାରବାର ବହୁ ପରିମାଣରେ ନିର୍ଭରଶୀଳ। ଇଣ୍ଡିଆ ପୋର୍ଟ ଗ୍ଲୋବାଲ ଲିମିଟେଡ୍ (ଆଇପିଜିଏଲ୍) ମାଧ୍ୟମରେ ଏହି ବନ୍ଦରକୁ ଭାରତ ସଞ୍ଚାଳନ କରୁଛି। ଛାବାହାର ବନ୍ଦରରୁ ଭାରତକୁ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆ ପାଇଁ ବ୍ୟବସାୟିକ ମାର୍ଗ ମିଳିଯାଇଛି। ଏହାଫଳରେ ଭାରତ ପାକିସ୍ତାନ ମାର୍ଗକୁ ଏଡାଇ ଏହି ପଥର ବାଣିଜ୍ୟ କାରବାର କରୁଛି। ଅପରପକ୍ଷେ ଇରାନ ଏବଂ ଇସ୍ରାଏଲ ଯୁଦ୍ଧ ସ୍ଥିତିରେ ଛାବାହାର ବନ୍ଦରରେ ବୃହତ୍ ନିବେଶ ଏବେ ଭାରତ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏଥିସହ ହର୍ମୁଜ୍ ପ୍ରଣାଳୀର ପରିସ୍ଥିତି ଗମ୍ଭୀର ହୋଇପଡ଼ିଛି। ଯାହା ଭାରତ ପାଇଁ ଆଉ ଏକ ବଡ଼ ଝଟ୍‌କା ହୋଇପାରେ। କ୍ରେଡିଟ୍ ରେଟିଂ ଏଜେନ୍ସି ଇକ୍ରା ଚେତାବନୀ ଦେଇଛି ଯେ ଯଦି ଏହି ମାର୍ଗ ଦେଇ ତେଲ ଏବଂ ଗ୍ୟାସ ଯୋଗାଣରେ ବାଧା ସୃଷ୍ଟି ହୁଏ, ତେବେ ଭାରତର ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ଏହା ତେଲ ଆମଦାନୀ ବିଲ୍ ଏବଂ ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଏହାସହିତ, ଘରୋଇ କ୍ଷେତ୍ରର ନିବେଶ ମଧ୍ୟ ବନ୍ଦ ହୋଇପାରେ।

ଜୁନ୍ ୧୩ରେ ଇସ୍ରାଏଲ ଇରାନର ସାମରିକ ଏବଂ ଶକ୍ତି ଘାଟି ଉପରେ ଆକ୍ରମଣ କରିଥିଲା। ଏହାପରେ, ତେଲ ମୂଲ୍ୟ ବୃଦ୍ଧି ପାଇଥିଲା। ଇକ୍ରା ଆକଳନ କରିଛି ଯେ ଯଦି ଅଶୋଧିତ ତେଲର ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୦ ଡଲାର ବୃଦ୍ଧି ପାଏ, ତେବେ ଭାରତର ତୈଳ ଆମଦାନୀ ବିଲ୍ ୧୩-୧୪ ବିଲିୟନ ଡଲାରକୁ ବୃଦ୍ଧି ପାଇପାରେ। ସିଏଡି ମଧ୍ୟ ଜିଡିପିର ୦.୩% ବୃଦ୍ଧି ପାଇବାର ଆଶା କରାଯାଉଛି। ଉଚ୍ଚ ତୈଳ ମୂଲ୍ୟ ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବ। ଏହା ସାଧାରଣ ଲୋକଙ୍କ ଉପରେ ସିଧାସଳଖ ଆର୍ଥିକ ବୋଝ ପକାଇବ ଏବଂ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇବ। ହରମୁଜ୍ ପ୍ରଣାଳୀ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥ। ବିଶ୍ୱର ପ୍ରାୟ ୨୦% ତେଲ ଏବଂ ଏଲ୍‌ଏନ୍‌ଜି ଏହି ପଥ ଦେଇ ଗତି କରେ। ଇକ୍ରା ଅନୁଯାୟୀ, ଭାରତର ୪୫-୫୦% ଅଶୋଧିତ ତୈଳ ଆମଦାନୀ ଏବଂ ୬୦% ପ୍ରାକୃତିକ ଗ୍ୟାସ ଆମଦାନୀ ଏହି ପଥ ଦେଇ ହୁଏ। ରିପୋର୍ଟରେ କୁହାଯାଇଛି, ‹ଇରାକ, ସାଉଦି ଆରବ, କୁୱେତ ଏବଂ ୟୁଏଇରୁ ଆସୁଥିବା ଅଶୋଧିତ ତୈଳ, ଯାହା ହରମୁଜ୍ ଦେଇ ଗତି କରେ, ଭାରତର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୪୫-୫୦%। ଭାରତ ଆମଦାନୀ କରୁଥିବା ପ୍ରାକୃତିକ ଗ୍ୟାସର ପ୍ରାୟ ୬୦% ଏସ୍‌ଓଏଚ୍ ଦେଇ ଗତି କରେ।

ଇତିମଧ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁ ତେଲ ଦର ପ୍ରତି ବ୍ୟାରେଲ ୬୪-୬୫ ରୁ ୭୪-୭୫ ଡଲାରକୁ ବୃଦ୍ଧି ପାଇଛି। ଏହା ଘଟିଛି କାରଣ ଲୋକମାନେ ଆଶଙ୍କା କରିଥିଲେ ଯେ ତେଲ ଯୋଗାଣରେ ବାଧା ସୃଷ୍ଟି ହୋଇପାରେ। ଇକ୍ରା କହିଛି ଯେ ଯଦି ଏହି ସଂଘର୍ଷ ଆହୁରି ବଢ଼େ, ତେବେ ଅଶୋଧିତ ତୈଳ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଇକ୍ରା ଆକଳନ କରିଛି ଯେ ୨୦୨୫-୨୬ ଆର୍ଥିକବର୍ଷରେ ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୭୦-୮୦ଡଲାର ରହିବ।

## ବିକାଶରେ ଅଧ୍ୟାପକ ବିକାଶ କର୍ମଶାଳା 'ଏଡୁକନ୍-୨୦୨୫' ଉଦ୍‌ଯାପିତ




ବରଗଡ଼,୨୦।୬(ସମିସ)

ବିକାଶ ହାୟର୍ ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ଦୁଇଦିନ ବ୍ୟାପି ଚାଲିଥିବା ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ' ଏଡୁକନ୍ ୨୦୨୫' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପ ଭବାନୀପାଟଣା, ବିଦ୍ୟା ବିକାଶ ଗ୍ରୁପ୍ ସମ୍ବଲପୁର ଏବଂ ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ, ବରଗଡ଼ର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ଅଧ୍ୟାପକ ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାର ଲକ୍ଷ୍ୟ ଉଚ୍ଚ ଶିକ୍ଷା ବିଭାଗରେ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବା ପାଇଁ ଅଧ୍ୟାପକ-ଅଧ୍ୟାପିକାଙ୍କ ପାଇଁ ଅଭିନବ କୌଶଳ ଏବଂ ଶିକ୍ଷାଶୈଳୀ ଉପରେ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରିବା। ବିକାଶ ବରଗଡ଼, ଭବାନୀପାଟଣା ଏବଂ ସମ୍ବଲପୁର କ୍ୟାମ୍ପସ୍‌ରୁ ୧୫୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରିଥିବା ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ର. ଡ. ମଧୁମିତା ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ର. ଡ. ଭିକାରୀ ଚରଣ ଗୁରୁ ଏବଂ ଏ.ଆଇ. ପି.ଏଚ୍ ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ର. ଡ. ଜ୍ୟୋତିର୍ମୟ ମହାପାତ୍ର ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷାନୀତି, ଗୁରୁ-ଶିଷ୍ୟ-ଅଭିଭାବକଙ୍କ ତ୍ରୈକୋଣୀୟ ମାନବୀୟ ସମ୍ବନ୍ଧ, ଅଭିନବ ଶିକ୍ଷା ପଦ୍ଧତି ତଥା ଗୁଣାତ୍ମକ ଉଚ୍ଚଶିକ୍ଷା କିପରି ବିକାଶୋନ୍ମୁଖୀ ହୋଇପାରିବ ତାହା ଏଡୁକନ୍-୨୦୨୫ ପ୍ରଥମ ଦିବସର ବିଷୟବସ୍ତୁ ଥିଲା। ଉଦ୍‌ଯାପନୀ ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପର ଅଧ୍ୟକ୍ଷ ଡି. ନାଗେଶ୍ୱରରାଓ, ବିଦ୍ୟା ବିକାଶ ଗ୍ରୁପ୍‌ର ସିଏମ୍‌ଡି ଜି. ଭାସ୍କରରାଓ, ଲକ୍ଷ୍ମୀ ବିକାଶ ଭବାନୀପାଟଣା ଡାଇରେକ୍ଟର ଦାସରୀ ଶ୍ୟାମ, ଦାସରୀରାମ, ଦାସରୀ ପଦ୍ମିନୀ ବିକାଶ କର୍ତ୍ତୃପକ୍ଷ ଭାବେ ଉପସ୍ଥିତ ଥିଲେ। ବିକାଶ ହାୟର୍ ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ସିଇଓ ଇଂ ଅଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ରୀରାଓ ଏବଂ ଡି.ରାମ ଏଡୁକନ୍‌ର ଲକ୍ଷ୍ୟ ଉପରେ ମତ ରଖିଥିଲେ। ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ, ପ୍ର. ସତ୍ୟବ୍ରତ ମିଶ୍ର ଏବଂ ଡ. ଆଦିତ୍ୟ ପଟ୍ଟନାୟକ ପ୍ରଥମ ଦିବସରେ ଅତିଥି ପରିଚୟ ପ୍ରଦାନ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୪୯-ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ସ୍ଥାପନା କରାଗଲା।
- ୧୯୭୫- ୱେଷ୍ଟଇଣ୍ଡିଜ୍ ପ୍ରଥମ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା।
- ୧୯୯୧-ପି.ଭି ନରସିଂହ ରାଓ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୨- ୟୁରୋପୀୟ ୟୁନିଅନ୍‌ର ୧୫ଜଣ ରାଷ୍ଟ୍ରାଧ୍ୟକ୍ଷଙ୍କୁ ନେଇ ସ୍ପେନ୍‌ରେ ବୈଠକ ଆରମ୍ଭ ହେଲା।
- ୨୦୦୯ - ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ୍ 'ସୁପର୍ ସିରିଜ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ' ଜିତିଲେ।



# ସଙ୍ଗୀତକୁ ସମର୍ପିତ ଦିନଟିଏ

ମଣିଷ ଜୀବନ ପାଇଁ ସଙ୍ଗୀତ ଈଶ୍ୱରଙ୍କ ପ୍ରଦତ୍ତ ଏକ ସୁନ୍ଦର ଉପହାର। ଏହା ମଣିଷର ସୁଖଦୁଃଖର ଚିରସହଚର। ସଙ୍ଗୀତ ହେଉଛି ଜୀବନ ଆଉ ସାଧନ। ସେଥିପାଇଁ କୁହାଯାଏ, ସାତ ସୂରେ ବନ୍ଧା ଏ ଜୀବନ। ସଙ୍ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହଁ ବରଂ ମଣିଷର ସୃଜନୀ ଶକ୍ତିର ବିକାଶ ସହ ସମାଜରେ ଶାନ୍ତି ଓ ମୈତ୍ରୀ ଚେତନାର ପ୍ରସାର ଦିଗରେ ଅନେକ ଭାବରେ ସହଯୋଗ କରେ। ବିଭିନ୍ନ କାଳ୍ପନିକ କଥା ତଥା ଭାବନାକୁ ଶବ୍ଦରେ ପରିଣତ କରି ପରିବେଷଣ କରାଯାଉଥିବା ସଙ୍ଗୀତ ସବୁ ସମୟରେ ମନକୁ ଆନନ୍ଦ ଦିଏ। ସଙ୍ଗୀତର ଗୁରୁତ୍ୱ ବାବଦରେ ଲୋକଙ୍କୁ ଅବଗତ କରାଇବା ତଥା ସଙ୍ଗୀତଜ୍ଞଙ୍କୁ ଉତ୍ସାହିତ କରିବା ଲାଗି ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ବିଶ୍ୱ ସଙ୍ଗୀତ ଦିବସ' ଭାବେ ପାଳନ କରାଯାଏ। ସେହିପରି ମ୍ୟୁଜିକ୍ ଥେରାପି ମନୁଷ୍ୟର ମାନସିକ ଦୁଃଶ୍ଚିନ୍ତା, ଅବସାଦ ତଥା ସୁସ୍ଥ ଶରୀର ଲାଗି ଖୁବ୍ ଉପଯୋଗୀ। ସଙ୍ଗୀତ ଦିବସର ପ୍ରାରମ୍ଭ ୧୯୮୨ରେ ଫ୍ରାନ୍ସରେ ହୋଇଥିଲା। ଆଉ ଏହାର ଶ୍ରେୟ ସେଠାକାର ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଜ୍ୟାକ୍ ଲେଙ୍ଗ୍‌କୁ ଦିଆଯାଏ। ଅନ୍ୟପଟେ ଏହି ଦିବସ 'ଫେଟେ ଡି ଲା ମ୍ୟୁଜିକ୍' ବା 'ମେକ୍ ମ୍ୟୁଜିକ୍ ଡେ' ନାଁରେ ମଧ୍ୟ ପରିଚିତ। ପ୍ରଥମ ସଙ୍ଗୀତ ଦିବସ ପାଳନ ଅବସରରେ ଫ୍ରାନ୍ସ ସମେତ ୩୨ରୁ ଅଧିକ ଦେଶ ସାମିଲ ହୋଇଥିଲେ। ଏବେ ଏହି ଦିବସକୁ ଭାରତ, ଇଟାଲୀ, ଗ୍ରୀସ୍, ରୁଷ, ଅଷ୍ଟ୍ରେଲିଆ, ପେରୁ, ବ୍ରାଜିଲ, ଇକ୍ୱାଡୋର୍, ମେକ୍ସିକୋ, କାନାଡ଼ା, ଆମେରିକା, ବ୍ରିଟେନ, ଜାପାନ, ଚୀନ୍, ମଲେସିଆ ସମେତ ଆହୁରି ଅନେକ ଦେଶ ପାଳନ କରୁଛନ୍ତି। ଏହି ଅବସରରେ ସଙ୍ଗୀତପ୍ରେମୀମାନେ ବିଭିନ୍ନ ସ୍ଥାନରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏହାବାଦ୍ ଏହି ଅବସରରେ ସଙ୍ଗୀତକାର ତଥା କଣ୍ଠଶିଳ୍ପୀଙ୍କୁ ସମ୍ମାନିତ କରାଯାଏ।

# ଯୋଗ: ଏଚ୍‌ଆଇଭି ଯୋଦ୍ଧାମାନଙ୍କ ପାଇଁ ଦୈନିକ ସୁସ୍ଥ ରହିବାର ସଞ୍ଜୀବନୀ ସ୍ପର୍ଶ

**ଆଜି ଅନ୍ତର୍ଜାତୀୟ ଯୋଗ ଦିବସ**

**ସ୍ମୃତି ସାଗରିକା କାନୁନଗୋ**

ଜୁନ୍ ୨୧ ତାରିଖ ଆନ୍ତର୍ଜାତୀୟ ଯୋଗ ଦିବସ, କେବଳ ୫୦୦୦ ବର୍ଷ ପୁରୁଣା ପରମ୍ପରାର ଏକ ଉତ୍ସବ ନୁହେଁ - ଏହା ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ସାମଗ୍ରିକ ସ୍ୱାସ୍ଥ୍ୟର ଗୁରୁତ୍ୱର ଏକ ସମୟୋଚିତ ସ୍ମରଣକାରୀ ମୁହୂର୍ତ୍ତ। ଆଧୁନିକ ଜୀବନର ଚାପ, ଜୀବନଶୈଳୀ ଜନିତ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ ହୋଇଥିବାରୁ, ଯୋଗ ଶାରୀରିକ ଜୀବନଶକ୍ତି, ମାନସିକ ଶାନ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି। ଯୋଗ ସାର୍ବଜନୀନ ସୁସ୍ଥତା ପାଇଁ ମଧ୍ୟ ଏକ ଧାରାବାହିକ ଅଭ୍ୟାସ। ଯୋଗର ଜନ୍ମଭୂମି ଭାରତ। ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ ବରଂ ଏହା ନିରାମୟ ଜୀବନଯାପନର ଏକ ବୈଜ୍ଞାନିକ ଉପାୟ। ଏହା ଶାରୀରିକ ଆସନ (ଆସନ), ଶ୍ୱାସକୌଶଳ (ପ୍ରାଣାୟମ) ଏବଂ ଧ୍ୟାନ(ଧ୍ୟାନ)ର ମିଶ୍ରଣ ମାଧ୍ୟମରେ ଶରୀର, ମନ ଏବଂ ଆତ୍ମାକୁ ସମନ୍ୱିତ କରେ। ନିୟମିତ ଯୋଗାଭ୍ୟାସ ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସ୍ୱାସ୍ଥ୍ୟରେ ଉନ୍ନତି, ଚାପ, ଚିନ୍ତା ଏବଂ ଅବସାଦ ହ୍ରାସ, ସୁନିଦ୍ରା ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ। ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ। ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ ଏଚ୍‌ଆଇଭି ଏଡ୍‌ସ(ପିଏଲ୍‌ଏଚ୍‌ଆଇଭି) ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ - ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚ୍ୟାଲେଞ୍ଜ ଆଣିଥାଏ ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ। କିଛି ଯୌଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି କରେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ନିୟମିତ ଯୋଗାଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଅବସାଦର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧି କରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚ୍‌ଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏହା ବୟସ, ଲିଙ୍ଗ, ଧର୍ମ, ଆର୍ଥିକ ସ୍ଥିତି ସମସ୍ତଙ୍କ ପାଇଁ ଯୋଗର ବାର୍ତ୍ତା ସାର୍ବଜନୀନ। ଏଚ୍‌ଆଇଭି/ ଏଡ୍‌ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ, ଏହା ମର୍ଯ୍ୟାଦା, ସଶକ୍ତିକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ, ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଆମକୁ ମନେ ପକାଇ ଦେଉଛି ଯେ, ସ୍ୱାସ୍ଥ୍ୟ ପାଇଁ ଯୋଗ ଏକ ସାମୂହିକ ଯାତ୍ରା। ଆବାଳବୃଦ୍ଧବନିତା ହୁଅନ୍ତୁ ବା ଦୀର୍ଘକାଳୀନ ରୋଗରେ ପୀଡ଼ିତ ବ୍ୟକ୍ତି ଯୋଗ ଶରୀରକୁ ସୁସ୍ଥତା ପ୍ରଦାନ ପାଇଁ ରହିଛି। ଆସନ୍ତୁ ଆମେ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ଏକ ରୀତି ଭାବରେ ନୁହେଁ, ବରଂ ନିଜ ପାଇଁ ଏବଂ ଆମର ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା।



**'ଏସ୍‌ଏସ୍‌ଏମ୍‌ବି୨୯'**

# ହାଇଦ୍ରାବାଦରେ ବନାରସ ସେଟ୍

ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ଏବେ 'ଏସ୍‌ଏସ୍‌ଏମ୍‌ବି୨୯' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ମହେଶ ବାବୁ, ପୃଥ୍ୱୀରାଜ ସୁକୁମାରନ୍, ପ୍ରିୟାଙ୍କ ଚୋପ୍ରା ଜୋନାସ ଲିଡ୍ ରୋଲରେ ନଜର ଆସିବେ। ବନାରସ ସହରକୁ ଏହି ଫିଲ୍ମରେ ଦର୍ଶାଯିବ। ରାଜମୌଳି ବନାରସରେ ଫିଲ୍ମର ସୁଟିଂ ନ କରି ହାଇଦ୍ରାବାଦର ରାମୋଜି ଫିଲ୍ମ ସିଟିରେ ଏହାକୁ ରିକ୍ରିଏଟ୍ କରିଛନ୍ତି। ଏହି ସେଟ୍ ତିଆରି ପାଇଁ ପାଖାପାଖି ସେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଥିବା କୁହାଯାଉଛି। ତେବେ ଏହି ସେଟ୍‌ରେ ମହେଶବାବୁଙ୍କର କିଛି ଜବରଦସ୍ତ ଆକ୍ସନ୍ ସିନ୍ ସୁଟ୍ ହେବ। ସେହିଭଳି ଆସନ୍ତା ଜୁଲାଇ ମାସରୁ ପ୍ରିୟଙ୍କା ଓ ମହେଶ ବାବୁ କେନିଆରେ ସୁଟିଂ ଆରମ୍ଭ କରିବେ। ଏହି ଫିଲ୍ମ ମାଧ୍ୟମରେ ପ୍ରିୟଙ୍କା ଦୀର୍ଘ ଛଅ ବର୍ଷର ଅନ୍ତରାଳ ପରେ ଭାରତୀୟ ସିନେମାକୁ ଫେରୁଛନ୍ତି। ପ୍ରିୟଙ୍କା ଶେଷ ଥର ପାଇଁ 'ଦ ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ଦେଖାଯାଇଥିଲେ।

# ସୁମନ

## ସକାଳ ଶିଶୁ କୁଇଜ୍-୧୬୯

(୧) ଇଣ୍ଡୋନେସିଆର ରାଜଧାନୀର ନାମ କ'ଣ?
ଉତ୍ତର : ____________

(୨) ସୌରମଣ୍ଡଳର ସବୁଠୁ ଉତ୍ତପ୍ତ ଗ୍ରହର ନାମ କ'ଣ?
ଉତ୍ତର : ____________

(୩) ଓଡ଼ିଶାର କେଉଁ ସ୍ଥାନରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣନ୍ତି?
ଉତ୍ତର : ____________

(୪) ପ୍ରଧାନପାଟ ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର : ____________


(୫) ସ୍ୱାଧୀନ ଭାରତର ପ୍ରଥମ ଅର୍ଥମନ୍ତ୍ରୀଙ୍କ ନାମ କ'ଣ?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ପର୍ଶୁରାମ ମଲ୍ଲିକ୍, ନିମାପଡ଼ା
- ସୋମ୍ୟା ସୁଚରିତା ସାହୁ, କପ୍ତିପଦା, ମୟୂରଭଞ୍ଜ
- ରଜତ କୁମାର ନାୟକ, ଆଠଗଡ଼, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ରଥଯାତ୍ରା





ରଥ ଯାଆ ଗଡ଼ି ଯା, ଚକ ଗଡ଼ି ଯାରେ
ଆଷାଢ଼େ ଗୁଣ୍ଡିଚା ଯାତ, ବୁଲିଯିବେ ପ୍ରଭୁ ଜଗନ୍ନାଥ
ସଜ ହୋଇଲାଣି ନନ୍ଦିଘୋଷ, ଆସ ପ୍ରଭୁ ବେଗେ ଆସ
ଶରଧା ବାଲିରେ ଗଡ଼ି, ରଥ ଯିବ ଆମ ଗଡ଼ି
ରଥ ଯା, ଗଡ଼ି ଯା...
ଆଗେ ବଳରାମ ଭାଇ, ମଝିରେ ହଳଦୀ ମୁହିଁ
ମାଉସୀ ବସିଛି ଚାହିଁ, ପୋଡ଼ପିଠା ଦେବ ଖୋଇ
ଭକତ ତୋ ଆଗେ ପଛେ, ଜୟ ଜଗନ୍ନାଥ କହି
ରଥ ଯା ଗଡ଼ି ଯା...
ଜନମ ବେଦୀରେ ଚାହିଁ ବସିଛି, ତୋହରି ଗୁଣ୍ଡିଚା ମାଆ
ଖୁଆଇ ଦେବ ସର ଲବଣୀ, ବେଗି ବେଗି ତୁ ଆ
ରଥ ଯା ଗଡ଼ି ଯା..
ନଅ ଦିନ ଯାଏ ମାଆ କୋଳେ ବସି ଖାଇବୁ ବଗଡ଼ା ଅନ୍ନ
ଭକତ ଭିଡ଼ରେ ଖୁସି ହେଉଥିବୁ, ଭକତ ଜୀବ ଜୀବନ
ରଥ ଯା ଗଡ଼ି ଯା ....



**ପୁଷ୍ପଲତା ସାହୁ**
ଝାରସୁଗୁଡ଼ା
ମୋ-୬୩୭୧୪୧୫୨୪୧

# ବାଘର ମାଉସୀ ବିଲେଇ







**ସୁଧାଂଶୁ ଶେଖର ଦ୍ୱିବେଦୀ**

ବିଲେଇଟିଏ ଥିଲା। ବୁଲାବୁଲି କରିବାରେ ତା'ର ଭାରି ସଉକ। ଦିନ ଆରମ୍ଭ ହେବାମାତ୍ରେ ବୁଲିବାକୁ ବାହାରି ପଡ଼େ। ପୂରା ଦିନ ଖାଲି ବୁଲିବ। ଥରେ ବୁଲୁବୁଲୁ ସେ ଘୋର ଜଙ୍ଗଲ ମଧ୍ୟରେ ପହଞ୍ଚିଗଲା। ରାସ୍ତା ମଝିରେ ବେଧଡ଼କ ଚାଲିଥାଏ। ହଠାତ୍ ତାକୁ ଗୋଟେ ଠେକୁଆ ବାଟ ଓଗାଳି କହିଲା- ଆରେ ତୁ କିଏ? ତୋତେ ତ ଏ ଜଙ୍ଗଲରେ କେବେ ଦେଖିନାହିଁ। ତୁ ଯିଏ ବି ହେଇଥା ହେଲେ ମଝି ରାସ୍ତାରୁ ହଟିଯା। ଏବେ ଜଙ୍ଗଲର ରାଜା ମହାବଳ ବାଘ ଭ୍ରମଣ କରିବାକୁ ବାହାରିବେ। ସେ ତୋତେ ରାସ୍ତା ମଝିରେ ଚାଲୁଥିବା ଦେଖିଲେ କଞ୍ଚା ଚୋବେଇଦେବେ। ବିଲେଇ କିନ୍ତୁ ଛାଡ଼ିବା ଜନ୍ତୁ ନୁହେଁ। ଅତି ନିର୍ଭୟରେ କହିଲା- ହେ, ମୁଁ ସେ ବାଘ-ଫାଘ କାହାକୁ ଡରେ ନାହିଁ। ଏହା କହିବା ସହିତ ସେ ଆଗକୁ ବଢ଼ିଲା। କିଛି ଦୂର ସେ ଯାଇଛି ଦୁଇ ଶୃଗାଳ ସୈନିକ କୁଦାମାରି ତା' ପାଖରେ ପହଞ୍ଚି କହିଲେ- ତୋର ତ ବହୁତ ସାହସ! ତୁ କିଏ ରେ? ରାଜା ଏବେ ଭ୍ରମଣ ନିମନ୍ତେ ବାହାରିଛନ୍ତି। ତୋତେ ମଝି ରାସ୍ତାରେ ଦେଖିଲେ ଶୂନ୍ୟ ହେଇଯିବୁ। ଶୀଘ୍ର ପଳା। ବିଲେଇ ମୁଣ୍ଡ ଟେକି ନିଶକୁ ଫୁଲେଇ କହିଲା-ବାଘ ରାଜା ହୋଇଥିବ ତୁମର। ମୁଁ ତାକୁ ଡରେନି କି ଖାତିର୍ କରେନି। ଠିକ୍ ସେତିକିବେଳେ ବାଘ ହେଣ୍ଟାଳ ରଡ଼ି ଛାଡ଼ି ସେଠି ପହଞ୍ଚିଲା। ଦୁଇ ସୈନିକ ଶୃଗାଳ ଭୟରେ ଥରୁଥାନ୍ତି। ବିଲେଇ କିନ୍ତୁ ପୂର୍ବପରି ନିର୍ଭୀକ ଭାବେ ଛିଡ଼ା ହୋଇ ରହିଲା। ବାଘ ଗର୍ଜନ କରି ପଚାରିଲା- ତୁ କିଏରେ? ଦୁଇ ଶୃଗାଳ ସୈନିକ କହିଲେ- ମହାରାଜ! ଇଏ କହୁଛି ଆପଣଙ୍କୁ ଡରେ ନାହିଁ କି ଖାତିର୍ କରେନାହିଁ। ବାଘର ମଗଜ ଗରମ ହେଇଗଲା। ଡେମା ଡେମା ଆଖି ବାହାର କରି କହିଲା- ତୁ କ'ଣ ମୋତେ ଭୟ କରୁନାହୁଁ। ଜାଣୁ ମୁଁ ଏ ଜଙ୍ଗଲର ରାଜା। ବିଲେଇ ନିଶକୁ ସାଉଁଳି କହିଲା-ତୁ ରାଜା ହେଲେ ହେଇଥା! ମୁଁ କୋଉ ଏ ଜଙ୍ଗଲରେ ରହୁଛି ଯେ ତୋତେ ରାଜା ବୋଲି ଖାତିର୍ କରିବି। ତୁ ଭୁଲିଯାଇଛୁ ମୁଁ ତୋ ପରିବାର ସଦସ୍ୟ। ମୋ ପରିବାର ସଦସ୍ୟ! ବାଘ ଆଶ୍ଚର୍ଯ୍ୟ ହୋଇ ପଚାରିଲା। ବିଲେଇ ମୁହଁ ହଲେଇ କହିଲା-ଆରେ ତୋତେ ଏତିକି ଜଣାନାହିଁ ତୋ ମା' ଆଉ ମୁଁ ଦୁଇ ଭଉଣୀ। ବାଘ ଚକିତ ହୋଇ ବିଲେଇର ମୁହଁକୁ କିଛି କ୍ଷଣ ଦେଖି କହିଲା-ତୁ ମିଛ କହୁଛୁ। ମୋ ଠାରୁ ଜୀବନ ବଞ୍ଚେଇବାକୁ ବାହାନା କରୁଛୁ। କାହିଁ ମୋ ଶକ୍ତିଶାଳୀ ମା' କାହିଁ ତୋ ଭଳି ଗୋଟେ ଛୋଟିଆ ଜୀବ! ତୁ ଯାହା କହୁଛୁ ଠିକ୍ ହେଲେ ଆମେ ଦୁହେଁ ଦୁଇ ଭଉଣୀ। ତୋ ମା'ର ଶରୀର ଶକ୍ତିଶାଳୀ ହେବାରେ ଗୋଟେ କାହାଣୀ ଅଛି। ବିଲେଇ କଥା ଶୁଣି ବାଘ ଉତ୍କଣ୍ଠାରେ ପଚାରିଲା-କୋଉ କାହାଣୀ? ବିଲେଇ ମନଗଢ଼ା କାହାଣୀ ଶୁଣେଇଲା- ମୁଁ ଓ ତୋ ମା' ଗୋଟେ ମା'ର ପିଲା। ତୋ ମା' ବଡ଼ ମୁଁ ସାନ। ତୋ ମା' ବଡ଼ ହେବାପରେ ଜଙ୍ଗଲକୁ ଚାଲିଗଲା। ଗୁମ୍ଫାରେ ରହିଲା। ଜଙ୍ଗଲର ନିରୀହ ପଶୁଙ୍କୁ ଶିକାର କରି ଖାଇଲା। ଧୀରେ ଧୀରେ ତା' ଶରୀର ବଢ଼ିବାକୁ ଲାଗିଲା। ସେତେବେଳେ ମୁଁ କୁନି ଛୁଆଟେ ଥିଲି। ତୋ ମା'କୁ ଖୋଜିବା ଲାଗି ଜଙ୍ଗଲ ଭିତରକୁ ଯିବାବେଳେ ରାସ୍ତା ଭୁଲିଗଲି। ସେଇଠୁ ଗୋଟେ ଗାଁରେ ଯାଇ ପହଞ୍ଚିଲି। ତୋ ମା'କୁ ନ ପାଇ ପୁଣି ରାସ୍ତା ଭୁଲି କାନ୍ଦିବାକୁ ଲାଗିଲି। ସେ ଗାଁର ଜଣେ ଲୋକ ଆସି ମୋ ଲୁହ ପୋଛି ଆଉଁଶି ଦେଲା। ତା' ଘରକୁ ନେଇ ରଖିଲା। ସେ ଯାହା ଖାଏ ମୋତେ ବି ଖାଇବାକୁ ଦିଏ। ଘର ଖାଦ୍ୟ ଖାଇ ମୋ ଶରୀର ବଳିଷ୍ଠ ହେଲା ନାହିଁ। ସେଇଦିନରୁ ମୁଁ ଛୋଟ ହୋଇ ରହିଗଲି। ବାଘ ରାଜା ଓ ଦୁଇ ଶୃଗାଳ ସୈନିକ ବିଲେଇର କାହାଣୀକୁ ସତ ଭାବିଲେ। ବାଘ ଖୁସିରେ ଉଲ୍ଲସିତ ହୋଇ ବିଲେଇକୁ କହିଲା-ମୋ ମା' ତ ଆଉ ଦୁନିଆରେ ନାହିଁ। ତୁ ମୋ ମାଉସୀ। ଏବେଠୁ ତୁ ଏ ଜଙ୍ଗଲରେ ରହିବୁ। ବିଲେଇ ମୁହଁ ଛିଞ୍ଚାଡ଼ି କହିଲା-ନା ବାବା ନା-ମୋ ବିନା ମୋ ମାଲିକ ରହିପାରିବ ନାହିଁ। ସେ ମୋତେ ଚାରିଆଡ଼େ ଖୋଜୁଥିବ। ମୁଁ ଗାଁକୁ ଯାଉଛି। ବାଘ ତା' ପଞ୍ଝାରେ ବିଲେଇ ମୁଣ୍ଡକୁ ଆଉଁସି କହିଲା-ହଉ ତୋ ଇଚ୍ଛା ଯାହା କରୁଛୁ କର। ହେଲେ ଯେବେବି ତୋର ମନ ହେବ ଜଙ୍ଗଲକୁ ବୁଲାବୁଲି କରିବାକୁ ଆସିବୁ। ବିଲେଇ ଗାଁ ପଟକୁ ଗୋଡ଼ ବଢ଼ାଇଲା। ରାସ୍ତାସାରା ସେ ମନ ଖୁସିରେ ଡିଆଁମାରି କହି ହେଉ ଥାଏ- ମୁଁ ତ ବାଘର ମାଉସୀ...ମୁଁ ତ ବାଘର ମାଉସୀ... ।

ବିସି-୭୪, ସଲ୍ଟ ଲେକ୍, କୋଲକାତା
ମୋ-୯୬୮୧୩୭୩୫୧୨


## ତୁଳି ଆଉ ରଙ୍ଗ







**ଗୌରବ ଦାସ**
ଅଷ୍ଟମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା






**ସାଇ ଆଦିତ୍ୟ ପ୍ରଧାନ**
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ସତ୍ୟବାଦୀ





**ପ୍ରତୀକ ଅଦାବର**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ବୀରମହାରାଜପୁର, ସୁବର୍ଣ୍ଣପୁର





**ବିଭାବରୀ ଦତ୍ତ**
ତୃତୀୟ ଶ୍ରେଣୀ
କୋହେନ ଇଣ୍ଟର ନ୍ୟାସନାଲ ସ୍କୁଲ
ଭୁବନେଶ୍ୱର

## ପ୍ରହେଳିକା

- ବର୍ଷରେ ଥରୁଟେ ଏହି ଯାତରା
ହୁରି ପଡୁଥାଏ ଦୁନିଆଁ ସାରା
ଦେଶ ବିଦେଶରୁ ଆସନ୍ତି ଧାଇଁ
ପ୍ରଭୁ ଦରଶନ କରିବା ପାଇଁ
ମନ୍ଦିର ଛାଡ଼ି ପ୍ରଭୁ ବାହାର ଆସି
ଭକ୍ତଙ୍କ ମେଳରେ ହୁଅନ୍ତି ଖୁସି
ବୁଲୁଥାନ୍ତି ପ୍ରଭୁ ରଥରେ ଚଢ଼ି
ଆନନ୍ଦରେ ଭକ୍ତ ନିଅନ୍ତି ଭିଡ଼ି
ଆଷାଢ଼ ମାସରେ ଯାତରା ହୁଏ
ନାମଟି ତାହାର କହିବ କିଏ?
ଉ-ରଥଯାତରା

- କରିବା ପାଇଁକି ପ୍ରଭୁ ଭ୍ରମଣ
ନୂତନ କାଠରେ ହୁଏ ନିର୍ମାଣ
ବର୍ଷରେ ଥରୁଟେ ପ୍ରସ୍ତୁତି ତାର
ଯିବାପାଇଁ ପ୍ରଭୁ ମାଉସୀ ଘର
ପ୍ରଭୁଙ୍କର ଏକ ବାହନ ସିଏ
ନାମଟି ତାହାର କହିବ କିଏ?
ଉ-ରଥ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

### ଜୟସ୍ୱାଲଙ୍କ ଶତକ, ଗିଲ୍‌ଙ୍କ ଦୃଢ଼ ବ୍ୟାଟିଂ

# ଦମ୍‌ଦାର ଖେଳରୁ ଭାରତର ଇଂଲଣ୍ଡ ଟୁର୍ ଆରମ୍ଭ

ଲିଡ୍ସ,୨୦।୬ (ଏଜେନ୍ସି)

ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଭାରତ ଘରୋଇ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଦମ୍‌ର ସହ ଆରମ୍ଭ କରିଛି। ଏଠାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଦିନ ଟି ସୁଦ୍ଧା ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୨୧୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଯୁବ ଓପନର ଜୟସ୍ୱାଲ ୧୦୦ ଓ ଯୁବ ଅଧିନାୟକ ଗିଲ୍ ୫୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତର ଅନ୍ୟତମ ଓପନର ତଥା ବରିଷ୍ଠ ଓ ଅଭିଜ୍ଞ ଲୋକେଶ ରାହୁଲ ୪୨ ଓ ଏଠାରେ ଟେଷ୍ଟ ଡେବ୍ୟୁ କରିଥିବା ସାଇ ସୁଦର୍ଶନ ଖାତା ଖୋଲିବାରେ ଅସମର୍ଥ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ କାର୍ସ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଜଣେ ଲେଖାଏଁ ଭାରତୀୟ ଖେଳାଳିଙ୍କୁ ପାଭିଲିୟନ ପଠାଇବାରେ ସଫଳ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଶୁବମନ ଗିଲ୍ ଭାରତର ୩୭ତମ ଟେଷ୍ଟ ଅଧିନାୟକ ଭାବେ ପଦାର୍ପଣ କରିଛନ୍ତି। ଏହି ଟେଷ୍ଟର ପ୍ରଥମ ଦିନରେ ଶୁବମନଙ୍କ ଡେବ୍ୟୁ ନିଶ୍ଚିତ ଭାବେ ଶୁଭଙ୍କର ହୋଇଛି।

ଏହି ଟେଷ୍ଟରେ ଭାରତ ଲାଗି ପ୍ରଥମଥର ନେତୃତ୍ୱ ନେଇଥିବା ଶୁବମନ ଗିଲ୍ ପ୍ରଥମ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲେ। ଏଠିକାର ସୁଇଂ ନେଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିବା କଷ୍ଟକର ହୋଇଥାଏ। କିନ୍ତୁ ଦୁଇ ଓପନର ଅଭିଜ୍ଞ ରାହୁଲ ଓ ପ୍ରତିଭାବାନ ଜୟସ୍ୱାଲ ଅତ୍ୟନ୍ତ ଧୈର୍ଯ୍ୟ, ସଂଯମ ଓ ଏକାଗ୍ରତାର ସହ ଘରୋଇ ଫାଷ୍ଟ ବୋଲରଙ୍କୁ ମୁକାବିଲା କରିଥିଲେ। ଯାହା ଫଳରେ ଏମାନେ ଆଉଟ ହେବାର ଗୋଟିଏ ହେଲେ ସୁଯୋ ଦେଇ ନ ଥିଲେ।



କିନ୍ତୁ ଲଞ୍ଚ ପୂର୍ବରୁ ବ୍ରାଇଡନ୍ କାର୍ସଙ୍କ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ କଟ କରିବାକ ଯାଇ ସ୍ଲିପ୍‌ରେ ଜୋ ରୁଟ୍‌ଙ୍କ ହାତରେ ଧରା ପଡ଼ିଥିଲେ। ୨୫ତମ ଓଭରରେ ଭାରତ ପ୍ରଥମ ଓ ୫ଟି ବଲ ବ୍ୟବଧାନରେ ଦ୍ୱିତୀୟ ୱିକେଟ ହରାଇଥିଲା। ଲଞ୍ଚ୍ ପୂର୍ବରୁ ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ ପ୍ରତିପକ୍ଷ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ତାଙ୍କ ୱିକେଟ ଦାନ କରିଦେଇଥିଲେ। ପୂର୍ବରୁ ଜୟସ୍ୱାଲ ଓ ରାହୁଲଙ୍କ ବ୍ୟାଟିଂ ବେଶ ଉଚ୍ଚକୋଟୀର ହୋଇଥିଲା ଓ ଏମାନେ ପ୍ରଥମ ୱିକେଟ ଭାଗୀଦାରିରେ ୨୫.୪ ଓଭର ବା ୧୫୧ଟି ବଲ୍‌ରୁ ୯୧ ରନ୍ ଉଠାଇ ଭାରତ ଲାଗି ଏକ ବଡ଼ ପ୍ଲାଟଫର୍ମ ପ୍ରସ୍ତୁତ କରିଦେଇଥିଲେ। ଏମାନେ ମଧ୍ୟ ୨୦୧୨ ପରେ ଏହି ଷ୍ଟାଡିୟମ୍‌ରେ ମ୍ୟାଚ୍‌ର ପ୍ରଥମ ଇନିଂସରେ ପ୍ରଥମଥର ୫୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ପ୍ରଥମ ସେସନ୍‌ରେ ଭାରତ ୯୨ ରନ୍‌ରେ ୨ ୱିକେଟ ହରାଇଥିଲା। ରାହୁଲ ୭୮ ବଲ୍ ଖେଳି ୮ ସୁଦୃଶ୍ୟ ଚୌକା ସହ ୪୨ ରନ୍‌ରେ ଆଉଟ ହୋଇଥିଲେ। ଦୁର୍ଭାଗ୍ୟର କଥା ସୁଦର୍ଶନ ଖାତା ଖୋଲି ପାରି ନ ଥିଲେ।

ଲଞ୍ଚ ପରେ ଜୟସ୍ୱାଲ ଓ ଗିଲ୍ ଆରାମରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପିଚ୍ ଆଉ ବୋଲରଙ୍କୁ ସହାୟତା କରି ନ ଥିବା ବେଳେ ଗିଲ୍ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଲଞ୍ଚ ବେଳକୁ ଜୟସ୍ୱାଲ ୪୨ ରନ୍ କରିଥିଲାବେଳେ ଅର୍ଦ୍ଧଶତକ ପୂରଣ କରିଲା ବେଳକୁ ଗିଲ୍ ୩୩ ରନ୍‌ରେ ପହଞ୍ଚିଯାଇଥିଲେ। ୪୦ତମ ଓଭରରେ ସ୍ପିନ୍ ଆକ୍ରମଣ ହେବା ପରେ ଜୟସ୍ୱାଲ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ଉଭୟ ଖେଳାଳି ତୃତୀୟ ୱିକେଟରେ ଶତକୀୟ ଭାଗୀଦାରି ବଳରେ ଭାରତକୁ ଏକ ବିଶାଳ ସ୍କୋର ଦେବାରେ ସମର୍ଥ ହୋଇଥିଲେ। ୪୯ତମ ଓଭର ବୋଲିଂ କରିଥିବା କାର୍ସଙ୍କୁ ୧୩ ରନ୍ ଉଠାଇବା ସହ ଜୟସ୍ୱାଲ ଇଂଲଣ୍ଡରେ ପ୍ରଥମ ଶତକ ବା ପଦାର୍ପଣରେ ଶତକ ହାସଲ କରିଥିଲେ। ଇଂଲଣ୍ଡରେ ପ୍ରଥମ ପାଳିରେ ଶତକ ହାସଲ କରିବାରେ ୫ମ ଖେଳାଳି ହୋଇଥିଲେ। ସେହିପରି ଗିଲ୍ ମଧ୍ୟ ଏହି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ। ଯାହା ଫଳରେ ଗିଲ ୯ମ ଭାରତୀୟ ଅଧିନାୟକ ଭାବେ ପଦାର୍ପଣ ମ୍ୟାଚ୍‌ରେ ୫୦ରୁ ଅଧିକ ରନ୍ କରିବାରେ ସମର୍ଥ ହୋଇଥିଲେ।


## ଡେବ୍ୟୁରେ ସୁଦର୍ଶନ 'ଶୂନ'



ଲିଡ୍ସ,୨୦।୬ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସର୍ବାଧିକ ରନ୍ କରି ସମସ୍ତଙ୍କ ନଜରକୁ ଆସିଥିବା ଗୁଜରାଟ ଟାଇଟାନ୍ସ ତଥା ତାମିଲନାଡୁ ବ୍ୟାଟର ସାଇ ସୁଦର୍ଶନ ଏଠାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ ଡେବ୍ୟୁ କରିଛନ୍ତି। ଭାରତର ପ୍ରସିଦ୍ଧ ବ୍ୟାଟର ଚେତେଶ୍ୱର ପୂଜାରା ତାଙ୍କୁ ଟସ୍ ପୂର୍ବରୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ। ଜଣେ ପ୍ରତିଭାବାନ ଖେଳାଳି ଭାବେ ୩ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଏହା ଫଳରେ ସେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଡେବ୍ୟୁରେ ସେ ୪ଟି ବଲ୍‌ର ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲିବାରେ ସମର୍ଥ ହୋଇପାରି ନ ଥିଲେ। ସୁଦର୍ଶନ ଡେବ୍ୟୁ କରିବା ଅର୍ଥ ଗତ ୮ ବର୍ଷ ଧରି ଟେଷ୍ଟ ଖେଳିବାକୁ ଅପେକ୍ଷା କରିଥିବା ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନ ନିରାଶ ହୋଇଛନ୍ତି। ଅଭିମନ୍ୟୁ ୧୦୦ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବା ସହ ଗତ ୨ ବର୍ଷ ଧରି ଭାରତ-ଏ'ର ନେତୃତ୍ୱ ନେଇଆସୁଛନ୍ତି। ସୁଦର୍ଶନ ଏହିପରି ପ୍ରଦର୍ଶନ କଲେ ତୃତୀୟ କିମ୍ବା ଚତୁର୍ଥ ଟେଷ୍ଟରେ ଅଭିମନ୍ୟୁ ଡେବ୍ୟୁ କରିବାର ସମ୍ଭାବନା ସୃଷ୍ଟି ହୋଇପାରେ।

## କଳାବ୍ୟାଜ୍ ପିନ୍ଧି ବିମାନ ଦୁର୍ଘଟଣା ମୃତାହତଙ୍କୁ ଶ୍ରଦ୍ଧାଞ୍ଜଳି

ଲିଡ୍ସ, ୨୦।୬ (ଏଜେନ୍ସି): ଅହମ୍ମଦାବାଦ୍ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟରେ ଉଭୟ ଭାରତ ଓ ଇଂଲଣ୍ଡର ଖେଳାଳିମାନେ



ହାତରେ ସମ୍ମାନପୂର୍ବକ କଳାବ୍ୟାଜ୍ ପିନ୍ଧିଥିଲେ। ଏହି ଦୁର୍ଘଟଣାରେ ବିମାନରେ ଥିବା ୨୪୨ ଜଣ ଯାତ୍ରୀଙ୍କ ମଧ୍ୟରୁ ଜଣେ ବଞ୍ଚିଥିଲେ। ମୋଟ ୨୭୫ ଜଣ ମୃତ୍ୟୁବରଣ କରିଥିଲେ। ବିମାନରେ ୬୯ ଜଣ ଭାରତୀୟ ଓ ୫୩ ଜଣ ଇଂଲଣ୍ଡ ଅଧିବାସୀ ରହିଥିଲେ।

## ୮ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଲେ ନାୟାର

ଲିଡ୍ସ,୨୦।୬ (ଏଜେନ୍ସି): ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଗାରତର ଚୂଡ଼ାନ୍ତ ଏକାଦଶରେ କେଳିବାର ସ୍ଥାନ ପାଇଛନ୍ତି କରୁଣ ନାୟାର।



ଏଠାରେ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟ ଖେଳି ଦ୍ୱିଶତକ (୨୦୪) ହାସଲ କରିବା ପରେ କରୁଣଙ୍କୁ ପ୍ରଥମ ଟେଷ୍ଟ ଖେଳିବା ସୁଯୋଗ ମିଳିଛି। ଏହା ଫଳରେ ସେ ଦୀର୍ଘ ୮ ବର୍ଷ ପରେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ସୁଯୋଗ ପାଇଛନ୍ତି। ୨୦୧୬ରେ ସେ ଇଂଲଣ୍ଡ ବିପକ୍ଷରେ ଖେଳି ଭାରତର ଦ୍ୱିତୀୟ ଖେଳାଳିଭାବେ ଟେଷ୍ଟରେ ତ୍ରିଶତକ କରିଥିଲେ। ଏହା ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏବେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ୮ ବର୍ଷ ପରେ ଜାତୀୟ ଦଳକୁ ଫେରିଛନ୍ତି।

● ଘରୋଇ କ୍ରିକେଟରେ ବୟସ ଜାଲିଆତି

## ଦ୍ୱିତୀୟ ବୋନ୍ ଟେଷ୍ଟ ଲାଗି ବିସିସିଆଇର ଅନୁମତି

ନୂଆଦିଲ୍ଲୀ,୨୦।୬ (ଏଜେନ୍ସି): ଭାରତର ଘରୋଇ କ୍ରିକେଟରେ ବୟସ ଜାଲିଆତି ବନ୍ଦ କରିବା ଲାଗି ଅନେକ ପ୍ରକାର ପଦକ୍ଷେପ ନିଆଯାଉଛି। ଏହା ଫଳରେ ଅଧିକ ବୟସର ଖେଳାଳିମାନେ ଯେପରି କମ ବୟସ ଗ୍ରୁପ୍‌ରେ ଖେଳି ନ ପାରିବେ, ସେଥିଲାଗି ଦେଶର ସର୍ବୋଚ୍ଚ କ୍ରିକେଟ ସଂସ୍ଥା ବିସିସିଆଇ ନିକଟରେ ଖେଳାଳିମାନଙ୍କର ଦ୍ୱିତୀୟ ବୋନ୍ ଟେଷ୍ଟ କରିବାକୁ ଅନୁମତି ଦେଇଛି। ଏହା ଫଳରେ ବୟସ ଜାଲିଆତି କରୁଥିବା ଯୁବ ଖେଳାଳିମାନେ ଧରାପଡ଼ିବେ। ଏବେ ବିସିସିଆଇ ପକ୍ଷରୁ କରାଯାଉଥିବା ବୋନ୍ ଟେଷ୍ଟରେ ଯେତିକି ବୟସ ଜଣାଯିବ, ସେଥିରେ ବିସିସିଆଇ ଗୋଟିଏ ବର୍ଷ ଅଧିକ ଯୋଡି ଏହାକୁ ଚୂଡ଼ାନ୍ତ କରୁଥିଲା। ଫଳରେ ଅନେକ ଖେଳାଳି କ୍ଷତିଗ୍ରସ୍ତ ହେଉଥିଲେ। ଏବେ ଦ୍ୱିତୀୟ ବୋନ୍ ଟେଷ୍ଟ କରିବାକୁ ଅନୁମତି ଦିଆଯିବା ପରେ ଏଭଳି ସ୍ଥିତି ଆଉ ଉପୁଜିବ ନାହିଁ ବୋଲି କୁହାଯାଉଛି।

## ବିଦର୍ଭରୁ ଖେଳିବେନି କରୁନ୍, ଜିତେଶ

ନାଗପୁର,୨୦।୬ (ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ଜାତୀୟ ଦଳକୁ ଫେରିଥିବା ବ୍ୟାଟର କରୁଣ ନାୟର ଏବଂ ୱିକେଟରକ୍ଷକ ଜିତେଶ ଶର୍ମା ଚଳିତ ଘରୋଇ କ୍ରିକେଟ ସିଜନରେ ବିଦର୍ଭ ପକ୍ଷରୁ ଖେଳିବେ ନାହିଁ। ଏହି ଦୁଇ ବ୍ୟାଟରଙ୍କ ସଫଳତା ବଳରେ ଗତ ସିଜନ ବା ୨୦୨୪-୨୫ରେ ବିଦର୍ଭ ରଣଜୀ ଟ୍ରଫି ଚାମ୍ପିଅନ, ବିଜୟ ହଜାରେ ଟ୍ରଫିରେ ରନର୍ସ ଅପ୍ ଓ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟରେ କ୍ୱାର୍ଟର ଫାଇନାଲ ଖେଳିଥିଲା। ୩୩ ବର୍ଷୀୟ ନାୟାର ବିଦର୍ଭ ବ୍ୟାଟିଂରେ ମେରୁଦଣ୍ଡ ସାଜିଥିଲେ। ରଣଜୀରେ ସେ ୮୬୩ ଓ ବିଜୟ ହଜାରେ ଟ୍ରଫିରେ ୭୭୯ ରନ୍ କରିଥିଲେ। ଏବେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଏହି ବ୍ୟାଟର ପାରିବାରିକ କାରଣ ଲାଗି ନିଜ ରାଜ୍ୟ କର୍ଣ୍ଣାଟକ ପକ୍ଷରୁ ଖେଳିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ରଣଜୀ ଟ୍ରଫି ଖେଳି ନ ଥିଲେ ମଧ୍ୟ ସୀମିତ ଓଭର ଫର୍ମାଟରେ ଭଲ ପ୍ରଦର୍ଶନ କରିଥିଲେ। ଆଇପିଏଲ୍‌ରେ ଆର୍‌ସିବିକୁ ଚାମ୍ପିଅନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଜିତେଶ ଚଳିତ ସିଜନରେ ବରୋଦା ପକ୍ଷରୁ ଖେଳିବେ ବୋଲି ସ୍ପଷ୍ଟ ହୋଇଛି।

### ନଇମ୍, ହାସନଙ୍କ ଚମତ୍କାର ବୋଲିଂ

# ଶ୍ରୀଲଙ୍କା ବିପକ୍ଷରେ ବାଂଲା ପ୍ରଥମ ଇନିଂସ ଅଗ୍ରଣୀ


ଗଲ୍, ୨୦।୬ (ଏଜେନ୍ସି): ଅଫ୍ ସ୍ପିନର ନଇମ୍ ହସନ ଓ ଫାଷ୍ଟ ବୋଲର ହାସନ ମାମୁଦଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ପ୍ରଥମ ଇନିଂସରେ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ୍ ନିଶାଙ୍କାଙ୍କ ୧୮୭ ଓ କାମିନ୍ଦୁ ମେଣ୍ଡିସ୍‌ଙ୍କ ୮୭ ରନ୍ ସତ୍ତ୍ୱେ ଘରୋଇ ଦଳ ୪୮୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ନଇମ୍ ହସନ ୫ଟି ଓ ହାସନ ମାମୁଦ ୩ଟି ୱିକେଟ ନେଇ ବାଂଲାଦେଶକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ୧୦ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିବା ପରେ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୩ ୱିକେଟରେ ୧୭୭ ରନ୍ କରିଛି। ଏହା ଫଳରେ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଭ୍ରମଣକାରୀ ବାଂଲାଦେଶ ହାତରେ ୭ ୱିକେଟ ବାକି ରଖି ମୋଟ ୧୮୭ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୫୬ ଓ ମୁସ୍‌ଫିକର ରହିମ ୨୨ ରନ୍‌ରେ ବ୍ୟାଟିଂ କରୁଥିଲେ। କିନ୍ତୁ ଓପନର ସଦ୍‌ମାନ ଇସ୍‌ଲାମ ୭୬ ରନ୍ କରି



ବାଂଲାକୁ ବିପଦରୁ ଉଦ୍ଧାର କରିଥିଲେ। ପୂର୍ବରୁ ଦଳ ୬୦ ରନ୍‌ରେ ୨ଟି ଓ ୧୨୮ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ସାଣ୍ଟୋ ଓ ମୁସ୍‌ଫିକର ଅବିଭକ୍ତ ଚତୁର୍ଥ ୱିକେଟରେ ପୁଣିଥରେ ଦମ୍‌ଦାର ବ୍ୟାଟିଂ କରି ୪୯ ରନ୍ ଉଠାଇଥିଲେ।

## ଏକା ଲଢ଼ିଲେ କାମିନ୍ଦୁ

ଗତକାଲି ଶ୍ରୀଲଙ୍କା ଦଳର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟରେ ୩୬୮ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଦଳ ନିକଟରେ ଦୁଇ ଶ୍ରେଷ୍ଠ ବ୍ୟାଟର କାମିନ୍ଦୁ ମେଣ୍ଡିସ୍ ଓ ଧନଞ୍ଜୟ ଡି ସିଲଭା କ୍ରିଜ୍‌ରେ ଉପସ୍ଥିତ ଥିଲେ। ଏହା ସତ୍ତ୍ୱେ ଦଳ ବାକିଥିବା ୬ ୱିକେଟ ବିନିମୟରେ ଆଉ ୧୧୭ ରନ୍ କରିପାରି ଥିଲା। ଏମାନଙ୍କ ମଧ୍ୟରେ କେବଳ କାମିନ୍ଦୁ ମେଣ୍ଡିସ୍ ୮୭ ରନ୍



କରି ବାଂଲା ବୋଲରଙ୍କୁ ଉଚିତ ମୁକାବିଲା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲନ ପ୍ରିୟନାଥ ରତନାୟକେ ୩୯ ଓ ଧନଞ୍ଜୟ ୧୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ବାଂଲା ପକ୍ଷରୁ ଅଫ୍ ସ୍ପିନର ନଇମ୍ ହାସନ ସର୍ବାଧିକ ୫ଟି ୱିକେଟ ନେଇ ବାଂଲାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଫାଷ୍ଟ ବୋଲର ହାସନ ମାମୁଦ ୩ଜଣ ଖେଳାଳିଙ୍କୁ ଆଉଟ କରି ଉପଯୁକ୍ତ ସହାୟତା ଦେଇଥିଲେ। ପୂର୍ବରୁ ଘରୋଇ ମାଟିରେ ପ୍ରଥମ ଶତକ ହାସଲ କରିଥିବା ଶ୍ରୀଲଙ୍କା ଓପନର ପାଥୁମ ନିଶାଙ୍କା ୧୮୭ ରନ୍‌ର ମାରାଥନ ପାଳି ଖେଳିଥିଲେ।

### ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

# ସେମିରେ କଟକ-ଭୁବନେଶ୍ୱର ମୁକାବିଲା

କଟକ,୨୦।୬ (ସମିସ)

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦୁଇଟି ଯାକ ସେମି ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମି ମୁକାବିଲାରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ ଏବଂ ରେଭେନ୍ସା ଗ୍ରାଉଣ୍ଡ-୨ରେ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର-ବି ଏବଂ କଟକ-ଏ ସାମ୍ନାସାମ୍ନି ହେବେ। ଭୁବନେଶ୍ୱରର ଉଭୟ ଦଳ ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ବରିଷ୍ଠ ବର୍ଗରେ ପ୍ରଥମ ଥର ଟାଇଟଲ ଜିତିଥିବା ସୁନ୍ଦରଗଡର କନିଷ୍ଠ ଦଳ ମଧ୍ୟ ଫାଇନାଲ ଦୌଡ଼ରେ ରହିଛି।

ଆଜି ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର-ଏ ୧୦ ୱିକେଟରେ ଝାରସୁଗୁଡାକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ୫୮ ରନରେ ଅଲଆଉଟ ହୋଇଥିଲା। ଭୁବନେଶ୍ୱର-ଏର ପ୍ରଜ୍ଞା କୁମାର ପତ୍ରୀ ଏବଂ ଚନ୍ଦ୍ରାଂଶୁ ବାଘେଲ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଦୁଇ ଓପନର ଆୟୁଷ ଚାନ୍ଦ(୩୨ରନ) ଏବଂ ଶ୍ରେୟାଂଶୁ ପଟ୍ଟନାୟକ(୨୩ରନ) ୧୪.୫ ଓଭରରେ ଦଳକୁ ଜିତାଇଥିଲେ। ଚନ୍ଦ୍ରାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ



ଚନ୍ଦ୍ରାଂଶୁ ବାଘେଲ



ପ୍ରିୟାଂଶୁ ମହାନ୍ତି



ଶୁଭାଶିଷ ମଲ୍ଲିକ



କିଶାନ ଆହିର

ଭୁବନେଶ୍ୱର-ବି ୪ ୱିକେଟରେ କଟକ-ବିକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମି ରାଉଣ୍ଡରେ ପ୍ରବେଶ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ବି ୯ ୱିକେଟ ହରାଇ ୨୬୯ରନ ସଂଗ୍ରହ କରିଥିଲା। ବାଦଲ ମଲ୍ଲିକ ସର୍ବାଧିକ ୭୨ରନ କରିଥିଲେ। ଭୁବନେଶ୍ୱର-ବି ତରଫରୁ ଶୁଭ୍ରକାନ୍ତ ପରିଡ଼ା ୪ଟି ୱିକେଟ ଦଖଲ କରିଥିଲେ। ଶୁଭାଶିଷ ମଲ୍ଲିକଙ୍କ ୧୨୭ରନ ସହାୟତାରେ ଭୁବନେଶ୍ୱର-ବି ବିଜୟ ହାସଲ କରିଥିଲା। ଶତକୀୟ ପାଳି ଖେଳିଥିବା ଶୁଭାଶିଷ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲରେ କଟକ-ଏ ୭ ୱିକେଟରେ ଖୋର୍ଦ୍ଧାକୁ ହରାଇଥିଲା। ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ୪୫ରନ ସତ୍ତ୍ୱେ ଖୋର୍ଦ୍ଧାର ଇନିଂସ ୭୮ରନରେ ସୀମିତ ରହିଥିଲା। କଟକ-ଏର ପ୍ରିୟାଂଶୁ ମହାନ୍ତିଙ୍କୁ ୩ଟି ୱିକେଟ ମିଳିଥିଲା। ୧୬.୩ ଓଭରରେ କଟକ-ଏ ବିଜୟୀ ହୋଇଥିବା ବେଳେ ଅବଦୁଲ ଲତିଫ ଅପରାଜିତ ୩୬ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ପ୍ରିୟାଂଶୁଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଖୋର୍ଦ୍ଧାର ବିଜେବି ମିନି ଷ୍ଟାଡିୟମରେ ସୁନ୍ଦରଗଡ ଏବଂ କେନ୍ଦ୍ରାପଡା ଭିତରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। କିଶାନ ଆହିରଙ୍କ ଅପରାଜିତ ୬୩ରନ ବଳରେ ସୁନ୍ଦରଗଡ ୮ ୱିକେଟ ବିନିମୟରେ ୧୭୮ରନ କରିଥିଲା। କେନ୍ଦ୍ରାପଡାର କୁବେର ସାହୁ ଏବଂ ଇଶାନ ପାତ୍ର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୧୭୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କେନ୍ଦ୍ରାପଡା ୮୬ରନରେ ଅଲଆଉଟ ହୋଇଥିଲା। କିଶାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ବିଶ୍ୱ ପାରା ଆଥ୍‌ଲେଟିକ୍ ଚାମ୍ପିଅନସିପ୍

# ମାସ୍କଟ, ଲୋଗୋ ଉନ୍ମୋଚିତ



ଭୁବନେଶ୍ୱର,୨୦।୬ (ସମିସ): ଆଜିଠାରୁ ଠିକ୍ ୧୦୦ ଦିନ ପରେ ନୂଆଦିଲ୍ଲୀରେ ଆରମ୍ଭ ହେବ ବିଶ୍ୱ ଆଥ୍‌ଲେଟିକ୍ ଚାମ୍ପିଅନସିପ୍। ଏଥିଲାଗି ଆୟୋଜକ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀରେ ଆଜି ଲୋଗୋ ଓ ମାସ୍କଟ ଉନ୍ମୋଚନ ହୋଇଯାଇଛି। ଏହି ମାସ୍କଟର ନାମ ରଖାଯାଇଛି ବିରାଟ। ଏକ ଛୋଟିଆ ହାତୀ ଛୁଅକୁ ମାସ୍କଟ ଭାବେ ଗ୍ରହଣ କରାଯାଇଛି। ଏହା ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କ ବଳ ଓ ଦକ୍ଷତାକୁ ଦର୍ଶାଇଛି। ସେହିପରି ଭାରତର



ସଂସ୍କୃତି ଓ ଐତିହ୍ୟକୁ ପ୍ରତିନିଧିତ୍ୱ କରୁଛି ଲୋଗୋ। ଲୋଗୋ ଓ ମାସ୍କଟ ଉନ୍ମୋଚନ ଉତ୍ସବରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଓ ସାଂସଦ କଙ୍ଗନା ରାଣାୱତ, ବିଶ୍ୱ ପାରାଆଥଲେଟିକ୍‌ସର ସଭାପତି ପଲ୍ ଫିଜଗେରାଲ୍ଡ ଓ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝଝରିଆ ପ୍ରମୁଖ ଉପସ୍ଥିତ ଥିଲେ।

ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

# ସୁବ୍ରତଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କଲେ ରାକେଶ

ଭୁବନେଶ୍ୱର,୨୦।୬ (ସମିସ): ରାଜ୍ୟର ଏକ ନମ୍ବର ତଥା ବରିଷ୍ଠ ଖେଳାଳି ସୁବ୍ରତ ଦାସଙ୍କୁ ହରାଇ ଯୁବ ଖେଳାଳି ରାକେଶ ମହାନ୍ତି ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ରାକେଶ ଏତିକିରେ ସନ୍ତୁଷ୍ଟ ନ ହୋଇ ଦ୍ୱିତୀୟ ରାଉଣ୍ଡରେ ଅନ୍ୟତମ ପୁରୁଖା ଖେଳାଳି ଜିତେନ ଷଡଙ୍ଗୀଙ୍କୁ ପରାସ୍ତ କରିଛନ୍ତି। ରାକେଶ ଗୋଟିଏ ଦିନରେ ଦୁଇ ଜଣ ବଡ଼ ଖେଳାଳିଙ୍କୁ ହରାଇ ତାଙ୍କ ପ୍ରତିଭାର ପରିଚୟ ଦେଇଛନ୍ତି। କିନ୍ତୁ ରାଜ୍ୟର ବିଶିଷ୍ଟ ଖେଳାଳି ଆଶୁତୋଷ ପାଢ଼ୀ, ଡାକ୍ତର ରାକେଶ ରୋଶନ ପ୍ରଧାନ,



ସିଦ୍ଧାର୍ଥ ସେନ୍, ନିଶାନ୍ତ ବିଶ୍ୱାଳ, ଅଲତାଫ୍ ଅଲି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଶେଷରେ ଜ୍ଞାନରଞ୍ଜନ ଦାସ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ କ୍ୱାର୍ଟର ଫାଇନାଲ ସ୍ଥାନ ଲାଗି ମୁକାବିଲା ଚାଲିଛି। ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଆସନ୍ତା ୨୨ ତାରିଖଯାଏ ଚାଲିବ। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS